DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୩୯ Vol. 21 No-339 9 MARCH 2025 SUNDAY BHUBANESWAR ରବିବାର, ୯ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ଦିଲ୍ଲୀପ ସିଂ ଜୁଦେବଙ୍କୁ ଶ୍ରଦ୍ଧାଞ୍ଜଳି | ୬



ପ୍ରତ୍ୟେକ ମହିଳାଙ୍କୁ ମାସିକ ୨୫୦୦ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୩୩୯ Vol. 21 No-339 9 MARCH 2025 SUNDAY BHUBANESWAR ରବିବାର, ୯ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ମହିଳା ଦିବସରେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

# ‘ସୁଭଦ୍ରା’ ଏକ ବିପ୍ଳବ



**୧ କୋଟି ମହିଳା ପାଇଲେ ଦ୍ୱିତୀୟ କିସ୍ତି**

**ମହିଳା ହିଂସାରେ ଲିପ୍ତ ବ୍ୟକ୍ତିଙ୍କର ସମାଜରେ ସ୍ଥାନ ନାହିଁ**

**ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ**

**୪୯୩ କୋଟିର ଭିତ୍ତିପ୍ରସ୍ତର, ୧୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ**

ଭୁବନେଶ୍ୱର,୮।୩(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା’ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି । ସବୁ ମା’ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ, ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ ମାସରେ କ’ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ ଦେଉଥିଲେ, ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ସେ ଆହୁରି ମଧ କହିଥିଲେ ଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ୍ୟ ମା’ ଗର୍ଭରେ ୯ ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରି ପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷରେ ଏମଏସପି ଠାରୁ • ପୃଷ୍ଠା ୫ ଦେଖନ୍ତୁ

## ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ମୋଦୀ

# ମହିଳା ମୋ ଶକ୍ତି, ସୁରକ୍ଷା କବଚ



ନୂଆଦିଲ୍ଲୀ,୮।୩: ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁଜରାଟର ନଭସାରୀରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ନିଜ ଅଭିଭାଷଣରେ ମୋଦୀ କହିଥିଲେ, ମହିଳାଙ୍କ ଆଶୀର୍ବାଦ ମୋ ପାଇଁ ଶକ୍ତି। ଏହା ମୋର ସବୁଠୁ ବଡ଼ ପୁଞ୍ଜି। ମୋର ସୁରକ୍ଷା କବଚ। ମୁଁ ଗର୍ବରେ କହିବି, ଦୁନିଆର ସବୁଠୁ ଧନୀବ୍ୟକ୍ତି ହେଉଛି ମୁଁ । ନାରୀଙ୍କ ସମ୍ମାନ, ସମାଜ ଏବଂ ଦେଶର ବିକାଶର ପ୍ରଥମ ସୋପାନ। ବିକଶିତ ଭାରତ ପାଇଁ ମହିଳାଙ୍କ ନେତୃତ୍ୱାଧୀନ ରାସ୍ତାରେ ଚାଲିବାକୁ ହେବ ବୋଲି ସେ କହିଥିଲେ। ସେ ଏହି ପବିତ୍ର ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ମୁଁ ଗର୍ବର ସହିତ • ପୃଷ୍ଠା ୫ ଦେଖନ୍ତୁ

## ■ କର୍ଣ୍ଣାଟକରେ ଲଜ୍ଜା ■

# ବିଦେଶିନୀଙ୍କୁ ଗଣଦୁଷ୍କର୍ମ, ଓଡ଼ିଆ ଯୁବକଙ୍କୁ ହତ୍ୟା

- **ଉଦ୍ଧାର ପାଇଲେ ଦୁଇ ପୁରୁଷ ବନ୍ଧୁ**
- **ଦୁଇ ଯୁବତୀଙ୍କୁ ଗଣଦୁଷ୍କର୍ମ ନେଇ ମାମଲା**
- **ତଦନ୍ତ ପାଇଁ ୬ଟି ସ୍ୱତନ୍ତ୍ର ଟିମ୍**

ବେଙ୍ଗାଲୁରୁ,୮।୩: କର୍ଣ୍ଣାଟକର ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହମ୍ପି ନିକଟରେ ଏକ ଚକିତ କରିଦେବା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ଇସ୍ରାଏଲର ଜଣେ ୨୭ ବର୍ଷୀୟ ଯୁବତୀ ପର୍ଯ୍ୟଟକ ଓ ଅନ୍ୟଜଣେ ମହିଳାଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବାବେଳେ ତାଙ୍କ ସହ ଥିବା ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଏହି ଦୁଇ ମହିଳା ସେମାନଙ୍କ ପୁରୁଷ ବନ୍ଧୁଙ୍କ ସହ ସାନାପୁର ହ୍ରଦ ନିକଟରେ ବସିଥିଲେ। ପୋଲିସ କହିଛି, ପୀଡ଼ିତା ମହିଳା ୩ଜଣ ଅନ୍ୟ ପୁରୁଷ ପର୍ଯ୍ୟଟକଙ୍କ ସହ ହ୍ରଦ କୂଳରେ ବସିଥିଲେ। ତାଙ୍କ ଭିତରେ ଜଣେ ଆମେରିକୀୟ ନାଗରିକ ଥିବାବେଳେ ଦୁଇଜଣ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରେ ଜଣେ ମହାରାଷ୍ଟ୍ରର ଓ ଅନ୍ୟ ଜଣେ ଓଡ଼ିଶାର। ସମସ୍ତେ ହ୍ରଦ ପାଖରେ ବସି ଗୀତ ଶୁଣୁଥିଲେ। ଏହି ସମୟରେ ୩ଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କୁ ପେଟ୍ରୋଲ ମାଗିଥିଲେ ଓ ୧୦୦ଟଙ୍କା ମଧ୍ୟ ଦେବାକୁ କହିଥିଲେ। ସମସ୍ତେ ଟଙ୍କା ଦେବାକୁ ମନା କରିବାରୁ ଯୁକ୍ତିତର୍କ ହୋଇଥିଲା। ଏହାପରେ ୩ଜଣ ଅଭିଯୁକ୍ତ ପୁରୁଷ ବନ୍ଧୁମାନଙ୍କ ଉପରେ ଆକ୍ରମଣ କରିବା ସହ ହ୍ରଦକୁ ପେଲି ଦେଇଥିଲେ। ଏହାପରେ ସେମାନେ ଦୁଇଜଣ ମହିଳାଙ୍କ ସହ ଦୁଷ୍କର୍ମ କରିଥିଲେ। ଘଟଣା ଘଟାଇବା ପରେ ଅଭିଯୁକ୍ତ • ପୃଷ୍ଠା ୫ ଦେଖନ୍ତୁ

## ଭାରତୀୟ ପାଣିପାଗ ବିଭାଗର ସୂଚନା

# ପାରଦ ଛୁଇଁବ ୪୦ ଡିଗ୍ରୀ



ଭୁବନେଶ୍ୱର,୮।୩(ଭାସ୍କର ନ୍ୟୁଜ): ସକାଳେ ହାଲୁକା ଶୀତ। ପୂର୍ବାହ୍ନରେ ଟାଇଁ ଟାଇଁ ଖରା। ମଧ୍ୟାହ୍ନରେ ଝାଳବୁହା ଗ୍ରୀଷ୍ମପ୍ରବାହ। ଗତ କିଛିଦିନ ହେବ ସାରା ରାଜ୍ୟରେ ଏଭଳି ପାଣିପାଗ ଦେଖିବାକୁ ମିଳୁଛି। ଯଦିଓ ଖରାର ପ୍ରକୋପ ବୃଦ୍ଧି ପାଇଛି, ତେବେ ଆଗାମୀ ଦିନରେ ଏହା ଭୟଙ୍କର ରୂପ ନେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ରବିବାରଠାରୁ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏପରିକି ଭାରତୀୟ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ଅତିରିକ୍ତ ସଚିବ

# ର୍‍ୟାଙ୍କକୁ ଗଲେ ବିଶାଳ ଗଗନ



ନୂଆଦିଲ୍ଲୀ,୮।୩ : ୧୯୯୮ ବ୍ୟାଚ୍ ଆଇଏଏସ୍ ଅଫିସର ବିଶାଳ ଗଗନ କେନ୍ଦ୍ର ଅତିରିକ୍ତ ସଚିବ ର୍‍ୟାଙ୍କକୁ ପଦୋନ୍ନତି ପାଇଛନ୍ତି। ସମ୍ପ୍ରତି ସେ ଦିଲ୍ଲୀରେ ଆବାସିକ କମିଶନର ଅଛନ୍ତି। କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ଏହି ପଦୋନ୍ନତି ଦେଇଛନ୍ତି।

## ବିଶ୍ୱବ୍ୟାଙ୍କ ରିପୋର୍ଟ

# ୨୦୪୭ ସୁଦ୍ଧା ଭାରତ ହେବ ଅର୍ଥନୀତି ସମ୍ରାଟ୍ !

ନୂଆଦିଲ୍ଲୀ,୮।୩: ବିପଦରେ ପଡ଼ିଛି ଭାରତର ଧନୀ ରାଷ୍ଟ୍ରହେବାର ସ୍ୱପ୍ନ। ଭାରତକୁ ଉଚ୍ଚ ଆୟସମ୍ପନ୍ନ ଦେଶ ହେବାକୁ ହେଲେ ୨୦୪୭ ସୁଦ୍ଧା ୭.୮ ପ୍ରତିଶତ ଦ୍ରୁତଗତିରେ ବିକାଶ କରିବାକୁ ପଡ଼ିବ। ନଚେତ୍ ଧନୀରାଷ୍ଟ୍ର ହେବାର ସ୍ୱପ୍ନ ସ୍ୱପ୍ନରେ ରହିଯିବ। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ ସ୍ପଷ୍ଟଭାବେ କୁହାଯାଇଛି ଯେ ଏବେ ଭାରତରେ ସ୍ଥିତି ଯେପରି ଅଛି, ତାହା ଯଦି ଆଗାମୀ ଦିନରେ ଜାରି ରହେ ତେବେ ଦେଶ କେବେ ବି ଆଗକୁ ବଢିପାରିବ ନାହିଁ । ଆମକୁ ବିଜୁଳି ବେଗରେ ବିକାଶ ଆଣିବାକୁ ପଡ଼ିବ। ତଥାପି ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତିରେ ଯଥେଷ୍ଟ ଅଗ୍ରଗତି ଘଟିଛି। ଏହା ପ୍ରକୃତ ପକ୍ଷରେ ୪ଗୁଣ ବୃଦ୍ଧି ପାଇଛି ଏବଂ ପ୍ରତି ବ୍ୟକ୍ତିର ଆୟ ପ୍ରାୟ ୩ ଗୁଣ ବଢିଛି। ଆଜି • ପୃଷ୍ଠା ୫ ଦେଖନ୍ତୁ

ଆପଣଙ୍କ ଅଗ୍ରିମ କର ଏକ ନିବେଶ ଅଟେ
ଆପଣଙ୍କ ଆଜି ପାଇଁ
ଏବଂ ସେମାନଙ୍କ କାଲି ପାଇଁ



ଆପଣଙ୍କ ଅଗ୍ରିମ କର ରାଷ୍ଟ୍ର ନିର୍ମାଣ କରେ

ଆପଣଙ୍କ ଅଗ୍ରୀମ କରର ଚତୁର୍ଥ କିସ୍ତି ପ୍ରଦାନ କରନ୍ତୁ
୧୫ ମାର୍ଚ୍ଚ, ୨୦୨୫ ସୁଦ୍ଧା

ଟିକସଦାତା ଅଗ୍ରୀମ ଟିକସ ଦେବାକୁ ଦାୟୀ
▶ ଯେକୌଣସି କରଦାତା, ବେତନଭୋଗୀ କର୍ମଚାରୀଙ୍କ ସମେତ, ଯାହାଙ୍କର ଆର୍ଥିକ ବର୍ଷ ପାଇଁ କର ଦାୟିତ୍ୱ କଟାଯାଇଥିବା / ଉତ୍ସରେ ସଂଗୃହିତ କର ଦ୍ୱାରା ହ୍ରାସ ପାଇ ଟ.୧୦୦୦୦ କିମ୍ବା ଅଧିକ ଥିବ।
▶ ବ୍ୟବସାୟ / ବୃତ୍ତିରୁ ଆୟ ନଥିବା ବାସିନ୍ଦା ବରିଷ୍ଠ ନାଗରିକମାନେ ଦେୟ ଦେବାକୁ ଦାୟୀ ନୁହଁନ୍ତି।

ଦେୟ ପଦ୍ଧତି
▶ ସମସ୍ତ କର୍ପୋରେଟ୍ ଏବଂ ମୂଲ୍ୟାଙ୍କନକାରୀଙ୍କ ପାଇଁ ଇ-ପେମେଣ୍ଟ ବାଧ୍ୟତାମୂଳକ, ଯାହାର ଆକାଉଣ୍ଟଗୁଡିକ ଆୟକର ଅଧିନିୟମ, ୧୯୬୧ର ଧାରା ୪୪ଏବି ଅନୁଯାୟୀ ଅଡିଟ୍ ହେବା ଆବଶ୍ୟକ।
▶ ଇ-ପେମେଣ୍ଟ ଅନ୍ୟ ଟିକସଦାତାମାନଙ୍କ ପାଇଁ ମଧ ସୁବିଧାଜନକ କାରଣ ଏହା ସଠିକ୍ ଋଣ ସୁନିଶ୍ଚିତ କରେ।

ସୂଚନା

| ଧାର୍ଯ୍ୟ ତାରିଖ | ପରିମାଣ |
|---|---|
| ମାର୍ଚ୍ଚ ୧୫, ୨୦୨୫ ପୂର୍ବରୁ | ୧୦୦% ଅଗ୍ରୀମ କର ଦେୟ |

ସ୍ୱଳ୍ପ / ଅଣ-ଦେୟ କିମ୍ବା ଅଗ୍ରୀମ ଟ୍ୟାକ୍ସର ବିଳମ୍ବ ଦେୟ ଉପରେ ସୁଧ ପ୍ରଦାନ କରାଯିବ

cbc 15401/13/0021/2425

For e-Brochures scan QR Code
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ
ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ www.incometax.gov.in
For more information scan QR Code
@IncomeTaxIndia @IncomeTaxIndia.Official @IncomeTaxIndiaOfficial @Income Tax India @Income Tax India Official

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଶୁଳିଆପଦା(ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ସମ୍ମିଳନୀ କକ୍ଷରେ ଟିପିଏନଓଡିଏଲ୍ ଶୁଳିଆପଦା ସେକ୍ସନ୍ ତରଫରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ପଦ୍ମ କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି,ବିଡିଓ ଅନୁପମା ଘୋଷ,୫୪ ନଂ. ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ,୫୩ ନଂ.ଜିଲ୍ଲା ପରିଷଦ ସଦସ୍ୟା ମୀରାଲତା ସିଂ,ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ୍ ବାରିକ୍,ସହକାରୀ ଯନ୍ତ୍ରୀ ନନ୍ଦ କିଶୋର ସରେନ୍,ଜିପିଓ ସୁଶାନ୍ତ କୁମାର ରାଉଳ,ଟିପିଏନଓଡିଏଲ୍ ଡିଭିଜନ କାର୍ଯ୍ୟାଳୟର ମାନସ କୁମାର ଶୁକ୍ଲାଙ୍କ ସହିତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ, ପିଇଓ, ଏଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ମୋ ବିଦ୍ୟୁତ୍ ପୋର୍ଟାଲ୍ ବ୍ୟବହାର, ମିସ୍ କଲ୍ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗର ପ୍ରକ୍ରିୟା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ପେମେଣ୍ଟ କରି କିପରି ୧୪% ଛାଡ ପାଇବା, ସ୍ମାର୍ଟ ମିଟର ବାବଦରେ ଉପଲବ୍ଧ ସୁବିଧା,ପିଏମ୍ ସୌରଘର, ବଦ୍ୟୁତ୍ ସେବା ପାଇଁ ଉପଲବ୍ଧ ବିଭିନ୍ନ ଟୋଲ୍ ଫ୍ରି ନମ୍ବର ର ବ୍ୟବହାର ସହିତ ଟାଟା ପାୱାର୍‌ର ବିଭିନ୍ନ ସେବା ଓ ଜନକଲ୍ୟାଣ ମୂଳକ କାର୍ଯ୍ୟ ବାବଦରେ ଶ୍ରୀଯୁକ୍ତ ଜେନା ଓ ଶ୍ରୀଯୁକ୍ତ ଶୁକ୍ଲା ପ୍ରୋଜେକ୍ଟ ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଧ୍ରୁବ ଚରଣ ମହାନ୍ତ,ଗୌରାଙ୍ଗ ଚରଣ ଗିରି, ଅଞ୍ଜନ କୁମାର ଗିରି, ଜଗଜିତ୍ ପଣ୍ଡିତ୍,ଶ୍ୟାମ ନାଏକ୍,ପରିମଳ ମହାନ୍ତ, ଦେବାଶିଷ ଦାସ୍ ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ଲକ୍ଷ ଟଙ୍କା ପାଣିରେ ପଡିଲା,କାମରେ ଆସିଲାନି ରାସ୍ତା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ସାଧାରଣରେ କୁହାଯାଏ ସରକାର କା ମାଲ ଦରିଆ ମେଁ ଡାଲ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଂଚାୟତରେ। ଅସୁରେଶ୍ୱର ଗ୍ରାମପଂଚାୟତ କେନ୍ଦିଲୋ ବାବା ତାରକଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ କୌଣସି ସରକାରୀ ରାସ୍ତା ନଥିଲା। ବର୍ଷାଦିନେ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବୋପରି ଅଭିଭାବକମାନେ ଗମନା ଗମନ କରିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିଲେ। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଏହି ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ସରକାରଙ୍କ ତରଫରୁ




୨ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ପାଇଁ ମଞ୍ଜୁର କରାଯାଇଥିଲା। ବିଭାଗୀୟ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ୧୦୦ମିଟର ରାସ୍ତାରେ ନାମକୁ ମାତ୍ର ମେଟାଲ ଓ ମୋରମ ପକାଯାଇଥିଲା। ଏହି ରାସ୍ତାରେ ରୋଲର ଦ୍ୱାରା ରୋଲିଂ କରାଯାଇନଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ବିଭାଗୀୟ ଅଧିକାରୀ ମନଇଛା ଏହି ରାସ୍ତା ନିର୍ମାଣ କରିଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଅଟକଳ ଅନୁଯାୟୀ କରାଯାଇନଥିଲା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇଥିବାର ଅଭିଯୋଗ ହୋଇଛି। ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନ ବାହାନ ଗମନା ଗମନ କରିବା ତ ଦୂରର କଥା ଏପରିକି ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ଅଟେ। ତେବେ ଏହି ରାସ୍ତା ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାରୁ ମେଟାଲ ଓ ଗୋଡି ବାହାରିଯାଇ ରାସ୍ତା ସାରା ବିକ୍ଷିପ୍ତ ହୋଇ ପଡିଥିବାର ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତାଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଯାଇଆସି ପାରୁନଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି।

## ସମଲ ଅତ୍ୟାଧୁନିକ ଥାନା ଉଦ୍‌ଘାଟିତ

କଣିହାଁ(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲା କଣିହାଁ ବ୍ଲକ ଅଧିନସ୍ଥ ସମଲ ଅତ୍ୟାଧୁନିକ ଥାନା ଶୁକ୍ରବାର ଦିନ ଉଦଘାଟିତ ହେଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାଷୀ କାର୍ଯ୍ୟକ୍ରମ ମାଧ୍ୟମରେ ସମଲ ଅତ୍ୟାଧୁନିକ ଥାନାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୧୦ଟି ଜିଲ୍ଲାର ୧୪ଟି ଅତ୍ୟାଧୁନିକ ଥାନା ଉଦଘାଟନ କରିଛନ୍ତି। ରାଜ୍ୟରେ ସାଧାରଣ ଜନତାଙ୍କ ପ୍ରତି ପୁଲିସର ସେବା, ସାମର୍ଥ୍ୟ,ସାହସ ଓ ସମର୍ପଣ ଭାବ ରଖିବା ପାଇଁ ବିଭାଗକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଖୁବ୍ ଶୀଘ୍ର ୫ହଜାର ଗୃହରକ୍ଷୀ ପଦବୀ ପୂରଣ,ଦରମା ବୃଦ୍ଧି,ପ୍ରତି ଥାନାକୁ ଅତିରିକ୍ତ ୬ଟି ମୋଟର ସାଇକେଲ ଓ ୧ଟି ମହିନ୍ଦ୍ରା କମ୍ପାନୀର ଦ୍ରୁତତମ ୪ଚକିଆ ସ୍କର୍ପିଓ ସହ ଆହୁରି ଆନୁଷଙ୍ଗିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଥାନାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା, ଅଭ୍ୟର୍ଥନା କକ୍ଷ, ପ୍ରତୀକ୍ଷା କକ୍ଷ ପ୍ରଭୃତି ଅନେକ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗକୁ ତାଗିଦ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ କଣିହାଁ ପଂଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମଲ ବଜାର ସଭାପତି ତୋଷାମଣି ସାହୁ, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା , ପରାବିଲ ସରପଞ୍ଚ କବିତାରାଣି ପ୍ରଧାନ , କୁଲେଇ ସମିତିସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି, ପ୍ରମୁଖ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଅନୁଗୋଳ ଆଡିସିନାଲ ଏସପି ଅନିଲ କୁମାର ବେହୁରିଆ, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ, ସମଲ ଥାନା ଅଧିକାରୀ ଅରୁଣ କୁମାର ଖିଲାର , ଏନଟିପିସି ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀ, କଣିହାଁ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଖମାର ଥାନା ଅଧିକାରୀ ଅରୁଣ ପଣ୍ଡା, ସମଲ ଥାନା ଏସଆଇ ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଅନେକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆମ ପୋଲିସ ସମିତି ଓ ଆଇନ ସଚେତନତା କାର୍ଯ୍ୟକ୍ରମ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଶୁକ୍ରବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପରିସରରେ ଆମ ପୋଲିସ ସମିତି ଓ ଆଇନ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂଙ୍କ ଅଧ୍ୟକ୍ଷତାରେ ବୈଠକରେ ସାଧାରଣ ଲୋକ ତଥା ବୟୋଜ୍ୟେଷ୍ଠ, ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଅପରାଧ ନିୟନ୍ତ୍ରଣରେ ଟେକ୍ନିକାଲ ପ୍ରୟୋଗ ସହ ପ୍ରଭାବଶାଳୀ ଆଇନ ଆଖିରେ ଧୂଳି ଦେଇପାରିବେନି ବୋଲି ଥାନାଅଧିକାରୀ ବକ୍ତବ୍ୟ ରଖିଥିଲେ। ଆମ ପୋଲିସ କାର୍ଯ୍ୟକ୍ରମ ଆୟୋଜନ ଆଭିମୁଖ୍ୟ ଓ ଜନସାଧାରଣ ଙ୍କ ସହିତ ସମ୍ପର୍କ ଯୋଡିବାରେ ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ବରିଷ୍ଠ ଅତିଥିମାନେ ଯୋଗଦେଇ ପୋଲିସ ଜନତାର ବନ୍ଧୁ, ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା ଯୋଗାଇବା ସହିତ ସର୍ବସାଧାରଣଙ୍କୁ ସୁରକ୍ଷା ଦେବା ଓ ବିଭିନ୍ନ କ୍ଷେତ୍ରରେ ନିର୍ଯାତନା ଭୋଗୁଥିବା ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ପୋଲିସ ର ଯେଭଳି ଭୂମିକା ଅଛି ସେହି ଅନୁକ୍ରମରେ ସାଧାରଣ ଜନତାଙ୍କର ପୋଲିସକୁ ସହଯୋଗ କରିବାରେ ଆବଶ୍ୟକତା ଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଯଥା ଆଇପିସି, ସିଆରପିସି ଓ ଆଇଇଏ ହଟିଯାଇ ସାରା ଭାରତରେ ଲାଗୁହୋଇଛି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ସଂହିତା। ନାରୀ ନିର୍ଯାତନା, ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦିଗରେ ପୋଲିସର ଦାୟିତ୍ୱ ଓ ଜନସାଧାରଣ ଙ୍କ ସହଯୋଗ ସମ୍ପର୍କରେ ପୋଲିସ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବି, ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

## ବିଶ୍ୱ ମଙ୍ଗଳ ପାଇଁ ଦୁଇ ଯୁବକଙ୍କ ସାଇକେଲରେ ଚାରିଧାମ ଯାତ୍ରା




ଆସିକା(ଭାସ୍କର ନ୍ୟୁଜ୍): ନିକଟରେ ପ୍ରୟାଗରାଜ ଠାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭ ମେଳା ସମାପ୍ତି ହୋଇଛି। ଏହି କୁମ୍ଭ ମେଳାରେ ପ୍ରଭାବିତ ହୋଇ ବିଶ୍ୱ ମଙ୍ଗଳ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅଧୀନ କଳସୂତା ଗ୍ରାମର ଦୀପକ କୁମାର ଗୌଡ଼ (୧୯)ଓ ଖୋର୍ଦ୍ଧା ଜିଲ୍ଲା ଯାଆଁଳି ଗ୍ରାମର ମଦନ ମୋହନ ପରିଡ଼ା (୨୦) ୩୦୦୦୦ କିଲୋମିଟର ସାଇକେଲ ଯାତ୍ରା କରି ୪ ଧାମ ଦର୍ଶନ କରିବାକୁ ସ୍ଥିର କରି ଏହି ଯାତ୍ରା ପାଇଁ ଆଜି କଳାସୂତା ଗ୍ରାମରେ ନିଜ ବାପା ମାଆଙ୍କୁ ଭୂମିଷ୍ଠ ପ୍ରଣାମ କରିବା ପରେ ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ ଗ୍ରାମବାସୀ ନିଜ ଗୃହରେ ପୂର୍ଣ୍ଣକୁମ୍ଭ ବସାଇ ବନ୍ଦାପନା କରିବା ସହିତ ସମସ୍ତ ଗ୍ରାମବାସୀ ଭଜନ କୀର୍ତ୍ତନ କରିଥିଲେ। ଯାତ୍ରା ସଫଳ ହେବା ପାଇଁ ଗାଁ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ସାଇକେଲ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

## ଧାରଣା ସ୍ଥଗିତ ରଖିଲେ ଶିକ୍ଷକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ହସ୍ତକ୍ଷେପ ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟରତ ଶିକ୍ଷକ ସୀତାକାନ୍ତ ସାମଲ ତାଙ୍କ ଧାରଣାକୁ ସ୍ଥଗିତ ରଖିଥିବାର ପ୍ରକାଶ କରିଛନ୍ତି। ନିଶ୍ଚିନ୍ତକୋଇଲି ମଣ୍ଡଳର ନବ ନିଯୁକ୍ତ ଶିକ୍ଷାଧିକାରିଣୀ ସଞ୍ଜୁକ୍ତା ମହାପାତ୍ର ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରମର୍ଶଦାତା ତଥା ଜନ ସମ୍ପର୍କ ସଂଯୋଜକ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାର ଅଭିଯୋଗ ହୋଇଥିଲା। ଶିକ୍ଷାଧିକାରିଣୀଙ୍କ ଏଭଳି ଆଚରଣରେ ମର୍ମାହତ ହୋଇ ଶ୍ରୀସାମଲ ଆସନ୍ତା ସୋମବାର ଦିନ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତି ଗ୍ରହଣ କରିଥିଲେ। ତେବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଏଥିରେ ହସ୍ତକ୍ଷେପ କରିବା ଯୋଗୁ ଶ୍ରୀସାମଲ ତାଙ୍କର ଧାରଣାକୁ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବାର ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରି ପୋଖରୀ ବ୍ଲକ ଅନ୍ତର୍ଗତ କହରାପୋଖରୀରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶିବିର ଅନୁଷ୍ଠିତ ଶୁକ୍ରବାର ହୋଇଯାଇଅଛି। ଆଜି ବିଷ୍ଣୁପୁର, ଜଳମଣ୍ଡୁଆ,ନଗୁଆଁ, ନିର୍ଗୁଣ୍ଡି,ପାଟୁଳୀ, ବୟାଁବନାପୁର, ରଣଜିତ୍ ଆଦି ୮ ଗୋଟି ଗ୍ରାମ ପଞ୍ଚାୟତ ଅଗ୍ରଣୀ ଚାଷୀମାନଙ୍କୁ ନେଇ ଉଦ୍ୟାନ କୃଷି କର୍ମଶାଳା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବାସୁଦେବପୁର ଉଦ୍ୟାନ କୃଷି ଅଧିକାରିଣୀ ସୋନାଲି ସାହୁ, ଭଣ୍ଡାରିପୋଖରୀ ବ୍ଲକ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶନି ରଥ, ଧାମନଗର ବ୍ଲକ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜ ବିହାରୀ ମିଶ୍ର ଯୋଗ ଦେଇ ଫଳଗଛ, ପନି ପରିବା ଓ ଫୁଲ ଚାଷ ମାଧ୍ୟମରେ ରୋଜଗାର ପନ୍ଥାଗୁଡିକୁ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ



ଆଲୋଚନା କରିଥିବା ବେଳେ ଭଣ୍ଡାରି ପୋଖରୀ କୃଷି ଅଧିକାରୀ ସଞ୍ଜୀବ ମଲ୍ଲିକ କୃଷି ଓ କୃଷକ ସମ୍ପର୍କରେ ଆଲୋଚନା ରଖିଥିଲେ। ଭଣ୍ଡାରିପୋଖରୀ ବ୍ଲକ ଚିତ୍ତରଞ୍ଜନ କର, କଲ୍ୟାଣ ପାଣିଗ୍ରାହୀ ଓ ଅବକାଶ ନାୟକଙ୍କ ପରିଚାଳନାରେ ଶତାଧିକ ଅଗ୍ରଣୀ ଚାଷୀ ଯୋଗ ଦେଇ ଉଦ୍ୟାନ କୃଷି କର୍ମଶାଳା ର ଶିକ୍ଷାକୁ ଉପଭୋଗ କରିଥିଲେ।

## ଆଇନଜୀବୀଙ୍କ ଅକାଳ ବିୟୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର ଜଣାଶୁଣା ବରିଷ୍ଠ ଓକିଲ ଜଗଦୀଶ ଦାସ ଓ ଅଳକା ଦାସଙ୍କ ଦ୍ୱିତୀୟ ପୁତ୍ର ଚନ୍ଦନ ଦାସ (ସାନୁ) ଙ୍କ ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ମେଡିକାଲରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଜଣେ ଶାନ୍ତଶିଷ୍ଟ,ସରଳ,ମେଳାପୀ, ପରୋପକାରୀ ବ୍ୟକ୍ତିଥିଲେ। କିଛିଦିନ ତଳେ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। ପୁଣି ଥରେ ଅସୁସ୍ଥ ଅନୁଭବ କରିବାରୁ ସେ ନିଜେ ତାଙ୍କ ପରିବାର ସହ ଯାଇ ସମ ଅଲଟିମେଟ୍ ହସ୍ପିଟାଲ ଆଇସିୟୁ ରେ, ଭର୍ତ୍ତି ହୋଇଥିଲେ। ଶୁକ୍ରବାର ରାତିରେ ବ୍ରେନଷ୍ଟ୍ରୋକରେ ଚିକିତ୍ସାଧିନ ଭାବେ ମୃତ୍ୟୁବରଣ କରିଥିଲେ।

## ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ




ଜଗତସିଂହପୁର(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ୨୦୨୫ ପାଳନ ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା, ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ଶ୍ରୀ ଜେ ସୋନାଲଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ , ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ରହି ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏଥି ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସବ୍‌କମିଟିର କାର୍ଯ୍ୟକାରୀ ବୈଠକ ଡାକି କାମକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ସମସ୍ତ ଅଧିକାରୀ ଙ୍କୁ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକର ପ୍ରାରମ୍ଭ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ କୁ ଆଗେଇ ନେଇଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଋଣ ମେଳା ଓ ଆର୍ଥିକ ଓ ଡିଜିଟାଲ ସଚେତନତା ଶିବିର

ନୂଆପଡା (ଭାସ୍କର ନ୍ୟୁଜ୍) : ନୂଆପଡା ସଦର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମସ୍ତ ଜାତୀୟ ତଥା ଘରୋଇ ବ୍ୟାଙ୍କ୍ କୁ ନେଇ ନାବାର୍ଡ ପ୍ରାୟୋଜିତ ଏକ ବିରାଟ ଋଣ ମେଳା ଆୟୋଜନ କରାଯାଇଥିଲା। ଏହି ଋଣ ମେଳାରେ ୨୨୫ ଜଣ ହିତାଧୀକାରୀଙ୍କୁ ମୋଟ ୧୪କୋଟି ୮୬ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଋଣ ମେଳାରେ ନାବାର୍ଡ ଜିଲ୍ଲା ପରିଚାଳକ ସୁନାରାମ ମାଝୀ, ଲିଡ୍ ବ୍ୟାଙ୍କ ପରିଚାଳକ ସିତାରାମ ମେହେର, ମିଶନଶକ୍ତି ଜିଲା ସଂଯୋଜନ ସୁନିଲ କୁମାର ମଲ୍ଲିକ, ଜିଲାସୂଚନା ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି, ବିସିସିବି,ଏସବିଆଇ, ୟୁକୋ, ବିଓବି, ବିଓଏମ. ବିଓଆଇ, କାନାରା ବ୍ୟାଙ୍କ, ପିଏନବି. , ୟୁନିଅନ ବ୍ୟାଙ୍କ, ଆକ୍ସିସ, ଡିସିବି, ଏଚଡିଏଫସି , ଆଇସି




ଆଇସିଆଇ, ଆଇଡିବିଆଇ, ୟୁଜିବି ପ୍ରଭୃତି ବ୍ୟାଙ୍କର ଅଧିକାରୀଗଣ ଉପସ୍ଥିତ ଥିଲେ । ସମସ୍ତ ଋଣ ଗ୍ରହିତା, ଉଦ୍ୟୋଗୀ , ବ୍ୟବସାୟୀ, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ମଧ ଉପସ୍ଥିତ ରହି ତାଙ୍କର ଋଣ ଅନୁମୋଦନ ଆଦେଶ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ହିତାଧୀକାରୀମାନଙ୍କୁ ଋଣ ନେଇ ତାର ସଠିକ୍ ପରିଚାଳନା କରି ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲେ । ଯେଉଁମାନେ ଏହି ଅର୍ଥର ସମୁଚିତ ସଦୁପଯୋଗ କରିବେ ସେମାନଙ୍କୁ ଭବିଷ୍ୟତରେ ଆହୁରି ବିଭିନ୍ନ ସହାୟତା ଦେବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି କହିଥିଲେ । ସମସ୍ତ ବ୍ୟାଙ୍କ୍ ତଥା ଉଦ୍ୟୋଗୀ ମିଶି ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟାକୁ ଦୂର କରିବା ପାଇଁ ସେ ଉଦବୋଧନ ଦେଇଥିଲେ। ଆଜି ଶିବିରରେ କେସିସିଏଏଚ ଯୋଜନାରେ ୫ଟି ପ୍ରକଳ୍ପ ପାଇଁ ୪ଲକ୍ଷ ଟଙ୍କା, ପିଏମଇଜିପି ରେ ୧୪ଟି ପାଇଁ ୮୪ ଲକ୍ଷ ଟଙ୍କା, କେସିସିପି ରେ ୮୫ ଟି ପାଇଁ ୧୦୪.୨ ଲକ୍ଷ ଟଙ୍କା, ପିଏମଏଫ ଏମ୍ଇ ରେ ଗୋଟିଏ ପାଇଁ ୨୪ ଲକ୍ଷ ଟଙ୍କା, ଏମ୍ କେ ୟୁୱାର ୯ଟି ପାଇଁ ୬୯୨ ଲକ୍ଷ ଟଙ୍କା, ମୁଦ୍ରାରେ ୧୧ଟିପାଇଁ ୫୭ଲକ୍ଷ ଟଙ୍କା, ଏସୟୁଆଇ ରେ ୨ଟି ପାଇଁ ୯୨ ଲକ୍ଷ ଟଙ୍କା, ପିଏମଏସଏନ ରେ ୧୦ଟିପାଇଁ ୫ ଲକ୍ଷ ଟଙ୍କା, ଡିଆରଆଇ ରେ ୩ଟି ପାଇଁ ୪୫ ହଜାର ଟଙ୍କା, ଏନୟୁ ଏଲଏମ୍ ରେ ୫ ଟିପାଇଁ ୨୦ ଲକ୍ଷ ଟଙ୍କା, ୪୫ ଟି ଏସଏଚଜିକୁ ୨୪୭ଲକ୍ଷ ଟଙ୍କା, ସୂର୍ଯ୍ୟଘରରେ ୨୩ଟି ପାଇଁ ୩୭.୯୫ ଲକ୍ଷ ଟଙ୍କା ଅନ୍ୟାନ୍ୟ ୧୨ଟି ପ୍ରକଳ୍ପ ପାଇଁ ୧୦୩.୧୦ ଲକ୍ଷ ଟଙ୍କା ଏହିପରି ୨୨୫ ଟି ହିତାଧିକାରୀଙ୍କୁ ସର୍ବମୋଟ ୧୪କୋଟି ୮୬ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଲିଡବ୍ୟାଙ୍କ ପରିଚାଳକ ସିତାରମ ମେହେର ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମରେ ନବନିର୍ମିତ କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ଆସି ଭାଗବତ ମଣ୍ଡପ ଠାରେ ପହଞ୍ଚିଥିଲେ। ସେଠାରେ ମଣ୍ଡଳ ପ୍ରସ୍ତୁତ କରାଯାଇ ଦେବତା ଆବାହନ, ସୂର୍ଯ୍ୟ ପୂଜା,ନାମଯଜ୍ଞ, ଅଗ୍ନି ସ୍ଥାପନ କରାଯାଇ ପୂଜାବିଧି ସମାପନ କରାଯାଇଥିଲା। କର୍ତ୍ତା ଭାବେ ମାନସୀ ପରିଡ଼ା,



ଉମାକାନ୍ତ ପରିଡ଼ା, ଗୀତାରାଣୀ ପରିଡ଼ା, ଦୁଃଶାସନ ପରିଡ଼ା, ପୂଜକ ଭାବେ ନାରାୟଣ ପତି, ମିଳନ ପଣ୍ଡା ଦାୟିତ୍ୱ ତୁଲାଇଥିଲେ । କାରିଗର ରମେଶ ମାଝୀ ମଣ୍ଡପ ନିର୍ମାଣ କରିଥିଲେ। ଉକ୍ତ ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଉପାଧ୍ୟକ୍ଷ ପ୍ରଣୀତ କାନ୍ତ ସାମଲ, କଂଗ୍ରେସ୍ ନେତା ସୁବ୍ରତ କୁମାର ଦାସ, ବିଜେପି ନେତା ବଦ୍ରିନାରାୟଣ ଧଳ, ଜିଲ୍ଲା ପରିଷଦ ଉତ୍କଳ କେଶରୀ ମହାନ୍ତି , ସରପଞ୍ଚ ମିନତୀ ପରିଡ଼ା, ସମିତି ସଭ୍ୟା ରୀତାଞ୍ଜଳି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବଟିକୁ ଆଦିତ୍ୟ ପରିଡ଼ା, ପ୍ରସନ୍ନ ପରିଡ଼ା, ଭାଗିରଥି ପରିଡ଼ା, ଦେବୁ ପରିଡ଼ା, କୁନା ପରିଡ଼ା, ଆକାଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ପରିବାର ବୋଝକୁ ସ୍କୁଟିରେ ବୋହୁଛନ୍ତି ଲିପିନା

### ଗାଁ ଗାଁରେ ବୁଲି ବିକୁଛନ୍ତି ମାଛ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଜଣେ ଦକ୍ଷ, ପରିଶ୍ରମୀ ଓ ପରାକାଷ୍ଠା ଶ୍ରେଣୀର ନାରୀ ଲିପିନା। ସ୍କୁଟି ଚଳାଇ ଗାଁ ଗାଁବୁଲି ମାଛ ବ୍ୟବସାୟ କରୁଛନ୍ତି। ତାଙ୍କରି

**ଲିପିନାଙ୍କ ପ୍ରେରଣାଦାୟୀ କାହାଣୀ**

ରୋଜଗାର ଏବେ ପରିବାର ପେଟକୁ ଖାଦ୍ୟ ଯାଉଛି। ରକ୍ଷଣଶୀଳ ସମାଜରେ ସଶକ୍ତିକରଣ ଉଦାହରଣ। ନିଜ ଜୀବନ ସଂଘର୍ଷ କାହାଣୀ ବଡ଼ ଲମ୍ବା। କୋହରେ ଭରିଯାଉଛି କଣ୍ଠ। ହେବନି ବା କେମିତି। ତାଙ୍କ ପାଇଁ ଜୀବନ ଆଉ କଣ ଫୁଲର ପାଦଚଲା ରାସ୍ତା ହୋଇ ରହିଛି। ରାତି ପାହିଲେ ସ୍କୁଟି ସାହାଯ୍ୟରେ ମାଛ ଯୋଗାଡ଼ କରି ମାଛ ବ୍ୟବସାୟରେ ଆରମ୍ଭ ହୁଏ ଲିପିନାଙ୍କ ଜୀବନ। ସ୍ୱାମୀ ରୋଜଗାର କରୁଥିବାବେଳେ ପରିବାର ହସଖୁସିରେ ଚଳୁଥିଲେ। ହଠାତ କଳାବାଦଲ ଆସିବା ଭଳି ହସ ଖୁସିର ସଂସାର ମଧ୍ୟରେ ହଠାତ ସ୍ୱାମୀ ପ୍ରତାପ ମସ୍ତିଷ୍କଜନୀତ ରୋଗରେ ଆକ୍ରାନ୍ତ ହୋଇ ଅପରେସନ ହେଲେ। ଘରର ଏକମାତ୍ର ରୋଜଗାରିଆ ମଣିଷ ହୋଇଗଲେ ଶଯ୍ୟାଶାୟୀ। ଆଉ ନିଜ ପରିବାର ଚଳାଇବା ପାଇଁ ନିଜର ଅଦମ୍ୟ ସାହସ ଦୃଢ଼ ଇଚ୍ଛା ଶକ୍ତି ମାଧ୍ୟମରେ ଲିପିନା ସାଇକେଲରେ ମାଛ ବ୍ୟବସାୟ ଆରମ୍ଭ କଲେ। ପରିସ୍ଥିତି ଆଗରେ କିନ୍ତୁ ଭାଙ୍ଗିପଡ଼ିନାହାନ୍ତି ସେ। ୩୮ବର୍ଷୀୟ ମହିଳା ଲିପିନା ବେହେରା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଅଧୀନ ଅଣକଣା ଗ୍ରାମର ପ୍ରତାପ ବେହେରାଙ୍କ ପତ୍ନୀ। ବର୍ଷେ ତଳେ ହଠାତ ସ୍ୱାମୀ ମସ୍ତିଷ୍କ ଜନିତ



ରୋଗରେ ଆକ୍ରାନ୍ତ ହେବାରୁ ଅପରେସନ ପରେ ଏବେ ଶଯ୍ୟାଶାୟୀ। ଆଉ ଏହା ପରେ ମାଡି ଆସିଲା ଦୁଃଖ ଲିପିନା ଙ୍କ ଉପରେ। ସ୍ୱାମୀର ଔଷଧ ଖର୍ଚ୍ଚ ଶହ ପିଲାଙ୍କ ପାଠପଢା କେମିତି ତୁଲାଇବେ ଚିନ୍ତାରେ ପଡ଼ିଥିଲେ। କିନ୍ତୁ ଆତ୍ମବିଶ୍ୱାସ ଏକାଠି କରି ଲିପିନା ପଦାକୁ ଗୋଡ଼ କାଢ଼ିଥିଲେ। କ୍ରମେ ପୂର୍ବସରକାର ସମୟରେ ମିଶନଶକ୍ତି ଋଣ ଆଣିଲେ। ଧୀରେ ଧୀରେ ସ୍ଥିତି ବଦଳିଗଲା। ବ୍ୟବସାୟ ଟିକେ ଭଲ ହେବାରୁ ସ୍କୁଟି ଟିଏ କିଣିଲେ। ଆଉ ଏବେ ସାରା ଅଞ୍ଚଳରେ ଖୁବ ପରିଚିତା ଲିପିନା ଦିଦି ଭାବେ। ୮ କିଲୋମିଟର ଅସ୍ତରଙ୍ଗ ବଜାର ସମେତ ନଦୀ କୂଳକୁ ଯାଇ ଲିପିନା ମାଛ ସଂଗ୍ରହ କରିବାକୁ ପଡେ। ତା ସହିତ ଘର କାମ, ସ୍ୱାମୀ ସେବା, ପିଲାଙ୍କ ପାଠପଢା ସହ କିଛି ରୋଜଗାର କରିବାକୁ ସିଲେଇ ମେସିନ, କିଛି ଛେଳି ମଧ ପାଳନ କରିଛନ୍ତି। ସକାଳୁ ରୋଷେଇ ସାରି ସ୍ୱାମୀକୁ ଔଷଧ ଖୁଆଇ ପିଲାଙ୍କ କଥା ବୁଝି ଗାଁ ଗାଁ ବୁଲି ମାଛ ବ୍ୟବସାୟ କରିବାକୁ ବାହାରିଯାଆନ୍ତି ଲିପିନା। ତାଙ୍କର ଏହି ଅଭାବୀ ସଂସାର କୁ ଅଳ୍ପ କିଛି ସରକାରୀ ସାହାଯ୍ୟ ମିଳୁଛି ତାହା କଣ ଯଥେଷ୍ଟ।ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି ସରକାରଙ୍କ ତରଫରୁ ସହାୟତା ପାଇଁ। ଏବେ ବି ଆମ ସମାଜ ବ୍ୟବସ୍ଥା ନାରୀଟିଏ ପାଇଁ ଅନୁକୂଳ ହୋଇ ପାରିନାହିଁ। ସେ ପଦାକୁ ଗୋଡ଼ କାଢ଼ିଲେ ତାହା ପାଇଁ ଅନେକ ସମସ୍ୟା କିନ୍ତୁ ଏ ସବୁକୁ ଖାତିରି ନ କରି ଲିପିନା ବେହେରା ଓହ୍ଲାଇଥିଲେ ଜୀବନ ଯୁଦ୍ଧରେ। ଆଉ ଏଥିରେ ଆଜି ସଫଳ ହୋଇ ବୁଲୁଛନ୍ତି ଗାଁ କୁ ଗାଁ। ଏଇଥି ପାଇଁ ଲିପିନା ବେହେରା ଙ୍କୁ ଶହେ ସଲାମ୍। କାରଣ ତାଙ୍କ ସମୟର ଅସହାୟ ନାରୀ ପାଇଁ ସେ ପାଲଟିଯାଇଛନ୍ତି ଉତ୍କୃଷ୍ଟ ଉଦାହରଣ।

## ଡମ୍ବସରା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡମ୍ବସରାରେ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ଆଦର୍ଶ ଥାନାର ଆଇଆଇସି ଉତ୍ତମ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଗୁଣୁପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ସହକାରୀ ମଙ୍ଗଳ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ଦଳେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ଡମ୍ବସରା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ତୋଷୀ ଶବର, ମୁଖ୍ୟ ବକ୍ତା ଭାବେ ଶ୍ୟାମଘନ ଭୂୟାଁ ଶିକ୍ଷା ମଣ୍ଡଳାଧୀଶ, ରାୟଗଡ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ଶବର ଓ ପ୍ରଧାନ ଶିକ୍ଷକ ସେମୋ ଗମାଙ୍ଗୋ ମଞ୍ଚାସୀନ ଥିଲେ । ଏ ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଗୋଟିଏ ହାତରେ ପାଠ୍ୟପୁସ୍ତକ ଓ ଅନ୍ୟ ହାତରେ ଗୁରୁଙ୍କ ହାତ ଧରି ଚାଲିଲେ ଜୀବନରେ ଏକ ମହାନ୍ ବ୍ୟକ୍ତି ହୋଇପାରିବେ ଓ ଶିକ୍ଷା ହିଁ ଜୀବନରେ



ସାର୍ଥକତା ଆଣିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସବୁ ଛାତ୍ରୀଙ୍କୁ ଅଧାରୁ ପାଠ ନ ଛାଡ଼ି ଉଚ୍ଚଶିକ୍ଷା ଲାଭ କରିବା ସହ ଶୃଙ୍ଖଳିତ ଜୀବନ ଶୈଳୀ ଆପଣେଇବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ନିୟମ ପାଳନ, ଯୌଥ ପରିବାରର ଚଳଣି, ମୋବାଇଲ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ଆଧୁନିକ ଜୀବନ କିପରି ପ୍ରଭାବିତ ହେଉଛି ଏହି ବିଷୟରେ ସମସ୍ତଙ୍କୁ ସଚେତନ କରିବା ନିମନ୍ତେ ବିଭିନ୍ନ ଷ୍କଲ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଯେଉଁ ଉଦ୍ୟମ କରିଥିଲେ ତାହା ବହୁତ ଚିତ୍ତାକର୍ଷକ ଓ ପ୍ରଶଂସନୀୟ ଥିଲା । ଏହି ଶୁଭ ଅବସରରେ ବିଦ୍ୟାଳୟର ଆଲୁମିନି ତଥା ବିଶିଷ୍ଟ ସମାଜସେବୀ ସୁଶ୍ରୀ ରାଜେଶ୍ୱରୀ ଦଳେଇ, ଅଭିଭାବକ ତଥା ସ୍ଥାନୀୟ ଭାରଉତ୍ତୋଳନକାରୀ ଆଡିଆ ଶବର, ସଙ୍ଗୀତ ସଂଯୋଜକ ତଥା ନୃତ୍ୟ ନିର୍ଦ୍ଦେଶକ ଆନନ୍ଦ ରାଓ, ଶ୍ରୀ କର୍ଣ୍ଣ ଶବର ଓ ଚନ୍ଦନ ଶବରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରିଶେଷରେ ଖେଳଶିକ୍ଷକ ମନୋଜ ତୁଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଆକର୍ଷଣୀୟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତ ଦର୍ଶକଙ୍କ ମନମୁଗ୍ଧ କରିଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଏ କହେ ନାରୀ ଦୁର୍ବଳା ଓ ଅବଳା, ଆଉ କିଏ କହେ ନାରୀ ଜୀବନ ଚୁଲି ମୁଣ୍ଡକୁ । ଏସବୁକୁ ଆନ୍ତର୍ଜାତୀୟ ମହିଳା ଦିବସରେ ଦୃଷ୍ଟିବାଧିତ ମହିଳା ଖେଳାଳି ଭୁଲ୍ ପ୍ରମାଣିତ କରି ସାରା ବିଶ୍ୱକୁ ଦେଇଛନ୍ତି ବଳିଷ୍ଠ ବାର୍ତ୍ତା । ଦୁନିଆର ଆଲୋକକୁ ସେମାନେ ଦେଖି ପାରୁନଥିଲେ ମଧ୍ୟ ଶବ୍ଦ ବାରି କରିପାରନ୍ତି ଲକ୍ଷ୍ୟ ସ୍ଥଳର ସନ୍ଧାନ । ଏଭଳି ଶବ୍ଦ ଭେଦି ଦକ୍ଷତାର ଚିହ୍ନଟ ଓ ପ୍ରୋତ୍ସାହନ ପାଇଁ ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ 'ବୁଲସ୍‌ଆଇ', ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ (ଏନ୍‌ସିଏସ୍‌ସିଡ଼ିଏ)ର ମିଳିତ ଆନୁକୂଲ୍ୟରେ ଭାରତରେ ପ୍ରଥମ କରି ଏକ ନିଆରା ଦୃଷ୍ଟିବାଧିତ ମହିଳା ଧନୁତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ପୋଖରୀପୁଟସ୍ଥିତ ଏନ୍‌ସିଏସ୍‌ସିଡ଼ିଏ କ୍ୟାମ୍ପସ ପରିସରରେ ତୀରନ୍ଦାଜୀ ପ୍ରତିଯୋଗିତା ଏନ୍‌ସିଏସ୍‌ସିଡ଼ିଏର ମୁଖ୍ୟ ସୋନାଲିକା ସୁମନ ଏବଂ ସାମାଜିକ କର୍ମୀ ସୁଶାନ୍ତ ସାହୁ, ସନ୍ତୋଷୀ ଜେନ ଉଦ୍‌ଘାଟନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୧ ପ୍ରତିଯୋଗୀ ଭାଗନେଇ ନିଜର ଶବ୍ଦ ଭେଦ ଦକ୍ଷତାର ପ୍ରତିପାଦନ କରି ଏକ ନୂଆ ଇତିହାସ ରଚିଛନ୍ତି । 'ବୁଲସ୍‌ଆଇ' ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଥିଲେ, ଦିବ୍ୟାଙ୍ଗଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁକ୍କାୟିତ ହୋଇ ରହିଛି । ସାମାଜିକ କର୍ମୀ ସୋନାଲିକାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ, ସମ୍ମାନିତ ଅତିଥି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା ପ୍ରମୁଖ ଆଲୋକପାତ କରିଥିଲେ ।



### ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ଆମ ସରକାର ସଶକ୍ତିକରଣର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟା ଜାରି ରଖିଛି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରତ୍ୟେକ ଝିଅ ମାନଙ୍କୁ ନିର୍ଭୟରେ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସମାଜର ସମସ୍ତ ବାଧାବିଘ୍ନକୁ ଭାଙ୍ଗି ଆତ୍ମ ବିଶ୍ୱାସର ସହ ଆଗକୁ ବଢିବାକୁ ପ୍ରେରଣା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ତୁମର ସମୟ, ତୁମର ମୁହୂର୍ତ୍ତ, ତୁମର ଓଡ଼ିଶା । ଶନିବାର ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ହଲ୍ ରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶକ୍ତିକରଣର ପ୍ରକୃତ ଅର୍ଥ ମହିଳାମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ନୁହେଁ । ଏହାର ପ୍ରକୃତ ଅର୍ଥ ହେଉଛି ପରିବାର ତଥା ସାମାଜିକ ସ୍ତରରେ ନିଷ୍ପତ୍ତି ନେବାର ଅଧିକାର। ଆମ ସରକାର ସଶକ୍ତିକରଣର ଏହି ବ୍ୟାପକ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଓଡ଼ିଶାର ଅଧା ଜନସଂଖ୍ୟା ଅର୍ଥାତ ସମଗ୍ର ମହିଳା ସମାଜକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସ୍ତରରେ ସଶକ୍ତ କରିବୁ, ଯାହାଦ୍ୱାରା ମହିଳା ମାନେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ । ଓଡ଼ିଶାରେ ଏବେ ପରିବର୍ତ୍ତନର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜନୈତିକ ପରିବର୍ତ୍ତନ ସହିତ ସମାଜର ସବୁ କ୍ଷେତ୍ରରେ ପରିବର୍ତ୍ତନର ସ୍ରୋତ ବହିବା ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ମହିଳା ସଶକ୍ତିକରଣ ପାଇଁ ଏକ ଐତିହାସିକ ଏବଂ ପଥପ୍ରଦର୍ଶନକାରୀ 'ସୁଭଦ୍ରା' ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଲେ ଯେ, ସେମାନେ କହୁଛନ୍ତି ସୁଭଦ୍ରା ଯୋଜନାରେ ଦିନକୁ ୨୭ ଟଙ୍କା ଦେଇ ବାହାବା ନେଉଛନ୍ତି । ସେମାନେ କହିପାରିବେ କି, ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ୨୪ ବର୍ଷରେ ୨୪ ପଇସା ସେମାନେ ଦେଇଛନ୍ତି କି ? ଆମେ ବର୍ଷକୁ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ଦେବୁ । ସରକାର ଆସିବେ ଯିବେ କିନ୍ତୁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆମ ସମସ୍ତଙ୍କୁ ମହିଳାମାନଙ୍କ ପାଇଁ କାମ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ମହିଳାଙ୍କ ନେତୃତ୍ୱାଧୀନ ସଶକ୍ତିକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଞ୍ଚୟ', 'ସୁଭଦ୍ରା ସଖୀ', 'ସୁଭଦ୍ରା ଯାତ୍ରୀ', 'ସୁଭଦ୍ରା ସଂଘ (ସୁଭଦ୍ରା କ୍ଲବ), ସୁଭଦ୍ରା' 'କୁହ ସୁଭଦ୍ରା (କଲ୍ ସେଣ୍ଟର)', 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ପଣ୍ଡିତ' ଓ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂତନ ଯୋଜନା ପାଇଁ ପଦକ୍ଷେପ ଗ୍ରହଣ କରାଯିବ କାହା କଥାରେ ଆମେ ଅଟକି ଯିବୁନାହିଁ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ରଣନୀତିକ କାର୍ଯ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟସ୍ତରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ନବରଙ୍ଗପୁର ଦୌପଦୀ କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନ୍ଦରଗଡ଼ ଶ୍ରୀବନ୍ତ ଜେନା ଏବଂ ରାୟଗଡ଼ା ଜିଲ୍ଲାର ଅଙ୍ଗନବାଡ଼ି କର୍ମୀ ଯଶସ୍ୱିନୀ ମହାପାତ୍ର, ସୁନ୍ଦରଗଡ଼ ଜିଲ୍ଲାର ବିମଳା କିଶୋରୀ ଖେସ୍, ମୟୁରଭଞ୍ଜ ଜିଲ୍ଲାର ସ୍ମୃତିଲତା ପରିଡ଼ାଙ୍କ ସହିତ ଜିଲ୍ଲାସ୍ତରର ବିଭିନ୍ନ ଖେଳକୁଦ ଓ ସଂଗୀତ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦୁଝରର ଗୀତାଞ୍ଜଳୀ ନାୟକ, ପୁରୀର ସୁବ୍ରତାରାଣୀ ବେହେରା, ବଲାଙ୍ଗୀରର ସବିତା ବର୍ମା, ମାଲକାନ୍‌ଗିରିର ବୈଦେହୀ ଦୁରୁ ଏବଂ ମୟୁରଭଞ୍ଜର ଅଶ୍ରୁମଣି ହେମ୍ବ୍ରମ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାର ଅଙ୍ଗନବାଡି କର୍ମୀ ଜୟନ୍ତି ନାୟକ ଗ୍ରାମାଞ୍ଚଳରେ ମାତୃ ଓ ଶିଶୁ ମୃତ୍ୟୁହାର ସହିତ ବାଲ୍ୟବିବାହ ରୋକିବା ଦିଗରେ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳାଙ୍କ ସମୃଦ୍ଧି ଓ ସଶକ୍ତିକରଣ ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି । ସରକାର ବଦଳିଛି, ମହିଳାଙ୍କ ପାଇଁ ଏକ ନୂଆ ଦୁନିଆ ଦେବା ପାଇଁ ଆମେ ସମସ୍ତେ କାର୍ଯ୍ୟରତ ଅଛୁ । ମହିଳାଙ୍କ ସୁରକ୍ଷା ନ ହେଲେ ଅର୍ଥନୈତିକ ଓ ସାମାଜିକ ପ୍ରଗତି ସବୁ ତୁଚ୍ଛ । ସୁଭଦ୍ରା ଯୋଜନାର ସଫଳତା ପାଇଁ ତୃଣମୂଳସ୍ତରରେ କାମ କରିଥିବା ପ୍ରତ୍ୟେକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶୁଭା ଶର୍ମା, ଆଇସିଡିଏସ୍ ନିର୍ଦ୍ଦେଶିକା ମୋନିସା ବାନାର୍ଜୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏବଂ ୟୁନିସେଫ୍ କ୍ଷେତ୍ର ସେବା ମୁଖ୍ୟ ସୋଲେଡାଡ୍ ହେରେରୋ ନିଜର ଅଭିଭାଷଣ ରଖିଥିଲେ ।

# ବିଜେପି ସରକାରରେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଦ୍ୱିଗୁଣିତ ହୋଇଛି: ପ୍ରଭାତୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ମହିଳାମାନଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଦଳରେ କାର୍ଯ୍ୟ କରିଥିବା ନାରୀ ନେତ୍ରୀମାନେ ଦେଶର ରାଷ୍ଟ୍ରପତି, ଅର୍ଥମନ୍ତ୍ରୀ,ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ବିଜେପି ଶାସନରେ ଆଜିର ମହିଳା ଉନ୍ନତି ପଥରେ ଅଗ୍ରସର ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସରେ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶ୍ରୀମତି ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ବିକାଶ କରିବା ପାଇଁ ରାଜ୍ୟର ମହିଳମାନେ ଏଥର ଭାରତୀୟ ଜନତା ପାର୍ଟିକୁ ବାଛିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବଚନା ସମୟରେ ପ୍ରତିଶ୍ରୁତି ଦେଇଥିଲେ ଯେ, ବିଜେପି ଓଡ଼ିଶାରେ ସରକାର ଗଢ଼ିଲେ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବ। ଦଳର ସରକାର ଗଠନ ପରେ ଏହି ପ୍ରତିଶ୍ରୁତି ପୂରଣ କରିଛି। ମାତ୍ର ୮ ମାସ ମଧ୍ୟରେ ୧୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଦେଇଛି। ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ମୋହନ ସରକାର ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ବିଜେପି ମହିଳାମୋର୍ଚ୍ଚାର ସଂଗଠନ ତୃଣମୂଳସ୍ତରରେ ସୁଦୃଢ଼ ରହିଛି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୨୦ ଜଣ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉତ୍ତରୀୟ ଏବଂ ଫଳକ ଦେଇ ସମ୍ମାନିତ କରିଥିଲେ।

# ମହିଳାଙ୍କ ସୁରକ୍ଷା ପାଇଁ ଛାତ୍ର କଂଗ୍ରେସର ମଶାଲ ରାଲି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ମହିଳା ଦିବସ ପାଳନ ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଉଦ୍ଦିତ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ ଓ ବିଶେଷ କରି ଛାତ୍ରୀମାନଙ୍କୁ ଦୁଷ୍କର୍ମ, ନିର୍ଯ୍ୟାତନା ଓ ହତ୍ୟା ପ୍ରତିବାଦରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯାଇଥିଲେ। ଏହି ମଶାଲ ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗ ଦେଇ କହିଲେ ଯେ, ଓଡ଼ିଶାର ନାରୀଙ୍କୁ ନ୍ୟାୟ ଦେବା ପାଇଁ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ ଓ କଂଗ୍ରେସ ସଂଗଠନ ଅବିରତ ଆନ୍ଦୋଳନ ମାଧ୍ୟମରେ ମୋହନ ସରକାରଙ୍କୁ ଅଣନିଶ୍ୱାସୀ କରିଦେବ। ଛାତ୍ରୀମାନେ ସେମାନଙ୍କର ଶିକ୍ଷାନୁଷ୍ଠାନର ପରିସରରେ ସୁରକ୍ଷିତ ନାହାନ୍ତି। ମହିଳାଙ୍କ ସୁରକ୍ଷା ଦେବାରେ ମୋହନ ସରକାର ବିଫଳ ହୋଇଛି। ନାବାଳିକା ମାନଙ୍କୁ ଦୁଷ୍କର୍ମ , ନାବାଳିକା ଛାତ୍ରୀ ମା ହେବା, +୨ ବାଣିଜ୍ୟ ଛାତ୍ରୀ ଅଧ୍ୟାପକଙ୍କ ଦୁର୍ବ୍ୟବହାରରେ ଯୋଗୁଁ ଆତ୍ମହତ୍ୟା ଘଟଣାଭଳି ଉଦାହରଣ ଓଡ଼ିଶାରେ ପ୍ରତିଦିନ ଘଟୁଛି। ନିର୍ବାଚନ ପୂର୍ବରୁ ବିଜେପି ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଥିଲାବେଳେ ଏବେ ଓଡ଼ିଶାର ମହିଳାଙ୍କ ଦୁରାବସ୍ଥାକୁ ନେଇ ନୀରବ ହୋଇଯାଇଛି। କେବଳ ସୁଭଦ୍ରା ଯୋଜନାରେ ଓଡ଼ିଶାର ମହିଳାଙ୍କର ବିକାଶ ହେବ ନାହିଁ। କଂଗ୍ରେସ ଦଳ ଓଡ଼ିଶାର ନାରୀକୁ ନ୍ୟାୟ ଦେବା ପାଇଁ ଅବିରତ ସଂଗ୍ରାମ କରିବ। ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଚିନୁ ସିଂ ମିହଲାଙ୍କୁ ସୁରକ୍ଷା ଦେଇପାରୁନଥିବା ମୋହନ ସରକାର କଡା ତୀବ୍ର ସମାଲୋଚନା କରିଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନ କହିଲେ ଯେ ଶିକ୍ଷାନୁଷ୍ଠାନରେ ମହିଳାଙ୍କ ସୁରକ୍ଷାକୁ ନେଇ ଛାତ୍ର କଂଗ୍ରେସ ଲଢ଼େଇ କରିବ। କ୍ୟାମ୍ପସରେ କିପରି ମହିଳାମାନେ ନିର୍ଭୟରେ ରହିପାରିବେ ସେଥିପାଇଁ ଛାତ୍ର କଂଗ୍ରେସ ଜାଗ୍ରତ ପ୍ରହରି ଭାବରେ କାର୍ଯ୍ୟ କରିବ ବୋଲି ବିଶ୍ୱ ମହିଳା ଦିବସରେ ଛାତ୍ର କଂଗ୍ରେସ ସଂକଳ୍ପ କରୁଛି।

### ଶଙ୍ଖ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ବିଜେପି ସରକାରର ନୀତି ମହିଳା ବିରୋଧୀ: ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶଙ୍ଖ ଭବନରେ ବିଜେଡି ମହିଳା ଶାଖା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମହିଳା ବିରୋଧୀ ନୀତି ପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟ ସରକାର ମହିଳା ହିତୈଷୀ ନୁହନ୍ତି କେବଳ ରାଜନୈତିକ ପ୍ରଚାର ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ନିଜ ପବ୍ଲିସିଟି କରୁଛନ୍ତି । ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାକୁ ସମାଲୋଚନା କରି ସେ କହିଛନ୍ତି ଯେ, ଦୈନିକ ୨୭ ଟଙ୍କା ଦେଇ ସରକାର ବାହବା ନେବାକୁ ଉଦ୍ୟମ କରୁଛନ୍ତି । ଏହା ସହ ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବିଜୁ ପଟ୍ଟନାୟକଙ୍କ ଜନ୍ମଦିନରେ ପାଳିତ ହୋଇ ଆସୁଥିବା ପଂଚାୟତିରାଜ ଦିବସକୁ ବାତିଲ କରି ସରକାର ବିଜୁ ପଟ୍ଟନାୟକଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି । ନବୀନ ନିଜ ଭାଷଣରେ ସେ କହିଥିଲେ ଯେ, ବିଜୁ ବାବୁ ମହିଳାମାନଙ୍କୁ ରାଜନୈତିକ ଶକ୍ତି ସୁନିଶ୍ଚିତ କରିବାକୁ ନିଷ୍ପତି ନେଇଥିଲେ । ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ । ସରକାରୀ ଚାକିରିରେ ମଧ୍ୟ ସେ ସଂରକ୍ଷଣ ଲାଗୁକରିଥିଲେ । କିନ୍ତୁ ଦୁଃଖର କଥା ପଞ୍ଚାୟତି ରାଜ ବ୍ୟବସ୍ଥାକୁ ମଜବୁତ କରିଥିବା ବିଜୁବାବୁଙ୍କୁ ଡବଲ ଇଞ୍ଜିନ ସରକାର ଅପମାନିତ କରିଛନ୍ତି । ତାଙ୍କ ଜୟନ୍ତୀକୁ ରାଜନୈତିକ ଲକ୍ଷ୍ୟ କରି ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଗଲା ନାହିଁ । ସେ କହିଛନ୍ତି ଯେ, ସଂସଦ ଓ ରାଜ୍ୟ ବିଧାନସଭାରେ ମା' ମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ପାଇଁ ବିଜେଡି ଦାବି କରୁଛି । ଡବଲ ଇଞ୍ଜିନ ସରକାର ମିଶନ ଶକ୍ତି ଭଳି ଲୋକପ୍ରିୟ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି । ସ୍ୱାଭିମାନୀ ମା' ମାନଙ୍କୁ ମିସଗାଇଡ୍ କରିବାକୁ ଚେଷ୍ଟା କରୁଛନ୍ତି । ପ୍ରଚାର ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ମା ମାନଙ୍କୁ ଦୈନିକ ୨୭ ଟଙ୍କା ଦେଇ ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି । ଲମ୍ବା ଅବଧିରେ ମା ମାନେ ଏହି ଯୋଜନାରୁ କିଛି ଉପକାର ପାଇବେ ନାହିଁ । ମା' ମାନଙ୍କୁ ରାଜନୈତିକ ଅଧିକାର ଦେବା ବିଜେଡିର ଲକ୍ଷ୍ୟ । ଆପଣ ହେଉଛନ୍ତି ବିଜେଡିର ଆତ୍ମାସତ୍ତାର । ଲୋକଙ୍କୁ ସଚେତନ କରନ୍ତୁ । ମା ମାନଙ୍କୁ ମିସଗାଇଡ୍ କରିବାକୁ ହେଉଥିବା ଉଦ୍ୟମକୁ ବିରୋଧ କରନ୍ତୁ ବୋଲି ସେ ଅପିଲ କରିଛନ୍ତି ।

# ସ୍ଥାୟୀ ଲୋକ ଅଦାଲତରେ ୨୧ ମାମଲାର ଫଇସଲା

କଟକ(ଭାସ୍କର ନ୍ୟୁଜ୍): କଟକର ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ରେ ୨୧ ମାମଲାର ଫଇସଲା ହୋଇଛି। ଫଇସଲା ବାବଦକୁ ୨୪ ଲକ୍ଷ ୧୬ ହଜାର ୨ ଶହ ୯୧ ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। ଶୁଣାଣି ନିମନ୍ତେ ୧୧୮ ମାମଲା ମଧ୍ୟରୁ ୨୧ ମାମଲାର ଫଇସଲା ହୋଇଛି । ପୋଷ୍ଟାଲ୍, ଟେଲିଗ୍ରାଫ୍, ଟେଲିଫୋନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ଜୀବନବୀମା, ବ୍ୟାଙ୍କ ମାମଲା, ରିଅଲ୍ ଇଷ୍ଟେଟ୍ ମାମଲା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଆଦି ମାମଲା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଥିଲା।

# ମହିଳା ଦିବସକୁ କଳା ଦିବସ ଭାବେ ପାଳିଲା ମହିଳା କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ମହିଳା ଦିବସକୁ କଳା ଦିବସ ଭାବରେ ପାଳନ କରିଛି ରାଜ୍ୟ ମହିଳା କଂଗ୍ରେସ ।ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢିଚାଲିଥିବା ପ୍ରତିବାଦରେ ମୁହଁରେ କଳାକପଡା ବାନ୍ଧି ବିରୋଧ ପ୍ରଦର୍ଶନ କରିଛନ୍ତି ମହିଳା କଂଗ୍ରେସ କର୍ମୀ। ମହିଳା କଂଗ୍ରେସର ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଅଭିନବ ଉପାୟରେ ବିଶ୍ୱମହିଳା ଦିବସ ପାଳନ କରିଥିଲେ। ଓଡ଼ିଶାରେ ମହିଳାଙ୍କର ଦୟନୀୟ ପରିସ୍ଥିତି ଓ ଅସନ୍ତୋଷକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟକ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ମହିଳା ଉପେକ୍ଷିତ, ନିର୍ଯ୍ୟାତିତ ଓ ଲୁଣ୍ଠିତ। ମହିଳାଙ୍କୁ ସୁରକ୍ଷା ଦେବା ଓ ସ୍ୱାବଲମ୍ବି କରିବାର ପ୍ରତିଶ୍ରୁତି ଦେଇ ବିଜେପି ଦଳ କ୍ଷମତାସୀନ ହେଲା ମାତ୍ର କ୍ଷମତାପ୍ରାପ୍ତ ହେଲାପରେ ମହିଳାଙ୍କୁ ଏବେ ପ୍ରତାରିତ କରୁଛି। କ୍ଷମତାସୀନ ହେଲାପରେ ମହିଳାଙ୍କର ନିର୍ଯ୍ୟାତନା ପ୍ରସଙ୍ଗକୁ ବିଜେପି ଅଣଦେଖା କରୁଛି କାହିଁକି ଶ୍ରୀ ଦାସ କହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଥିଲେ ଯେ ପିସିସି ସଭାପତିଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରତିଟି ଅତ୍ୟାଚାରିତ ମହିଳାଙ୍କ ପଛରେ କଂଗ୍ରେସ ଦୃଢ଼ ଭାବେ ଠିଆ ହେବ ଏବଂ ନ୍ୟାୟ ପାଇବା ପର୍ଯ୍ୟନ୍ତ ସେମାନଙ୍କ ସଂଗ୍ରାମରେ ସାମିଲ ଦେବ। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରାପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ, ୟାସିର ନୱାଜ, ରଣଜିତ ପାତ୍ର, ଉଦିତ ପ୍ରଧାନ, ସସ୍ମିତା ବେହେରା, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ: ମହିଳା ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାଙ୍କ ସଶକ୍ତିକରଣର ଜନକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ରାଜ୍ୟ ବିଜେପି ସରକାର ଅସମ୍ମାନ ପ୍ରଦର୍ଶନ କରୁଛନ୍ତି, ଯାହାକୁ ବିଜୁ ମହିଳା ଜନତା ଦଳ ଦୃଢ଼ ନିନ୍ଦା କରିଛି । ମହିଳାଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଶନିବାର ଅନ୍ତର୍ଜାତୀୟ ମହିଳା ଦିବସରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ବିଜୁବାବୁ ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସହ ମହିଳାଙ୍କୁ କ୍ଷମତା ରାଜନୀତିରେ ଅଂଶୀଦାର କରିବା ପ୍ରକ୍ରିୟାର ମୂଳଦୁଆ ପକାଇଥିଲେ । ଏହି କାରଣରୁ ୧୯୯୩ ମସିହାରୁ ବିଜୁ ଜୟନ୍ତୀ ଦିନ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଛି । ରାଜ୍ୟ ବିଜେପି ସରକାର ବିଜୁ ଜୟନ୍ତୀ ଦିନ ପଞ୍ଚାୟତିରାଜ ଦିବସ ନପାଳିବା ନିଷ୍ପତ୍ତି, ରାଜ୍ୟର ଗର୍ବ ଓ ଗୌରବକୁ କ୍ଷୁର୍ଣ୍ଣ କରିଛି, ଯାହାକୁ ଆମେ ଦୃଢ଼ ନିନ୍ଦା କରୁଛୁ । ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ୯ ମାସ ଭିତରେ ମହିଳାଙ୍କ ଉପରେ ଅତ୍ୟାଚାର ଅହେତୁକ ଭାବେ ବୃଦ୍ଧି ପାଇଛି ।

# ଷ୍ଟେଟ ବ୍ୟାଙ୍କର ସାମାଜିକ ଦାୟିତ୍ୱ ପାଳନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନୁକ୍ରମେ ମହିଳା ଉଦ୍ୟୋଗୀଙ୍କ ପାଇଁ ୨୦୦ ସିଲେଇ ମେସିନ୍ ଏବଂ ଓଡିଶାର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଛାତ୍ରୀନିବାସ ପାଇଁ ୮୧ଟି ସାନିଟାରୀ ପ୍ୟାଡ୍ ଭସ୍ମକ ମ୍ୟାସିନ ପ୍ରଦାନ କରିଛି । ଭୁବନେଶ୍ୱରସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପରୁଥି, ମହାପ୍ରବନ୍ଧକ ପୋନ୍ନାବାଲାମ ଏମ, ମହା ପ୍ରବନ୍ଧକ କୌଶଳ କିଶୋର ସିଂ, ଅନ୍ୟ ଉପମହାପ୍ରବନ୍ଧକ ସମୂହ ସହିତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟରେ ସୁଭଦ୍ରା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ହସ୍ତାନ୍ତର ପାଇଁ ଏସବିଆଇର ଉଦ୍ୟମକୁ ପ୍ରଶଂସା କରିଥିଲେ । ମିଶନ୍ ଶକ୍ତି ଅଧୀନରେ ମଧ୍ୟ ସର୍ବାଧିକ ଲୋନ ବିତରଣ ପାଇଁ ସେ ଏସବିଆଇକୁ ପ୍ରଶଂସା କରିଥିଲେ ଯାହାଦ୍ୱାରା ଆଜି ଓଡିଶା ରାଜ୍ୟ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଶ୍ରୀମତୀ ପରିଡା ଭାରତୀୟ ଷ୍ଟେଟ ବ୍ୟାଙ୍କର କୋର୍ପୋରେଟ ସାମାଜିକ ଦାୟିତ୍ୱରେ ନିମ୍ନବର୍ଗର ମହିଳା ଓ ବିଦ୍ୟାଳୟ /ମହାବିଦ୍ୟାଳୟରେ ପଢୁଥିବା ବାଳିକାଙ୍କ ପାଇଁ ଦେଉଥିବା ବିଭିନ୍ନ ଅବଦାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ।



ଓଡ଼ିଶା ଭାସ୍କର
ଦୃଷ୍ଟିପାତ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ସେବି ଓ ମାଧବୀ-ଏକ ଅନ୍ତରଙ୍ଗ କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ନାରୀ ଜାଗରଣର ପ୍ରଭାବ ପୃଥିବୀର ପ୍ରାୟ ସମସ୍ତଦେଶରେ ଅନୁଭୂତ। ବହୁତ୍ ବାଟ ଯିବାକୁ ଥିଲେ ମଧ ଶିକ୍ଷାର ପ୍ରସାର ଫଳରେ ନାରୀ ସାମାଜିକ ଶୃଙ୍ଖଳକୁ ଛିନ୍ନ କରି, ଚିରାଚରିତ ପୁରୁଣାକାଳିଆ ବିଚାରଧାରାରୁ ବାହାରି ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ। ଜ୍ଞାନ, ବୁଦ୍ଧି, ବିବେକ ଏବଂ କାର୍ଯ୍ୟଦକ୍ଷତା ବଳରେ ବହୁ ନାରୀ ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ନିଜର ପାରଦର୍ଶୀତା ପ୍ରମାଣିତ କରି ସମାଜର କଲ୍ୟାଣ ସାଧନ କରିଛନ୍ତି। ଉଭୟ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ସଂସ୍ଥାର ସର୍ବୋଚ୍ଚ ପଦବୀ ମଣ୍ଡନ କରି ନିଜର ପରିଶ୍ରମ, ନିଷ୍ଠାପରତା ସଚ୍ଚୋଟପଣିଆ ଏବଂ ବଳିଷ୍ଠ ନେତୃତ୍ୱ ବଳରେ ସଂସ୍ଥା ପାଇଁ ସୁପରିଚିତି ଆଣିବା ସଙ୍ଗେସଙ୍ଗେ ନିଜର ଉତ୍ତମ ପ୍ରତିଛବି ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ଥାଆନ୍ତି। ପୁରୁଷଙ୍କ ତୁଳନାରେ ନାରୀ ଅଧିକ କୋମଳ, ନୀତିନିଷ୍ଠ ଏବଂ ପରିଶ୍ରମୀ। ଅନ୍ୟ ସବୁଗୁଣ ଅପେକ୍ଷା ମହିଳାଙ୍କୁ ସମାଜ ସ୍ୱଚ୍ଛ ଓ ସଚ୍ଚୋଟ ଅଧିକାରୀ ଭାବରେ ଦେଖିବାକୁ ଚାହେଁ। ନିଜର ବିବେକ ଓ ଲୋକଲଜ୍ଜା ସେମାନଙ୍କୁ ସଚ୍ଚୋଟ ଓ ନ୍ୟାୟପଥରେ ଚାଲିବା ପାଇଁ ପ୍ରେରିତ କରିଥାଏ। ହେଲେ ଅନେକ ସମୟରେ ଦେଖାଯାଏ ସର୍ବୋଚ୍ଚପଦବୀରେ ବସୁଥିବା ଅନେକ ମହିଳା ନିଜର ଶିକ୍ଷାଦୀକ୍ଷା, ବୁଦ୍ଧିବିବେକ ଏବଂ ନୀତିନିୟମକୁ ଭୁଲି ଦୁର୍ନୀତିରେ ଲିପ୍ତ ରହନ୍ତି। ନିଜର ଅର୍ଥଲାଳସା ପୂରଣ କରିବା ପାଇଁ ନିମ୍ନସ୍ତରକୁ ଖସି ଆସନ୍ତି। କ୍ଷମତାର ଅପବ୍ୟବହାର ସହିତ ଲାଞ୍ଚ କାରବାର କରି ନିଜେ ବଦନାମ ହେବା ସହିତ ସେମାନେ ଦେଶର ପ୍ରଭୂତ କ୍ଷତି କରିଥାଆନ୍ତି।

ମାଧବୀ ପୁରି ବୁଚ୍ ଭାରତର ଅର୍ଥନୀତିରେ ଜଣାଶୁଣା ନାମ। ୧୯୮୯ ମସିହାରେ ସେ ଆଇସିଆଇସିଆଇ ବ୍ୟାଙ୍କ୍‌ରେ ନିଜର ଚାକିରି ଆରମ୍ଭ କରିଥିଲେ। ନିଜର ଦକ୍ଷତା ଏବଂ ସମର୍ପଣ ଭାବ ଦ୍ୱାରା ସେ ଖୁବ୍‌ଶୀଘ୍ର ନିଜ ସହିତ ବ୍ୟାଙ୍କ୍‌ର ଉନ୍ନତି କରିପାରିଥିଲେ। ୨୦୧୭ ମସିହା ଏପ୍ରିଲ୍ ମାସରେ ସେ ଭାରତୀୟ ସେଆର୍ ବଜାରର ନିୟନ୍ତ୍ରଣକାରୀ ସଂସ୍ଥା ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ଏସ୍.ଇ.ବି.ଆଇ.ବା ସେବି)ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶିକା ରୂପେ ନିଯୁକ୍ତି ପାଇଲେ। ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପ୍ରତି ତାଙ୍କର ଅଭିରୁଚି ଥିବାରୁ ସେସବୁର ପ୍ରୟୋଗ କରି ଯୁଗାନ୍ତକାରୀ ପଦକ୍ଷେପ ମାଧ୍ୟମରେ ବୋର୍ଡରେ ସେ ଅନେକ ଢାଞ୍ଚାଗତ ଏବଂ ନୀତିଗତ ପରିବର୍ତ୍ତନ ଆଣିଲେ। ତାଙ୍କର ଅନେକ ନିଷ୍ପତ୍ତି ମଧ୍ୟରୁ ମୁଖ୍ୟ ଥିଲା ୨୦୧୮ ମସିହାର ସାହାରା ଗ୍ରୁପ୍‌କୁ ୧୪୦୦୦ କୋଟି ଟଙ୍କା ଜମାକାରୀଙ୍କୁ ଫେରାଇବାର ନିର୍ଦ୍ଦେଶ। ୨୦୨୨ ମସିହା ମାର୍ଚ୍ଚ ୧ ତାରିଖରେ ସେ ସେବିର ଅଧକ୍ଷା ଭାବରେ ନିଯୁକ୍ତ ହେଲେ। ଏହି ପଦରେ ନିଯୁକ୍ତ ହେବାରେ ସେ କେବଳ ପ୍ରଥମ ମହିଳା ଏବଂ ବେସରକାରୀକ୍ଷେତ୍ରରୁ ପ୍ରଥମ ଅଧିକାରୀ ନଥିଲେ, ସେ ଥିଲେ ସେବିର ଅଦ୍ୟାବଧି ସର୍ବକନିଷ୍ଠ ଅଧକ୍ଷା। ସଂସ୍ଥାର ସର୍ବୋଚ୍ଚ ଅଧିକାରୀ ଭାବରେ ସେ ବଜାରର ନିୟନ୍ତ୍ରଣ ଓ ତଦାରଖ ଦାୟିତ୍ୱ ସହିତ ଅର୍ଥନୈତିକ ତଥା ନୀତିଗତ ନିଷ୍ପତ୍ତି, ନିବେଶକ ଶିକ୍ଷା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ଆହୁରି ଅନେକ ଦାୟିତ୍ୱରେ ଥିଲେ। ତାଙ୍କ କାର୍ଯ୍ୟକାଳ ଭିତରେ ସେବିର କାର୍ଯ୍ୟଧାରାରେ ଦ୍ରୁତ ପରିବର୍ତ୍ତନ ହୋଇଥିଲା ଏବଂ ଏହାର ଦକ୍ଷତା ଅନେକାଂଶରେ ବୃଦ୍ଧି ପାଇଥିଲା।

ନିଜର କାର୍ଯ୍ୟଦକ୍ଷତା ଓ ବୁଦ୍ଧି ବଳରେ ସଂସ୍ଥାରେ ଅନେକ ଆଖିଦୃଶିଆ ପରିବର୍ତ୍ତନ ଆଣିଥିଲେ ମଧ ଏସବୁ ତଳେ ରହିଥିଲା ତାଙ୍କର ଆଉ ଗୋଟିଏ ରୂପ। ତାହା ଥିଲା ଅର୍ଥଲୋଭ ଏବଂ କ୍ଷମତା ଅପବ୍ୟବହାରର ଶକ୍ତ ଆକର୍ଷଣ। ସେବିରେ ଆଠବର୍ଷର କାର୍ଯ୍ୟକାଳ ଭିତରେ ମାଧବୀଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାରର ନୀତିଗତ ଓ ଆର୍ଥିକ ଅନିୟମିତତାର ଅଭିଯୋଗ ଆସିଛି। ୨୦୨୪ ମସିହା ଅଗଷ୍ଟ ମାସରେ ଆମେରିକାର ସର୍ଟ୍ ସେଲିଂ ସଂସ୍ଥା ହିନ୍‌ଡେନ୍‌ବର୍ଗ ମାଧବୀ ଓ ତାଙ୍କ ପତି ଧବଳ ବୁଚ୍‌ଙ୍କ ଉପରେ ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକର ଅଂଶଧନର ମୂଲ୍ୟ କୃତ୍ରିମ ଉପାୟରେ ବଢ଼େଇବା ପାଇଁ ଆଦାନୀ ଗ୍ରୁପ୍‌ର ବିଦେଶୀ ଶାଖାମନଙ୍କରେ ନିବେଶ କରିବାର ଅଭିଯୋଗ ଆଣିଥିଲେ। ଯାହା ସଂପୂର୍ଣ୍ଣ ବେଆଇନ ହେବା ସହିତ ନିଜ ପଦବୀର ଅପବ୍ୟବହାର ଥିଲା। ପଛକୁପଛ ତାଙ୍କ ବିରୁଦ୍ଧରେ କେବଳ ଅର୍ଥ ହେରଫେର, ବେନିୟମ ଅନୁଗ୍ରହ ପ୍ରଦର୍ଶନ, ଦୁଇଟି ଜାଗାରୁ ଦରମା ନେବା, ଆଇସିଆଇସିଆଇ ବ୍ୟାଙ୍କ୍ ତରଫରୁ ଅତି ଦାମୀ ଘର ପାଇବା ପରି ଅଭିଯୋଗ ଆସିନଥିଲା। ସେବିର କର୍ମଚାରୀ ତାଙ୍କର ମନମୁଖୀ ଶାସନ ଓ କର୍ମକ୍ଷେତ୍ରରେ ଗୋଟିଏ ବିଷାକ୍ତ ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ମୁଦ୍ରା କାହାଣୀ

ବିରୋଧୀ କଂଗ୍ରେସ ଦଳ ତାଙ୍କ ଉପରେ ଦୁର୍ନୀତିର ବହୁ ଆରୋପ ଆଣିଥିଲେ ମଧ ପ୍ରତିଥର ସେ ଓ ସେ ଜଡ଼ିତ ଥିବା ସଂସ୍ଥା ତାକୁ ଖଣ୍ଡନ କରିଥିଲେ। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତ ଛାଡ଼, ସେସବୁ ଆରୋପରେ ସତ୍ୟତା ଅଛି କି ନାହିଁ ତାହା ଯାଞ୍ଚ କରାଯାଇନି। ଏହାର ଏକମାତ୍ର କାରଣ ତାଙ୍କର ଆଦାନୀ ଗ୍ରୁପ୍ ସହିତ ଉତ୍ତମ ସମ୍ପର୍କ ବୋଲି ଚର୍ଚ୍ଚା ହୁଏ।

ମାଧବୀ ପୁରି ବୁଚ୍ ୨୦୨୫ ମସିହା ଫେବୃଆରୀ ମାସ ୨୮ ତାରିଖରେ ଚାକିରୀରୁ ଅବସର ଗ୍ରହଣ କରିବା ଦିନ ମୁମ୍ବାଇର ଏକ ଦୁର୍ନୀତିନିରୋଧୀ ନ୍ୟାୟାଳୟ ତାଙ୍କ ବିରୁଦ୍ଧରେ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ପାଇଁ କହିଥିଲେ। ଠାଣେର ସପନ ଶ୍ରୀବାସ୍ତବ ନାମକ ଜଣେ ସାମ୍ବାଦିକ ସେଆର୍ ବଜାରରେ ଠକେଇ, କମ୍ପାନୀମାନଙ୍କର ବେନିୟମ ଲିଷ୍ଟିଙ୍ଗ୍, ମୁଷ୍ଟିମେୟଲୋକଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ ଏବଂ ଅନ୍ୟ ଆଇନବିରୁଦ୍ଧ ଅଭିଯୋଗ ଆଣି ଏକ ମକଦ୍ଦମା ରୁଜୁ କରିଥିଲେ। ଏକ ସରକାରୀ ନିୟନ୍ତ୍ରକ ସଂସ୍ଥା ହୋଇ ଥିବାରୁ ସେବି ଅଧକ୍ଷ ନିରପେକ୍ଷ ରହିବା ଆଶା କରାଯାଏ। କିନ୍ତୁ ସପନଙ୍କର ଅଭିଯୋଗ ହେଉଛି ମାଧବୀଙ୍କ ସହିତ ସେବି ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର କିଛି ଅଧିକାରୀ କିଛି କର୍ପୋରେଟ୍ ସଂସ୍ଥାଙ୍କ ସହିତ ମିଶି ପ୍ରତିଭୂତି ଏବଂ ବିନିମୟ ବୋର୍ଡ ନିୟମ, ୧୯୯୨ର ଖୋଲା ଉଲ୍ଲଙ୍ଘନ କରି ଇନ୍‌ସାଇଡର୍ ଟ୍ରେଡିଙ୍ଗ୍ ଏବଂ କାଗଜପତ୍ର ନଥାଇ କମ୍ପାନୀମାନଙ୍କୁ ଷ୍ଟକ୍ ଏକ୍ସଚେଞ୍ଜରେ ଲିଷ୍ଟିଙ୍ଗ୍ (କାରବାର କରିବାକୁ ଅନୁମତି ପ୍ରଦାନ) କରାଉଥିଲେ। କେବଳ ସେତିକି ନୁହେଁ କମ୍ପାନୀର ଅଧିକ ସେଆର୍ ବିକ୍ରି ହେଉଛି ବୋଲି ଦେଖାଇବା ଦ୍ୱାରା ସେଆର୍ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିଲା ଯାହା ନିବେଶକଙ୍କୁ ଲୁଟିବାର ଯୋଜନା ଥିଲା।

୧୯୯୪ ମସିହାରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ କାଲ୍‌ସ୍ ରିଫାଇନେରି ଲିମିଟେଡ୍ ନାମକ କମ୍ପାନୀ ବେଆଇନ ଭାବେ ଲିଷ୍ଟିଙ୍ଗ୍ ହେବା ଫଳରେ ସେ ସେଥିରେ ନିବେଶ କରି ବହୁତ୍ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହା ବିରୁଦ୍ଧରେ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ମଧ ତା'ର କୌଣସି ଫଳ ମିଳିନାହିଁ। କମ୍ପାନୀ ଗ୍ଲୋବାଲ୍ ଡିପୋଜିଟ୍ (ଜି.ଡି.ଆର୍)ରେ ଠକେଇ କରିଛି। ୨୦୧୧ ମସିହାରେ ସେବି ସାତ କମ୍ପାନୀ ଦ୍ୱାରା ଜି.ଡି.ଆର୍. ଠକେଇର ସନ୍ଧାନ ପାଇଥିଲା ଯେଉଁଥିରେ କାଲ୍ ରିଫାଇନେରିଜ୍ ମଧ ଅନ୍ତର୍ଭୁକ୍ତ ଥିଲା। କମ୍ପାନୀ ଜିଡିଆର୍‌କୁ ବିଦେଶୀ କମ୍ପାନୀଙ୍କୁ ବିକି ଦେବା ଫଳରେ ଏହାର ନିବେଶକଙ୍କ ସଂଖ୍ୟା ହଠାତ୍ ଅନେକ ଗୁଣ ଅଧିକ ହୋଇଗଲା। ଫଳରେ ଏହାର ଅଂଶଧନର ଚାହିଦା ବୃଦ୍ଧି ହେଲା ଯାହାଫଳରେ ଅଂଶଧନର ମୂଲ୍ୟ କାହିଁ କେତେଗୁଣ ବଢ଼ିଗଲା। କମ୍ପାନୀର ଜାଲିଆତି ଧରା ପଡ଼ିବା ପରେ କମ୍ପାନୀକୁ ବନ୍ଦ କରିଦିଆଗଲା। ନିବେଶକ ପ୍ରଚୁର କ୍ଷତି ସହିଲେ। ଯଦିଓ ମାଧବୀ ପୁରି ସେ ସମୟରେ ସେବିରେ ନ ଥିଲେ, ଅଭିଯୋଗକାରୀ ଏ ବାବଦରେ ତାଙ୍କ ପାଖରେ ଅଭିଯୋଗ କରିଥିଲେ ମଧ ସେ କିଛି କରି ନ ଥିଲେ। ତାଙ୍କର ନିଷ୍କ୍ରିୟତା ଯୋଗୁଁ ସପନ ଓ ତାଙ୍କ ପରି ଅନେକ ନିବେଶକଙ୍କୁ କ୍ଷତି ସହିବାକୁ ପଡ଼ିଲା। ଏହା ସହିତ ଦେଶର ନିବେଶ ବଜାରରେ ଚାଲିଥିବା ଠକେଇ ଓ ବେନିୟମ କାମ ଯାହା ତାଙ୍କ ନିୟନ୍ତ୍ରଣର ଦାୟିତ୍ୱ ଭିତରେ ଆସୁଛି ତାହା ସେ ପାଳନ କରିନଥିଲେ।

ତାଙ୍କ ବିରୁଦ୍ଧରେ କଂଗ୍ରେସ ଦଳ ଗମ୍ଭୀର ଅଭିଯୋଗ ଆଣିଥିଲା। ୨୦୧୭ ମସିହାରେ ସେବିରେ ନିଯୁକ୍ତି ପରେ ମାଧବୀ ପୁରି ବୁଚ୍ ତାଙ୍କର ପୂର୍ବ ନିଯୁକ୍ତିସ୍ଥଳ ଆଇସିଆଇସିଆଇ ବ୍ୟାଙ୍କ୍‌ରୁ ୧୭ କୋଟି ଟଙ୍କା ଦରମା ଆକାରରେ ଗ୍ରହଣ କରିଥିଲେ। ଦୁଇପଟୁ ଦରମା। ଏହାକୁ ବ୍ୟାଙ୍କ୍ ତରଫରୁ ଖଣ୍ଡନ କରାଯାଇଛି। କିନ୍ତୁ ବ୍ୟାଙ୍କ୍‌ର ସମୀକ୍ଷା ରିପୋର୍ଟ ସାର୍ବଜନୀନ କରାଯାଇନି। ଏତେ ଅଭିଯୋଗ ସତ୍ତ୍ୱେ ସରକାର ମଧ କୌଣସି ପ୍ରକାରର ତଦନ୍ତ କରି ନାହାନ୍ତି। ତାଙ୍କ ବିରୁଦ୍ଧରେ ଅନ୍ୟ ଏକ ଅଭିଯୋଗ ଆସିଛି ଯେ ସେ କାରୋଲ୍ ଇନ୍‌ଫୋ ସର୍ଭିସେସ୍ ନାମକ ଏକ କମ୍ପାନୀ ଠାରୁ ଘରଭଡ଼ା ପାଉଥିଲେ ଯାହାର ସମ୍ପର୍କ ସେବିର ସନ୍ଦେହଘେରରେ ଥିବା ଗୋଟିଏ କମ୍ପାନୀ ସହିତ ଥିଲା। ସେବିର ମୁଖ୍ୟ ହିସାବରେ ସେ ଏହା ନିଶ୍ଚିତ ଜାଣିଥିବେ। ଅନ୍ୟ ଏକ ଅଭିଯୋଗରୁ ଜଣାପଡ଼େ ଗୋଟିଏ ବେସରକାରୀ କନ୍‌ସଲ୍‌ଟାନ୍ସି କମ୍ପାନୀର ୯୯% ମାଲିକାନା ମାଧବୀଙ୍କ ହାତରେ। ମାଧବୀ ସେବିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶିକା ଥିବା ସମୟରେ ଏହି କମ୍ପାନୀ ବୋର୍ଡର ତାଲିକାଭୁକ୍ତ ଅନେକ କମ୍ପାନୀ ଠାରୁ ଅର୍ଥ ଲାଭ କରିଥିଲା। ଅନ୍ୟ ଭାଷାରେ କହିଲେ କମ୍ପାନୀମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ସେ ଲାଞ୍ଚ ନେଉଥିଲେ। ଏ ସମସ୍ତ ଅଭିଯୋଗ ଆସିବା ପରେ ଏକ ସଂସଦୀୟ କମିଟି ଗଠନ ହେଲା। ଅଭିଯୋଗ ବାବଦରେ ପଚରାଉଚରା ପାଇଁ ତାଙ୍କୁ ଡକାଗଲା। ସେ ଆସିଲେନି। ଏଥିରୁ ଜଣାପଡ଼େ ସେ କୌଣସି ଏକ ବଡ଼ ପ୍ରଭାବଶାଳୀ ଲୋକଙ୍କର ଛତ୍ରଛାୟାରେ। ଦେଶର ନିୟମ ପ୍ରଣୟନ ସଂସ୍ଥା ବା ନିୟମକୁ ତାଙ୍କର ଖାତିର ନାହିଁ। ତାଙ୍କ ବିରୁଦ୍ଧରେ ପ୍ରାଥମିକ ତଦନ୍ତ ରିପୋର୍ଟ ରୁଜୁ ଉପରେ ବମ୍ବେ ଉଚ୍ଚ ନ୍ୟାୟାଳୟ ଏହା ଉପରେ ରୋକ ଲଗାଇଛନ୍ତି। ହେଲେ ଯାହା ଆଶା କରାଯାଉଥିଲା ତାହା ହିଁ ହେଲା। ଦେଶର ଆଇନସଂସ୍ଥା ବହୁତ ଶୀଘ୍ର ତାଙ୍କର ସହାୟତା କରିଛନ୍ତି। ତାଙ୍କର କିଛି ହେବନି। କିଛିଦିନର ବ୍ୟବଧାନରେ ସମସ୍ତେ ସବୁ ଭୁଲିଯିବେ।

# ଭଗବାନଙ୍କ ସ୍ମରଣ ଓ ଚିନ୍ତନର ପ୍ରତିଫଳନ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହା ହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇଲା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍‌ଭ୍ରାନ୍ତ କରେ। ଫଳତଃ ସେ ଭୁଲ୍‌ବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତା'ର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ସୁପ୍ରଭାତ' କହିବା ଶିଖେଇ ଦେଇପାରିବା। କିନ୍ତୁ ଯଦି ଆମେ ତା'ର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତା'ର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ। ସେହିପରି, ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ। ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ। ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍। ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ। ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି। ସେ ଜଣେ ରାଜା ଥିଲେ। କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ। ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ। ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା। ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ। ଅତି ଆଗ୍ରହର ସହିତ ସେ ତା'ର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ। ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ। ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା। କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା। ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ। ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ। କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ। ସେଥିପାଇଁ ହରିଣ ହେଲେ ମଧ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ। ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ। ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ।

ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ। ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ। ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ୍ୟ ଅଟେ। ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ। ମନ ଭଗବାନଙ୍କର ଚିନ୍ତନ କରିବା ପାଇଁ ବ୍ୟକ୍ତିର ଅନ୍ତଃକରଣ ଭଗବାନଙ୍କ ଠାରେ ସଂଯୁକ୍ତ ରହିବା ଆବଶ୍ୟକ। ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ। ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ। ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ।

# ଶିଶୁତ୍ୱକୁ ନିଜ ମଧ୍ୟରେ ଧରି ରଖ



ଇଂ. ପ୍ରକାଶ କୁମାର ଭୂୟାଁ
ମେରାମୁଣ୍ଡଳି, ଢେଙ୍କାନାଳ
ମୋ: ୬୩୭୦୩୩୮୩୦୪

ମଣିଷ ଭିତରେ ଲୁଚି ରହିଥିବା ଶିଶୁତ୍ୱ କେବେ ବି ମରେନାହିଁ। ବୟସ ବଢ଼ିବା ସହ ଶିଶୁତ୍ୱର ଯେ ମୃତ୍ୟୁ ହୋଇଥାଏ, ଏହା ଭାବିବା ଭୁଲ୍। ଆମେ ଯାହା, ତାହା ସବୁବେଳେ ଆମ ଭିତରେ ରହିଛି ଏବଂ ଆମେମାନେ ଶେଷ ନିଶ୍ୱାସ ନେଉଥିବା ଯାଏ, ଏହା ହିଁ ରହିବ। ଅନେକ କ୍ଷେତ୍ର ଓ ଘଟଣାରେ ଦେଖାଯାଉଛି ସମାଜ ସଦାସର୍ବଦା ଏ ଭଳି ଅଚିନ୍ତାଶୀଳ ଶିଶୁସୁଲଭ ମଣିଷଙ୍କ ପ୍ରତି ଭୟଭୀତ ହୋଇଥାଏ। ନିକଟରେ କିଛିଦିନ ଛୋଟଛୋଟ ତିନୋଟି ପିଲାମାନଙ୍କ ସହିତ ଅତି ମୂଲ୍ୟବାନ ସମୟ କାଟିବାର ସୁଯୋଗ ପାଇଲି। ଅନେକ ଦିନ ପରେ ପିଲାମାନଙ୍କ ସହିତ ଏପରି ଲମ୍ବା ଦିନର ସ୍ନେହ ଶ୍ରଦ୍ଧାର ଅପାଶୋରା ସମୟ ଗୁଡ଼ିକ କିନ୍ତୁ ମୋତେ ଅନେକ ଶିକ୍ଷା ପ୍ରଦାନ କଲା ଯେ ଭଗବାନଙ୍କ ସୃଷ୍ଟିରେ ଏହି ଶିଶୁମାନେ କେତେ ଭାଗ୍ୟବାନ। ଦୁନିଆର ମାୟା, ମୋହ, ଛନ୍ଦ-କପଟ କିଛି ସେମାନେ ଜାଣିପାରନ୍ତି ନାହିଁ। ଦୁନିଆର କୁଚରିତ୍ରମାନଙ୍କୁ ସେମାନେ ଚିହ୍ନି ପାରନ୍ତି ନାହିଁ ଯାହାଦ୍ୱାରା ସେମାନେ ସେ କୁଗୁଣର ଶିକାର ମଧ ହୋଇପାରି ନଥାନ୍ତି।

ଆମେ ଆମ ନିତିଦିନିଆ ଜୀବନରେ ଅନେକ ବୟସ୍କ ଲୋକଙ୍କୁ ଦେଖିଛୁ ଯେଉଁମାନେ ଏତେ ବୟସରେ ପହଞ୍ଚିଥିଲେ ମଧ ସେମାନଙ୍କ ଭିତରେ ପିଲାଳିଆମୀ ବା ଶିଶୁତ୍ୱ ଏଯାବତ୍ ଅତୁଟ ରହିଛି। ଏହା ଏକ ଦୈବୀଗୁଣ ନିଶ୍ଚୟ କାରଣ ଏହି ଶିଶୁତ୍ୱ ହିଁ ଦୁନିଆର ଜଟିଳତାର ଅନ୍ଧାରକୁ ଦୂରେଇ ଅନେକ ପ୍ରାପ୍ତିର ଆନନ୍ଦ ପାଖରେ ଜଣଙ୍କୁ ପହଞ୍ଚାଇବାକୁ ସମର୍ଥ ହୋଇଥାଏ। କିନ୍ତୁ ପ୍ରକୃତପକ୍ଷେ ଦେଖିଲେ ଚିନ୍ତାଶୂନ୍ୟ ଲୋକେ ଅର୍ଥ, ପଦପଦବୀ ଓ କ୍ଷମତା ପ୍ରତି ଆଦୌ ଲାଳାୟିତ ନଥାନ୍ତି। ସେମାନଙ୍କର କେବଳ ସ୍ଥିତିରେ ବିଶ୍ୱାସ ନଥାଏ। ସ୍ଥିତି କୌଣସି ପଦପଦବୀ, କ୍ଷମତା, ସମ୍ମାନ ଆଣିଦିଏ ନାହିଁ କି ଅହଂକାରକୁ ପ୍ରୋତ୍ସାହନ ଦିଏନାହିଁ। ଆଉ ଆମେ ସମସ୍ତେ ସେହି ଅହଂକୁ ନେଇ ବ୍ୟସ୍ତ। ଭଗବାନ ଶ୍ରୀ ସତ୍ୟସାଇ ବାବା ପୁଟ୍ଟପର୍ତ୍ତିରେ ତାଙ୍କ ବିଦ୍ୟାଳୟର ଛୋଟଛୋଟ ପିଲାମାନଙ୍କ ସହ ଅନେକ ସମୟ ଖୋଲା କଥାବାର୍ତ୍ତାରେ ବିତାଇଥାନ୍ତି। ଭଗବାନ ବାବା ସ୍ୱୟଂ କହିଛନ୍ତି 'ପିଲାଳିଆମୀ ପରିତ୍ୟାଗ କରନାହିଁ। ପିଲାଙ୍କ ସଙ୍ଗେ ଖେଳ। ଦେଖିବ ଅହଂ ଆପେ ଆପେ ଉଭେଇ ଯିବ ଏବଂ ତୁମେ ନିଜ ଭିତରେ ଏକ ମୁକ୍ତଭାବ ଅନୁଭବ କରିବ। ଏହା ମୋ ବା କେବଳ ତୁମ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ।' ଶ୍ରୀ ସତ୍ୟସାଇ ସେବା ସଙ୍ଗଠନରେ ଶ୍ରୀ ସତ୍ୟସାଇ ବାଳବିକାଶ କାର୍ଯ୍ୟକ୍ରମ ଦ୍ୱାରା କୋମଳମତି ପିଲାମାନଙ୍କ ଠାରେ ଆଧ୍ୟାତ୍ମିକତା ଓ ନୈତିକତାର ମହାନ ଶିକ୍ଷା ପ୍ରଦାନ କରାଯାଏ।

ବାସ୍ତବିକ ଶିଶୁତ୍ୱ ଏକ ଦୈବଗୁଣ ଯାହାକି ଜଣକୁ ଆନନ୍ଦ ଓ ଭଲ ପାଇବାର ନିର୍ଯ୍ୟାସକୁ ସଠିକ ଭାବେ ଚିହ୍ନାଇବାକୁ ସକ୍ଷମ ହୋଇଥାଏ। ଆସନ୍ତୁ ଜୀବନରେ ସବୁ ଛନ୍ଦ କପଟ, ହିଂସା, ଦ୍ୱେଷ ପରିତ୍ୟାଗ କରି କିଛି ମୁହୂର୍ତ୍ତ ପାଇଁ ନିଜ ଭିତରେ ଶିଶୁତ୍ୱକୁ ଜାଗରିତ କରି ଆନ୍ୟମାନଙ୍କ ଭିତରେ ଶିଶୁପ୍ରାଣତାକୁ ଏକ ଆନନ୍ଦର ଦିବ୍ୟ ଶିଖା ଭାବେ ମାର୍ଗ ଦେଖାଇବା। ଶିଶୁର ସୁନ୍ଦରତା ଓ ଉଜ୍ଜ୍ୱଳ ପ୍ରଶାନ୍ତ ଚେତନା ସମ୍ପର୍କରେ କୁନ୍ତଳା କୁମାରୀ ସାବତଙ୍କର ସେହି ସ୍ମରଣୀୟ ଧାଡ଼ିଟି ଏଠାରେ ଉଲ୍ଲେଖ କରୁଛି - 'ଆହା କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବ ଜୀବନ। ପ୍ରାତଃ ସମୟ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ। ନୈରାଶ୍ୟ ବିଷମ ବିଷେ ନୋହିଛୁ ଜର୍ଜର, ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ? ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଂକାର, ଉଚ୍ଚପଦ ଅଭିଳାଷ ନାହିଁ ତୋ' ଦୁର୍ବାର।'

# ବାଣିଜ୍ୟ ଲଢେଇ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଏଥିରେ ସନ୍ଦେହ ନାହିଁ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ନୀତି ବିଶ୍ୱରେ କେବଳ ବାଣିଜ୍ୟ ଲଢେଇକୁ ଆମନ୍ତ୍ରଣ କରିବନାହିଁ, ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧିର କାରଣ ହେବ। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ଭାରତ ସମେତ ଚାରୋଟି ରାଷ୍ଟ୍ର ଚୀନ, କାନାଡା, ମେକ୍ସିକୋ ଉପରେ ଆମଦାନୀ ଉପରେ ୧୦୦ପ୍ରତିଶତ ଟାରିଫ ଲାଗୁ କରିଥିବାବେଳେ ଚୀନ, କାନାଡା, ମେକ୍ସିକୋ ସହ ଚାରୋଟି ରାଷ୍ଟ୍ର ଉପରେ ଅତିରିକ୍ତ ୨୫ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହାର ଜବାବରେ ଚୀନ ଗହମ, ମକା, ତୁଳା, ଚିକେନ ଉପରେ ୧୫ପ୍ରତିଶତ ଏବଂ ସୋୟାବିନ, ଘୁଷୁରି ମାଂସ, କୁକୁଡା ମାଂସ, ଗୋ ମାଂସ, ଫଳ, ପନିପରିବା ଏବଂ ଦୁଗ୍ଧଜାତ ଉତ୍ପାଦନ ଉପରେ ଆମେରିକା ଠାରୁ ୧୦ପ୍ରତିଶତ ଶୁଳ୍କ ଲାଗୁ କରିଛି ଏପରିକି ମଧ ଚୀନ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ଅତିରିକ୍ତ ୧୦ପ୍ରତିଶତ ଲେଭି ଲାଗୁ କରିଛି, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଆମେରିକୀୟ ସୋୟାବିନ ଏବଂ କଟନ ପାଇଁ ଚୀନ ହେଉଛି ସର୍ବବୃହତ ବଜାର। ଆହୁରି ମଧ ଚୀନ ହେଉଛି ଏହାର ଗୋମାଂସ, ଗୋଦୁଗ୍ଧ ଜାତ ସାମଗ୍ରୀ, ଘୁସୁରୀ ମାଂସ ଏବଂ କୁକୁଡା ଅଣ୍ଡା, ମାଂସର ସବୁଠୁ ବଡ଼ କ୍ରେତା। ଯଦି ଏହି ସମସ୍ତ ଆମେରିକୀୟ କୃଷିଜାତ ସାମଗ୍ରୀ ଅଧିକ ବ୍ୟୟ ବହୁଳ ହୋଇପଡିବ। ଯାହାର ମୁକାବିଲା ପାଇଁ ଚୀନ ବିକଳ୍ପ ଖୋଜିବା କିଛି ଅସମ୍ଭବ ନୁହେଁ। ବିକଳ୍ପ ସ୍ୱରୁପ ବ୍ରାଜିଲ, ଆର୍ଜେଣ୍ଟିନା ଏବଂ ପାରାଗୁଏରୁ ଚୀନ ଏହି ସମସ୍ତ ଖାଦ୍ୟ ସାମଗ୍ରୀ ଆମଦାନୀ କରିପାରେ। ଏହାଦ୍ୱାରା ଆମେରିକାର ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ସ୍ମରଣ କରାଯାଇପାରେ ଯେ, ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ ୭୮ ପ୍ରତିଶତ ଲୋକପ୍ରିୟ(ପପୁଲାର) ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଯେଉଁଥିରେ ଆମେରିକାର କୃଷକଙ୍କ ଯୋଗଦାନ ସର୍ବାଧିକ ରହିଛି। ଏହା ନିଃସନ୍ଦେହ ଯେ, ଆମେରିକାର ସମ୍ଭାବ୍ୟ ବାଣିଜ୍ୟ ଲଢେଇ ଚୀନ, କାନାଡା କିମ୍ବା ମେକ୍ସିକୋ ମଧ୍ୟରେ ସୀମିତ ନୁହେଁ। ୨୫ ପ୍ରତିଶତ ଟାରିଫ ମଙ୍ଗଳବାର ଠାରୁ କାନାଡା ଓ ମେକ୍ସିକୋ ବିରୁଦ୍ଧରେ ଲାଗୁ ହୋଇଛି। ଏହାର ପାଲଟା ଯବାବ ସ୍ୱରୁପ କାନାଡା ଆମେରିକାର ଆମଦାନୀ ସାମଗ୍ରୀ ଉପରେ ୧୫୫ ବିଲିଅନ ଡଲାରର ଶୁଳ୍କ ଲାଗୁ କରିବା ପାଇଁ ଘୋଷଣା କରିଛି। ସେହିପରି ଟ୍ରମ୍ପ ମଧ ଇସ୍ପାତ ଏବଂ ଆଲୁମିନିୟମ୍ ଉପରେ ବିଶ୍ୱବ୍ୟାପୀ ୨୫ପ୍ରତିଶତ ଶିଲ୍କ କରିବାକୁ ଘୋଷଣା କରିଛି। ଯାହାକି ଆସନ୍ତା ୧୨ ତାରିଖରୁ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ବିଶ୍ୱବ୍ୟାପୀ ଇସ୍ପାତ ଓ ଆଲୁମିନିୟମର ମୂଲ୍ୟ ବୃଦ୍ଧି ଘଟିବ। ଟ୍ରମ୍ପଙ୍କ ବାଣିଜ୍ୟ ନୀତି ନେଇ ପରସ୍ପର ବିରୁଦ୍ଧରେ ଟାରିଫ ଲାଗୁ କରିବା ଦ୍ୱାରା ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢିବାକୁ କେହି ରୋକିପାରିବେ ନାହିଁ। ଏହାଦ୍ୱାରା ନିରିହ ଖାଉଟି କେବଳ ଅହେତୁକ ଦରବୃଦ୍ଧିର ଶିକାର ହେବା ସାର ହେବ। କେବଳ ଏତିକି ନୁହେଁ, ଟାରିଫ ଲଢେଇ ଯୋଗୁଁ ଉଭୟ ଆମଦାନୀ ଓ ରପ୍ତାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୨୪ରେ ଆମେରିକା ୩.୩ ଟ୍ରିଲିୟନ ହଜାରର ସାମଗ୍ରୀ ଆମଦାନୀ କରିଥିବାବେଳେ ୨.୧ ଟ୍ରିଲିଅନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। କହିବା ବାହୁଲ୍ୟ ଯେ, ଭାରତ ମଧ ଏଥିରୁ ବାଦ୍ ପଡିବ ନାହିଁ। ଭାରତ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବ। ଆମେରିକାର ଶହେ ପ୍ରତିଶତ ଟାରିଫ ଲାଗୁ ବିରୁଦ୍ଧରେ ଭାରତ କି ପ୍ରକାର ପାଲଟା ପଦକ୍ଷେପ ଗ୍ରହଣ କରିବ, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। କିନ୍ତୁ ଭାରତ ପାଲଟା କଠୋର ପଦକ୍ଷେପ ଗ୍ରହଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇ ନପାରେ ସ୍ମରଣ କରାଯାଇ ପାରେ ଯେ, ଅତୀତରେ ତଥା କିଛି ବର୍ଷ ତଳେ ଆମେରିକାର ଭାରତୀୟ ସାମ୍ରଗୀ ଉପରେ ଶୁଳ୍କ ଲାଗୁ କରିବା ପରେ ଭାରତ ମଧ ଏହାର ପାଲଟା ଯବାବ ଦେଇଥିଲା। ଏବେ ଭାରତ ବିଶ୍ୱରେ ଏକ ଆନ୍ତର୍ଜାତିକ ଟ୍ରେଡ ପାର୍ଟନର ଭାବେ ଉଭା ହୋଇଛି। ଇତି ମଧ୍ୟରେ ଆମେରିକା ଆଲମୋଣ୍ଡସ, ଓ୍ୱାଲନଟ୍ (ବାଦାମ), ମକା ଏବଂ ଦୁଇସ୍କି ଉପରୁ ଆମେରିକା ଶୁଳ୍କ ହ୍ରାସ କରିଥିବା ସତ୍ତ୍ୱେ ତାହା ଭାରତୀୟ ଉତ୍ପାଦନ ଉପରେ କୌଣସି କ୍ଷତି କରିପାରିବ ନାହିଁ ବା ଭାରତ କ୍ଷତିଗ୍ରସ୍ତ ହେବ ନାହିଁ। ଏପରିକି ଭାରତୀୟ ଚାଷୀ କୁକୁଡା ମାଂସ, ଅଣ୍ଡା, ଦୁଗ୍ଧଜାତ ସାମଗ୍ରୀ ରପ୍ତାନୀରୁ ମଧ ଲାଭବାନ ହେବେ। କିନ୍ତୁ ଆମେରିକାର ୧୦୦ପ୍ରତିଶତ ଟାରିଫ ଯୋଗୁଁ ଭାରତୀୟ ସାମୁଦ୍ରିକ ଖାଦ୍ୟ ଏବଂ ବାସୁମତୀ ଚାଉଳ ରପ୍ତାନୀକାରୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ଆମେରିକା ସହ ଭାରତ ବାଣିଜ୍ୟ ଏବଂ ଟାରିଫ ଉପରେ ଆଲୋଚନା କରିବାକୁ ପଛଘୁଂଚା ଦେବା ଉଚିତ ନୁହେଁ।

# କଳିଯୁଗଙ୍କ କା'ରେ ସର୍ବତ୍ର ଲୀଳା



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

'କା' ପ୍ରୟୋଗ ଅନେକ ଖେଳରେ କରାଯାଏ, ଖେଳ ଦୁଇ ଦଳ ମଧ୍ୟରେ ହୁଏ। ପ୍ରତ୍ୟେକ ଦଳରେ ସମାନ ସମାନ ଖେଳାଳୀ ରହନ୍ତି। କିଛି ଖେଳପ୍ରେମୀ ଦୁଇ ଦଳ ହେଲା ବେଳେ ସମାନ ସଂଖ୍ୟା ନ ହୋଇଥିଲେ ଏଇ 'କା'ର ଆଶ୍ରୟ ନିଆଯାଏ। ଖେଳରେ ଯେପରି କାଳି ଦେଇ ହାରିଗଲେ ସେ ଖେଳରେ ଆଉ ଭାଗ ନେଇପାରେ ନାହିଁ ଏ ପାଇଁ କା ମାଗଣରେ ସେ ପୁନଃ ଖେଳି ପାରନ୍ତି। ଏହି କଳି ଯୁଗ, ଦେବତା ଯକ୍ଷଙ୍କ ପରି ବା ଭୁତ ପ୍ରେତ ପିଶାଚଙ୍କ ପରି ଅଦୃଶ୍ୟ। ଏଇ କାରେ କିନ୍ତୁ କଳିଯୁଗ କାମ କରୁଛି ବର୍ତ୍ତମାନ ଯୁଦ୍ଧାସ୍ତ୍ର, କାନୁନଧାରୀ ଓକିଲ ବିଚାରପତି ବିଚାରାଳୟ କଳିଯୁଗକୁ ସାକାର ଥିଲେ ଏପରି ଅନ୍ତ କରାନ୍ତେ ବା କାନୁନ ଲଗାନ୍ତେ ଯାହା ଉମର କଏଦୀ କଳିଯୁଗ ଭୋଗିବାକୁ ବାଧ ହୁଅନ୍ତେ।

କଳିଯୁଗର ରାଜ ଅନୁଗୃହୀତ ରାଜା ପରିକ୍ଷିତଙ୍କ ଗସ୍ତ କାଳରେ ହିଁ ହୋଇଥିଲା। ସେତେବେଳେ ଏକ ଖଞ୍ଜ ତିନି ଗୋଡ଼ର ଷଣ୍ଢ କଳିଯୁଗଙ୍କର ଅବଲମ୍ବନ ରୋଜଗାରର ଉତ୍ସ ଥିଲା। ପୂର୍ବେ ଗୋପ୍ରଜନନ କୃତ୍ରିମ ନଥିଲା ଷଣ୍ଢ ହିଁ ଗୋପାଳଙ୍କ ଗାଭୀ ଗର୍ଭଣୀ ପାଇଁ ଏକ ମାତ୍ର ପ୍ରୟୋଗ ଥିଲା। ଷଣ୍ଢ ଭ୍ରାମ୍ୟମାଣ ଜୀବ ଏହାକୁ ସର୍ବଦା ଏକ ସ୍ଥାନରେ କେହି କେବେ ଦେଖିନଥିବେ। ଅତଏବ ସହଜରେ ଘରପାଖ ଷଣ୍ଢ ହିଁ ଲୋକେ ପରିଶ୍ରମ କାତର ହୋଇ ନିଜର ଗାଭୀର ଷଣ୍ଢ ସଂଗତ ବେଳରେ ବୋବାଇବା ଶକୁନ ଦେଖି ବା ଶୁଣି ଷଣ୍ଢ ଅନ୍ୱେଷଣ କରି ଷଣ୍ଢ ସଂଗମ ଲିପ୍ତ କରାଇ ସ୍ୱ ଗାଭୀକୁ ଗର୍ଭବତୀ କରାଇଥାନ୍ତି। ଏପରି ପରିପ୍ରେକ୍ଷୀରେ କଳିଯୁଗର ଏହି ଖଞ୍ଜ ତିନିଗୋଡ଼ର ବୃଷଭକୁ ଗୋ ମିଳନର ଆଶ୍ରୟରେ କିଛି ପାଥେୟ ବଟି ଆଦାୟ କରି ନିତ୍ୟ ଗୁଜରାଣ ମେଣ୍ଟିବା ଥିଲା। ହଠାତ୍ ଏପରି ଷଣ୍ଢଟିକୁ ବିକଳରେ ଚାଲି ଚାଲିଯିବା ସହିତକୁ ଅଡ଼େଇ ଅଡ଼େଇ ନେଉଥିବା ବ୍ୟକ୍ତିକୁ ଜୀବ କୃପାଳୁ ପରୀକ୍ଷିତ କଳିଯୁଗର ସାକାର ରୂପ ଯାହା କାର୍ଯ୍ୟଖୋଜରେ ଅତିନ୍ୟୂନ ତତ୍କାଳ ଥିଲେ ତାକୁ ରାଜ ଆକଟ ଭଙ୍ଗିରେ ପଚାରିଲେ କିଓ ତମେ ଏପରି କଷ୍ଟ ଏ ଜୀବକୁ କାହିଁକି ଦେଉଛ ? କଳି ଯୁଗ କହିଲେ ହେ ସମ୍ରାଟ ମୁଁ ବୃତ୍ତି ହୀନ ମୋର କିଛି ବୃତ୍ତି ନଥିବାରୁ ଏ ଷଣ୍ଢ ହିଁ ମୋର ବର୍ତ୍ତମାନ ବୃତ୍ତିର ଅବଲମ୍ବନ ମାତ୍ର। ପରୀକ୍ଷିତ କହିଲେ ତମେ ରାଜ ସରକାରରେ କିଛି ଦରଖାସ୍ତ କରିନାହଁ କାହିଁକି ? କଳିଯୁଗ କହିଲେ ରାଜ ଦରବାର ପହଞ୍ଚିବାକୁ ମୋର ସାମର୍ଥ୍ୟ ନାହିଁ। ପେଟ ତ ଭୋକରେ ପୀଡ଼ନ କରୁଛି ଏ ପାଇଁ ସମୟ ବି ନାହିଁ। ଅନପଢ଼ ରାଜ ଆଦେଶ କ'ଣ ଜାଣିବା କଷ୍ଟ ସାଧ ତେବେ ପରିସ୍ଥିତି ବୁଝି କହିଲେ କୁହ କ'ଣ ତମେ ପାଇଗଲେ ଏ ପ୍ରକାର ବୃତ୍ତି ତ୍ୟାଗ କରି ନୂଆ ଜୀବନ ବିତାଇବ। କଳିଯୁଗ କହିଲେ ହଜୁର ଦୟା କରିବେ ଯଦି ଅଭୟ ଦିଅନ୍ତୁ ମୁଁ ମାଗିବି ରାଜା ହିଁ କରିଲେ। ଅଭୟବାର୍ତ୍ତା ଦେଲେ କଳିଯୁଗ ତାଙ୍କୁ ପାଞ୍ଚ ଜିନିଷ ମାଗିଥିଲେ। ଜୁଆଖେଳ, ଜୀବହତ୍ୟା, ମଦ୍ୟଶାଳା, ବେଶ୍ୟାଳୟ ଓ ସୁନା। ଏସବୁରେ ଧୀନମାନେ ଜଡ଼ିତ ଯୋଗୁ ରାଜା ମନରେ ବିଚାର କରି କଳିଯୁଗକୁ ଏସବୁ ଅଧିକାର କରାଇ ଦେଲେ। ଜଣେ ସମୟର ରାଜା ଜଣେ ସମୟ ପାଇଁ ଲୋକ ଶାସକ ରାଜା। ଏ ଦୁଇରେ କପଟ ପରିବେଶରେ ସମୟ ରାଜ ନରପତିଙ୍କୁ ଛଳନା କରି ଏମ୍‌ଓୟୁ କରାଇ ନେଇଛନ୍ତି। ଏମ୍‌ଓୟୁ ହେଲା ଇସ୍ତାମାରୀ ପଟ୍ଟା। ଏହାପରେ ଆଉ କେଉଁ ପରବର୍ତ୍ତୀ ପ୍ରଶାସନ ଏହାକୁ ବଦଳାଇ ପାରୁନାହାଁନ୍ତି। ସଂହାର ନକରି ବିଧିକୁ ସଂସ୍କାର କରାଉଛନ୍ତି ମାତ୍ର ଭାରତକୁ କୁରୁକ୍ଷେତ୍ର ଧର୍ମକ୍ଷେତ୍ର ଦୁଇଟି କୁହାଯାଇପାରେ। ଏଠାରେ ରାଜବିଧିକୁ ପ୍ରାଧାନ୍ୟ ଦିଆଯାଇ ଧର୍ମବିଧିକୁ ପୁରା ଗୌଣ ନକଲେ ବି ବିଧି ବିଧାନକୁ ହେୟ ଜ୍ଞାନ ଅନେକ ସ୍ଥଳରେ କରାଯାଉଛି। ମଦ୍ୟ, ଜୁଆ, ଅନୈତିକ ନାରୀ ସମ୍ପର୍କ ଜୀବହତ୍ୟା ସହିତ ସୁନା ଉପରେ ସରକାର ଜ୍ଞାତ ଥିଲେ ବି ରାଜକର ପାଇଁ ଏହା ଉପରେ ରାଜକର ଆଦାୟ ଚିନ୍ତା ସର୍ବଦା କରାଯାଉଛି। ଧର୍ମ ବିଧାନ ପାଇଁ ଧର୍ମସ୍ଥଳୀ ଅଛି ମାତ୍ର ଧର୍ମାଧିକାରୀଙ୍କୁ କୌଣସି ପ୍ରଶାସନ କୌଣସି ଯୋଜନା କଲାବେଳେ କେବେ ପଚାରନ୍ତି ନାହିଁ କି ପରାମର୍ଶ ନିଅନ୍ତି ନାହିଁ। ଓଲଟି ଯଦି କୌଣସି ସରକାରୀ ପ୍ରଶାସନ କାନୁନକୁ କେହି ନମାନିଲା ସେ ଦଣ୍ଡର ଶିକାର ହେବା ସମ୍ଭାବନା ଅଛି।

ଭାରତ ବର୍ଷକୁ ଦେବଭୂମି କହନ୍ତି। ଭାରତର ପ୍ରାକୃତିକ ପରିବେଶ, ନଦ-ନଦୀ, ପାହାଡ଼-ପର୍ବତ ବହୁ କୁଳବୃକ୍ଷ ବନୌଷଧି ଲତା ପନିପରିବା ଆଦି ଗୋସମ୍ପଦ ଉପଯୁକ୍ତ ଚାଷ ମାର୍ଗର ବିଦ୍ୟା ଏସବୁ ଏବେ ଅଣଦେଖା ଓ ପ୍ରବଳ କ୍ଷୟପ୍ରାପ୍ତ। ବାଘ ମଣିଷକୁ ଖାଉଥିଲା ଏବେ ମନୁଷ୍ୟ ବାଘ ମାଂସ ଖାଇଲେଣି। ନିତ୍ୟ ହାତି ମରୁଛନ୍ତି। ଜଙ୍ଗଲ କଟାଯାଇ ସହର ବସୁଛି କଳକାରଖାନା ହେଉଛି। ପୃଥିବୀ ଉପରେ ଭାରୀଯାନ ଜୋର୍ ଶବ୍ଦରେ କମ୍ପନ କରି ଭୂମି ଦୁଲକାଇ ଯା'ଆସ କରୁଛି। ଗ୍ରାମ ସବୁ ସହର ବନିଲାଣି। ଗ୍ରାମର ଗାଁ ପରିବେଶ ଆଉ ନାହିଁ। ଛତିଶପାଟକ ନାହାନ୍ତି। ଏସବୁ କଳିଯୁଗର କା'ର ମେଳା ବସିଛି। ଏସବୁ ଫିଲ୍ମ ଟ୍ରେଲର, ଏ ପଛକୁ ଫିଲ୍ମ ଆସୁଛି ୪୩୨୦୦୦ ବର୍ଷରୁ ମାତ୍ର ୫୧୨୫ ବର୍ଷରେ ଏମିତି ଆଗକୁ କ'ଣ ନହେବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ୍ ଏନଟିପିସି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ବ୍ଲକ୍ ସ୍ଥିତ ସୁରୁଙ୍ଗି ଆଶ୍ରମରେ ନବନିର୍ମିତ ସୌରଶକ୍ତି କେନ୍ଦ୍ର ସ୍ଥାପନ ସହ କାର୍ଯ୍ୟକ୍ଷମ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନଟିପିସି କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଅଶୋକ କୁମାର ସେହେଗଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ନବୀକରଣ ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୧୦ କିଲୋୱାଟ୍ ଏହି ଆଶ୍ରମରେ ସୌରଶକ୍ତି ସଫଳତାର ସ୍ଥାପନା ଓ କାର୍ଯ୍ୟକ୍ଷମ ପଦକ୍ଷେପ ନେଇ ଏନଟିପିସିର ପ୍ରୟାସକୁ ସାଧାରଣରେ ପ୍ରସଂଶା କରାଯାଇଛି। ଲୋକଙ୍କ ଜୀବନକୁ ଉନ୍ନତ କରିବାରେ ସ୍ଥାୟୀ ଶକ୍ତି ସମାଧାର ଗୁରୁତ୍ୱ, ପରିବେଶଗତ, ସାମାଜିକ ଓ ଆର୍ଥିକ କଲ୍ୟାଣ ପାଇଁ ଏନ୍‌ଟିପିସିକୁ ବିଧାୟକ ପ୍ରଧାନ ପ୍ରଶଂସା କରିଥିଲେ। ଯାହା ଆସନ୍ତାକାଲି ସବୁଜ ଗଠନ ପ୍ରତି ଭାରତ ସରକାରଙ୍କର ପ୍ରତିବଦ୍ଧତାକୁ ସମର୍ଥନ କରୁଛି ବୋଲି ଏହି ସୌରଶକ୍ତି ଏକ ଅଂଶବିଶେଷ ବୋଲି ଏନଟିପିସି କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ସେହେଗଲ୍ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଟିପିସି ମାନବ ସମ୍ବଳ ମୁଖ୍ୟ ଅଧିକାରୀ ନବନୀତ୍ କୁମାର, ଅତିରିକ୍ତ ମହାପ୍ରବନ୍ଧକ (ଇଏମ୍‌ଡି) ଏମ୍. ପାଣିଗ୍ରାହୀ, ଅତିରିକ୍ତ ମହାପ୍ରବନ୍ଧକ (ଏଏଚ୍‌ଡି) ସୁରେଶ୍ ଚନ୍ଦ୍ର ବେହେରା, ୯ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଂଜନ କୁମାର ସାହୁ, କଣିହାଁ ବ୍ଲକ୍ ଅଧକ୍ଷା ରାମକୃଷ୍ଣ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥାଏ। ମହିଳା ଦିବସ ଅବସରରେ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଯାହାର ମୂଳ ଲକ୍ଷ୍ୟ ମହିଳାଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନ କରିବା ଏବଂ ସମାଜରେ ମହିଳାଙ୍କୁ ପୁରୁଷଙ୍କ ସହ ସମାନ ସମ୍ମାନ ଦେବା। ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ପୌରପାଳିକା ଆନୁକୂଲ୍ୟରେ ଅନ୍ତର୍ଜାତିକ ମହିଳା ଦିବସ-୨୦୨୫ ପାରାଦୀପ ର ଜୟଦେବ ସଦନ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ମହା ସମାରୋହରେ ପାଳିତ ହୋଇଯାଇଛି। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପାରାଦୀପ ବିଧାୟକ ତଥା ଓଡିଶା ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଅଧିକାର ଓ ସେମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ତଥା ପାରାଦୀପ ପୌର ନିର୍ବାହୀ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସୁଶ୍ରୀ ସ୍ମୃତି ସ୍ୱାଇଁ, ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ, ସସ୍ମିତା ଶତପଥୀ, ପାରାଦୀପ ଲେଡ଼ିଜ କ୍ଲବ ଉପଦେଷ୍ଟା ପ୍ରୀତି ଆରତୀ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ଦିବସ ପାଳନର ଗୁରୁତ୍ୱ ଏବଂ ମହିଳାଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପର ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା ଓ ସଂଗଠନର ସଦସ୍ୟା ମାନେ ଉପସ୍ଥିତ ଥିଲେ।

## ସମ୍ବର୍ଦ୍ଧିତ ହେଲେ ନୂତନ ଏବିଇଓ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ ନେଇ ଗଠିତ 'ମିଳିତ ପ୍ରାଥମିକ ଶିକ୍ଷକ ସଂଘ' ତରଫରୁ ଶିକ୍ଷକ ଭବନରେ ସଂଘର ସଭାପତି ଅକ୍ଷୟ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇ ବରିଷ୍ଠ ଶିକ୍ଷକ ମଲ୍ଲିକ ଯାକିର ହୋସେନ ଓ ବ୍ରହ୍ମାନନ୍ଦ କାଣ୍ଡିଙ୍କୁ (ଏବିଇଓ) ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ପୁରୀ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଦିପକ କୁମାର ପାଢ଼ୀ ଉପଯୁକ୍ତ ପଦକ୍ଷେପ ନେଇ ଥିଲେ। ଏଥିପାଇଁ ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ସଭାରେ ଅଧିକାରୀ ଦ୍ୱୟଙ୍କୁ କୃତଜ୍ଞତା ଜ୍ଞାପନ କରା ଯାଇଥିଲା। ବ୍ଲକରେ (ଏବିଇଓ)ଭାବେ ଯୋଗ ଦେଇଥିବା ନୂତନ ଦୁଇ ଅଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ମନୋରଞ୍ଜନ ଆଚାର୍ଯ୍ୟ, ଯୁବ ଶିକ୍ଷକ ହାଲିମ୍ ଖାଁ, ବରିଷ୍ଠ ଶିକ୍ଷକ ମୁନିର ଅହମ୍ମଦ ଖାଁ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହିଥିଲେ।

# ସୂଚନା କର୍ମୀଙ୍କ ଘରେ ଆତଙ୍କ ରଚିଲେ ୩ ଯୁବକ

## ବନ୍ଧୁକ, ଖଣ୍ଡା, ଭୁଜାଲି ଦେଖାଇ ପରିବାରଙ୍କୁ କଲେ ଭୟଭୀତ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସୂଚନା କର୍ମୀଙ୍କ ପରିବାରକୁ ବନ୍ଧୁକ ଭୁଜାଲି ଦ୍ୱାରା ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହେବା ସହ ଜିଲ୍ଲାପାଳ ଆରକ୍ଷୀ ଅଧୀକ୍ଷକ ପୁରୀଙ୍କୁ ଅଭିଯୋଗ ହୋଇଥିବା ବେଳେ ଗୃହ ସଚିବ ସ୍ୱରାଷ୍ଟ୍ର ବିଭାଗ ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ଅଭିଯୋଗ ହୋଇଛି । ବାରମ୍ବାର ସୂଚନା କର୍ମୀଙ୍କୁ ଧମକ ଆସୁଥିବା ବେଳେ ୩ଜଣ ଦୁର୍ବୃତ୍ତ ହାତରେ ଖଣ୍ଡା, ଭୁଜାଲି, ବନ୍ଧୁକ ଧରି ସୂଚନା କର୍ମୀ ଘରେ ନଥିବା ବେଳେ ତାଙ୍କ ଝିଅକୁ ଧମକ ଦେବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ କେତକୀପାଟଣା ମୌଳକ ସାହିର ନୃସିଂହ ଚରଣ ପରିଡ଼ା ଜଣେ ସୂଚନାକର୍ମୀ ଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ବାଇକକୁ ନେଇ ଧନୁଆଁ ନଦୀରେ ଫୋପାଡ଼ି ଥିଲେ। ଏ ସମ୍ପର୍କରେ ନୃସିଂହ ବଳଙ୍ଗା ଥାନାରେ ଅଭିଯୋଗ ଦେଇଥିଲେ। ଗତ ଶୁକ୍ରବାର ରାତ୍ର ୮ଘଟିକା ସମୟରେ ପଦ୍ମପୁର ଜଣେ ବ୍ୟକ୍ତି, ନେତିଗଡ ଗ୍ରାମର ଜଣେ ବ୍ୟକ୍ତି, ମାଳସାହିର ଜଣେ ବ୍ୟକ୍ତି ବନ୍ଧୁକ, ଖଣ୍ଡା, ଭୁଜାଲି, ଛୁରୀ ଧରି ନୃସିଂହ ପରିଡ଼ାଙ୍କ ଘର ଆଗରେ ଗାଳି ଗୁଲଜ କରିବା ସହ କବାଟକୁ ଗୋଇଠା ମାରିଥିଲେ। କାହିଁକି ସୂଚନା ମାଗି ଆମ୍ଭଙ୍କୁ ହଇରାଣ କରୁଛି ବୋଲି ଧମକ ଦେଇ ଗାଳିଗୁଲଜ କରୁଥିବା ବେଳେ ନୃସିଂହଙ୍କ ଝିଅ ବାପା ଘରେ ନାହାନ୍ତି କହିବାରୁ ଆକ୍ରମଣକାରୀ ମାନେ ଘର ଭିତରକୁ ପଶି ଆସବାବପତ୍ର ଫିଙ୍ଗା ଫୋପଡ଼ା କରି ନୃସିଂହକୁ ଘରେ ଖୋଜିଥିଲେ। ଜୀବନରେ ମାରି ଦେବୁ ବୋଲି ମଧ ଧମକ ଦେଇଛନ୍ତି। ଏ ସମ୍ପର୍କରେ ମହିଳା ଅପରାଜିତା ପରିଡ଼ା ବଳଙ୍ଗା ଥାନାରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ସମେତ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ସହକାରୀ କୃଷି ଅଧିକାରୀ ସୁଭ୍ରତା ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳ ଓ ପରିମଳ ବିଭାଗ ଚିନ୍ମୟୀ କୁମାରୀ ରାଉତ, ଝରପାରି ସରପଞ୍ଚ ମାଧୁରୀ ଭୂୟାଁ, ଓ ପଡ଼ାଳ ସରପଞ୍ଚ ଲକ୍ଷ୍ମୀ ବେହେରା। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ନାରୀ ସଶକ୍ତିକରଣ ଦ୍ୱାରା ହିଁ ସଶକ୍ତ ସମୃଦ୍ଧଶାଳୀ ବିଶ୍ୱ ପ୍ରତିଷ୍ଠା ହେବ ଏବଂ ପରମାତ୍ମା ପିତାଙ୍କ ସ୍ୱର୍ଣ୍ଣିମ ଭାରତ ସାକାର ରୂପ ନେବ। କାର୍ଯ୍ୟକ୍ରମର ସମସ୍ତ ଅତିଥି ଏହି ଦିବସରେ ଆହ୍ୱାନ ଦେଇଥିଲେ କି ଆମ ପରିବାରରେ ଆମ ଶିଶୁଙ୍କୁ ଉତ୍ତମ ସଂସ୍କାର ଶିକ୍ଷା ଦେଲେ ଉତ୍ତମ ସମାଜ ଗଠନ ସମ୍ଭବ ହେବ ଏବଂ ପରମାତ୍ମା ପିତାଙ୍କ ସ୍ଥାପନାର କାର୍ଯ୍ୟ ସାକାର ହେବ।କାର୍ଯ୍ୟକ୍ରମ ପରିଚାଳନାରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମସ୍ତ ଭଉଣୀଭାଇ ସହଯୋଗ କରିଥିଲେ।

# ଆଦିବାସୀ ସଙ୍ଗୀତ ମହୋତ୍ସବ 'ସର୍ଜୋମ ବା' ଆୟୋଜିତ




କାଳିଆପାଣି, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ନୃତ୍ୟଗୀତ ଓ ବାଦ୍ୟଯନ୍ତ୍ରର ସଂରକ୍ଷଣ ତଥା ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍‌ର ସୁକିନ୍ଦା କ୍ରୋମାଇଟ ଖଣିଠାରେ ଆଦିବାସୀ ସଙ୍ଗୀତ ମହୋତ୍ସବ 'ସର୍ଜୋମ ବା' ମହା ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। ଏହି ମହୋତ୍ସବରେ ସୁକିନ୍ଦା ଅଞ୍ଚଳର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ନୃତ୍ୟ କଳାକାର ଓ ସଙ୍ଗୀତଜ୍ଞ ଭାଗ ନେଇଥିଲେ। ଏହି ନିଆରା ମହୋତ୍ସବରେ ସୁକିନ୍ଦା ଖଣି ଓ ଏହାର ଆଖପାଖ ଅଞ୍ଚଳର ଭୂମିଜ, ଶବର, ହୋ, ଏବଂ ସାନ୍ତାଳୀ ସମ୍ପ୍ରଦାୟର ଅନେକ ଆଦିବାସୀ ନୃତ୍ୟ କଳାକାର ଭାଗନେଇ ସେମାନଙ୍କ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଏଥି ସହ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ଘୁମୁରା, ଝୁମୁକା, କରତାଳ, ତୁମୁଡ଼ା, ତାମକ ଓ ସାକ୍ୱା ଆଦିର ତାଳେ ତାଳେ ଝୁମି ଉଠିଥିଲେ ସମସ୍ତ ଦର୍ଶକ। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ଉପକ୍ରମ ଉପରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଓ ମିନେରାଲ ଡିଭିଜନ (ଏଫ୍‌ଏଏମଡି) ର ଏକ୍ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, 'ଆମ ଜନଜାତି ପରମ୍ପରାର ସଂରକ୍ଷଣ ତଥା ପ୍ରଚାର ପ୍ରସାର ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। 'ସର୍ଜୋମ ବା' କେବଳ ଏକ ନୃତ୍ୟ ଗୀତ ମହୋତ୍ସବ ନୁହେଁ, ବରଂ ଏହା ଦ୍ୱାରା ଆମେ ଆମର ପ୍ରତିଟି ଆଦିବାସୀ ଭାଇଭଉଣୀଙ୍କୁ ସମ୍ମାନ ଦେବା ସହ କିପରି ସେମାନଙ୍କ ମହାନ ସଂସ୍କୃତିକୁ ଉଜ୍ଜୀବିତ କରି ରଖିହେବ, ସେ ଦିଗରେ ଏକ ପ୍ରୟାସ।' ଏହି ଅବସରରେ ପାରମ୍ପରିକ ଆଦିବାସୀ ବେଶପୋଷାକ, ଅସ୍ତ୍ରଶସ୍ତ୍ର, କୃଷି ଉପକରଣ ଓ ବାସନକୁସନ ଆଦିର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରକାଶ ଥାଉକି, ଗତ 'ସର୍ଜୋମ ବା' ମହୋତ୍ସବ ପରଠାରୁ ଆରମ୍ଭ କରାଯାଇଥିବା ୫ଟି ଆଦିବାସୀ ସଙ୍ଗୀତ କେନ୍ଦ୍ର ମଧ୍ୟ ଚଳିତ ମହୋତ୍ସବରେ ଭାଗନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଏଫ୍‌ଏଏମଡିର ପ୍ରାଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ୍ ଏଫ୍‌ଏଏମଡି ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ (ଖଣି ପରିଚାଳନା) ନିହାର ରଞ୍ଜନ ମିତ୍ର, ଟାଟା ଷ୍ଟିଲ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଓ କମ୍ପାନୀର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

# କେବେ ହବ ପାଣିକୋଇଲି ଛକ ଜବର ଦଖଲ ମୁକ୍ତ

କୋରେଇ, (ଭାସ୍କର ନ୍ୟୁଜ୍): ବର୍ତ୍ତମାନ ରାଜ୍ୟ ସରକାର ବଦଳିବାର ୯ମାସ ବିତିଗଲାଣି, ନିକଟରେ ନୂତନ ସରକାର ଆଦେଶ ଦେଇଥିଲେ କି ସରକାରି ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ, ଏହି କ୍ରମ ରେ ଓଡିଶା ର ଚାରିଆଡେ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଉ ଥିବା ଦେଖିବାକୁ ମିଳୁଛି। କିନ୍ତୁ ଦୁଃଖର ବିଷୟ, ପାଣିକୋଇଲି ଅଞ୍ଚଳରେ ଏହା ଦେଖିବାକୁ ମିଳୁ ନାହିଁ। ଅଭିଯୋଗ ମୁତାବକ କୋରେଇରେ ବଡ଼ ବଡ଼ିଆ ମାନେ ସରକାରୀ ଜମିସବୁ ମାଡିବସି ସେମାନଙ୍କ ଅଭିଳାଷକୁ ଚରିତାର୍ଥ କରୁଛନ୍ତି, ଶୁଣିବାକୁ ମିଳୁଛି କି କୁଆଡେ କୋରେଇର ଅଫିସରମାନେ ଜବର ଦଖଲ ଉଚ୍ଛେଦ କରିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି ! ଏଠାରେ ସୂଚନାଯୋଗ୍ୟ କି କୋରେଇର ବଡ଼ବଡ଼ିଆମାନେ ପ୍ରଥମେ ଗୋଚର ଜମିକୁ ଜବର ଦଖଲ କରି ଗାଡି ରଖିବା ସ୍ଥାନ ରୂପେ ବ୍ୟବହାର କରୁଛନ୍ତି। କିଛିଦିନ ପରେ ତା ଉପରେ ଘର ନିର୍ମାଣ କରି ନିଜ ଆୟତକୁ ନେଇ ଯାଉଥିବା ଦେଖିବାକୁ ମିଳୁଛି, କୃପାଲୁ ରାଇସ ମିଲର ଆଗରେ ଥିବା ଏକରଏକର ଜମି ଜବର ଦଖଲରେ ଥିବା ବେଳେ ପାଣିକୋଇଲି ବଜାର ଭିତରେ ଉଭୟ ଜାତୀୟ ରାଜପଥକୁ ଲାଗି ରହିଥିବା ସରକାରୀ ଜମି କିଛି ମୁଷ୍ଟି ମେୟ ବ୍ୟକ୍ତି ଜବର ଦଖଲ କରିଥିବା ଜଣାପଡିଛି। ଏହି ଜମିଗୁଡ଼ିକ ନିଜ ଆୟତ ରେ ରଖି ଲୋକଙ୍କୁ ଭଡା ଦେଇ ମୋଟା ଅଙ୍କରେ ମାଣିଆ କାମଉଥିବା ଅଭିଯୋଗ ହେଉଛି। ଫଳରେ ପାଣିକୋଇଲି ବଜାରରେ ଟ୍ରାଫିକ ସମସ୍ୟା ଉତ୍କଟ ସ୍ଥିତିରେ ପହଁଚିଲାଣି। ସେଥିପାଇଁ ପାଣିକୋଇଲି ଛକରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଛି। ସେହିପରି ୨୧୬ ନମ୍ବର ଜାତୀୟ ରାଜପଥରେ ପାଣିକୋଇଲିରୁ ରଗଡି ମଧ୍ୟରେ ରାସ୍ତା କଡ଼ରେ ସରକାରୀ ଜାଗାକୁ ଜବର ଦଖଲ କରି ପଛରେ ଥିବା ଜମି ମାଲିକ ମାନେ ଉଠା ଦୋକାନୀମାନଙ୍କୁ ଭଡା ଦେଇ ଲାଭବାନ ହେଉଥିବା ବେଳେ ରାସ୍ତା ସଂକୋଚନ ହେବା ଫଳରେ ପ୍ରତିଦିନ ଦୁର୍ଘଟଣା ମାନ ଘଟି ଅନେକ ଧନ ଜୀବନ ନଷ୍ଟ ହେଉଛି। ଦୁଃଖର କଥା ଏହି ରାସ୍ତାରେ ପ୍ରତିଦିନ ବିଭିନ୍ନ ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ, ବିଧାୟକ ମାନେ ଯାଉଥିଲେ ମଧ୍ୟ ଏହା କାହାର ଦୃଷ୍ଟି ଗୋଚର ହେଉନଥିବା ପରିଲକ୍ଷିତ ହେଉଛି। କୋରେଇରେ ବିଭିନ୍ନ ମୌଜାରେ କିଛି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ବାବୁ ମାନଙ୍କୁ ହାତରେ ରଖି ଅନାବାଦୀ, ଗୋଚର, ଜଙ୍ଗଲ କିସମ ଜମିକୁ ନିଜ କବ୍‌ଜାରେ ରଖି ନିଜର ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରି ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ବୈଠକ ଗୃହରେ ପୁରୀ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ଗୋପ ପଂଚାୟତ ସମିତି ସୌଜନ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସିଡିପିଓ ମିନାକ୍ଷୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପ ବିଡିଓ ଛବିରାଣୀ ସାହୁ ଯୋଗଦେଇ ଚଳିତ ବର୍ଷ ରହିଥିବା ଥିମ୍ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉପୁଜୁଥିବା ବାଧାବିଘ୍ନ ହାଟାଇବାକୁ ତ୍ୱରିତ ପଦକ୍ଷେପ ନେବା ସଂପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଦିନ ଥିଲା ନାରୀ ଘର ଚାରିକାନ୍ଥ ଭିତରେ ରହୁଥିଲା। ଆଜି ଯୁଗ ବଦଳିଛି। ସବୁକ୍ଷେତ୍ରରେ ନାରୀ ପୁରୁଷର ସମକକ୍ଷ ହୋଇପାରିଛି। ଘର ଚଳାଇବା ପାଇଁ ସେ ସଂଘର୍ଷ କରୁଛି। ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରର ବୋଝ ଉଠାଇବା ପାଇଁ ଦିନରାତି ଏକ କରି ସମାଜ ପାଇଁ ଉଦାହରଣ ସାଜିଛନ୍ତି। ସେହିପରି ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି କହିଛନ୍ତି ନାରୀ ହେଉଛନ୍ତି ବିଶ୍ୱଧାତ୍ରୀ। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଏବଂ ସେମାନଙ୍କ ପ୍ରତି ସକରାତ୍ମକ ମନୋଭାବ ଆଣିବା ଆବଶ୍ୟକ। ନାରୀ ନିର୍ଯ୍ୟାତନାରୁ ବଂଚିତ ହେବା ଆବଶ୍ୟକ ବୋଲି କହିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ଗୋପ ପଂଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ, ରୁବିଲତା ଓଝା, ରେଣୁବାଳା ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ମହିଳା ଦିବସ ସଂପର୍କରେ ଅଲୋକପାତ କରିଥିଲେ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର




ପୁରୀ, (ଭାସ୍କର ନ୍ୟୁଜ୍): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗଦ୍ୱାରା ଆୟୋଜିତ 'ଶ୍ରୁତି ପ୍ରସ୍ଥାନରେ ବ୍ରହ୍ମତତ୍ତ୍ୱ' ବିଷୟକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟର ଭୂତପୂର୍ବ କୁଳପତି ତଥା ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ପ୍ରୋ. ନୀଳକଣ୍ଠ ପତି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ, ମୁଖ୍ୟବକ୍ତା ଭାବରେ ଯାଦବପୁର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାକ୍ତନ ଅଧକ୍ଷ ପ୍ରୋ. ଗଙ୍ଗାଧର କର, ଶ୍ରୀଲାଲବହାଦୁର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନ୍ୟାୟ ବିଭାଗ ମୁଖ୍ୟ ପ୍ରୋ. ବିଷ୍ଣୁପଦ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ପୁରୀସ୍ଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଦ୍ୱୈତ ବେଦାନ୍ତ ବିଭାଗ ମୁଖ୍ୟ ପ୍ରୋ. ଶମ୍ଭୁନାଥ ମହାଳିକ ଯୋଗଦାନ କରିଥିଲେ। ଉଦ୍‌ଯାପନ ଅଧିବେଶନରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗର ଭୂତପୂର୍ବ ବିଭାଗାଧକ୍ଷ ପ୍ରୋ. ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟାତିଥି ଭାବରେ, ରାଇଗଂଜ ବିଶ୍ୱବିଦ୍ୟାଳୟର ପ୍ରୋ. ପ୍ରଶାନ୍ତକୁମାର ମହଲା ବିଶିଷ୍ଟାତିଥି ଭାବରେ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନ୍ୟାୟ ବିଭାଗର ପୂର୍ବତନ ବିଭାଗାଧକ୍ଷ ପ୍ରୋ. କମଳେଶ ମିଶ୍ର ମୁଖ୍ୟବକ୍ତା ଭାବରେ ତଥା ପୁରୀସ୍ଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗାଧକ୍ଷା ପ୍ରୋ. ଗୌରପ୍ରିୟା ଦାଶ ପ୍ରମୁଖ ସାରସ୍ୱତ ଅତିଥି ରୂପରେ ଯୋଗଦାନ କରି ସ୍ୱସ୍ୱ ମନ୍ତବ୍ୟ ପ୍ରଦାନ ପୂର୍ବକ ବ୍ରହ୍ମତତ୍ତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସତ୍ରକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉଭୟ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଜି. ଏସ୍ ଭି. ଦତ୍ତାତ୍ରେୟ ମୂର୍ତ୍ତି ସଭାପତି ଆସନ ଅଳଂକୃତ କରିଥିଲେ। ସର୍ବଦର୍ଶନ ବିଭାଗର ଅଧକ୍ଷ ତଥା ଉକ୍ତ ଜାତୀୟ ଚର୍ଚ୍ଚାସତ୍ରର ନିର୍ଦ୍ଦେଶକ ଡ.ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନ ସତ୍ରରେ ସର୍ବଦର୍ଶନ ବିଭାଗର ସହାୟକାଚାର୍ଯ୍ୟା ଡ.ସସ୍ମିତା ବନ୍ଦର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ସର୍ବଦର୍ଶନ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଅଜୟ କୁମାର ପାଣ୍ଡେ ସଭା ସଞ୍ଚାଳନ କରିଥିଲେ ଓ ଉଦ୍‌ଯାପନ ସଭାରେ ସାହିତ୍ୟ ବିଭାଗର ସହାୟକାଚାର୍ଯ୍ୟ ଡ. ନୀଳାମ୍ବର ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନ ସତ୍ରରେ ବେଦ ବିଭାଗର ଆଚାର୍ଯ୍ୟ ଡ. ରାମଚନ୍ଦ୍ର ହୋତା ଓ ଉଦ୍ ଯାପନ ସଭାରେ ବେଦବିଭାଗର ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ। ଉକ୍ତ ଦ୍ୱିଦିବସୀୟ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଆଚାର୍ଯ୍ୟ, ଆଚାର୍ଯ୍ୟା, ଶୋଧଛାତ୍ର, ଶୋଧଛାତ୍ରୀ, ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଉକ୍ତ ସଂଗୋଷ୍ଠୀରେ ପ୍ରାୟ ୬୦ରୁ ଅଧିକ ଶୋଧାର୍ଥୀ ଶୋଧପତ୍ର ପାଠ କରିଥିଲେ ଏବଂ ୨୫ରୁ ଅଧିକ ବିଦ୍ୱାନ ଯୋଗଦାନ କରିଥିଲେ।

## ବଜରଙ୍ଗ ଦଳ ଦ୍ୱାରା ଗୋରୁ ଗାଡ଼ି ଜବତ




ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ ନୂଆ ଗାଁ ଛକରେ ମହିନ୍ଦ୍ରା ବୋଲର ପିକକ ଡ଼ଓ- ୩୩ଛ-୨୨୪୨,ଡ଼ଓ-୩୩୦୨୪ରେ ଦୁଇଦୁଇଟି ନମ୍ବର ପ୍ଲେଟ ଲଗାଇ ଗୋ ଚାଲାଣ କରାଯାଉଥିଲା। ନିଆଳି ଶ୍ରୀ ବଜରଙ୍ଗୀ ଦଳ ପକ୍ଷରୁ କୌଣସି ସୂତ୍ରରୁ ଖବର ପାଇ ଯୁବକ ମାନେ ଅଟକାଇ ଥିଲେ। ଗୋରୁ ବେପାରୀ ମାନେ ଯୁବକମାନଙ୍କୁ ଟଙ୍କା ଯାଚିଥିଲେ। ବଜରଂଗୀ ଦଳ ପିଲା ଟଙ୍କା ନନେବାରୁ ଗୋରୁ ବେପାରୀ ଉତ୍ୟକ୍ତ ହୋଇ ବଜରଂଗୀ ପିଲାଙ୍କୁ ଭୟ ଭିତ କରିଥିଲେ। ଉତ୍ୟକ୍ତ ଲୋକମାନେ ଗାଡି ଭଙ୍ଗା ରୁଜା କରିବା ଶହ ନିଆଳି ଥାନାକୁ ଖବର ଦେଇଥିଲେ। ଖବର ଲେଖାହେଲା ବେଳକୁ ଘଟଣା ସ୍ଥଳରେ ନିଆଳି ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝା ସୁଝା କରୁଥିଲେ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପରିସରରେ ଫିଲ୍ଡ ଅଫିସର ଦୁର୍ଗା ଫେରିଦିନନ୍ଦ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାଖା ପରିଚାଳକ ଶିବାଶିଷ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତ ହେଲେ ସମାଜର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ କର୍ମଚାରୀ ଅନୁରାଧା ପଣ୍ଡା, ମାନସୀ



ପଣ୍ଡା, ଶୁଭଲକ୍ଷ୍ମୀ ଦାସ, ଲକ୍ଷ୍ମୀପ୍ରିୟା ଦାସ, ସସ୍ମିତା ନାୟକ, ରାଜଦୀପ ମହାନ୍ତି, ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ପାରିଲେ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି କହିଥିବା ବେଳେ ବ୍ୟାଙ୍କ ସେମାନଙ୍କୁ ସହଯୋଗ କରି ଆସୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦାକିନୀ ଦାସ, କୁସୁମ ପରିଡ଼ା, ରଶ୍ମିତା ରାଉତ, ବାସନ୍ତୀ ପରିଡ଼ା, ସୁମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କର କର୍ମଚାରୀ ଲକ୍ଷ୍ମୀଧର ବେହେରା, ସିଦ୍ଧେଶ୍ୱର ଦତ୍ତ, ସୁରେଶ ପାଣିଗ୍ରାହୀ, ଗୌରହରି ବେହେରା, ରାକେଶ ସିଂ ପ୍ରମୁଖ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନ ଏନ୍‌ଏସିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ଏନ୍‌ଏସି ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ମାନିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ନାରୀ ଯୁଗେଯୁଗେ ପୂଜନିୟା ଓ ବନ୍ଦନୀୟା। ମହିଳାମାନଙ୍କ ଉନ୍ନତି ପାଇଁ ସର୍ବପ୍ରଥମେ ବିଜୁ ବାବୁ ପ୍ରୟାସ କରିଥିଲେ। ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ ନାରା ଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କୁ ସଶକ୍ତ କରିବାକୁ ଯାଇ ୩୩ ପ୍ରତିଶତରୁ ୫୦ ପ୍ରତିଶତ ସଂରକ୍ଷଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ମମତା ପାତ୍ର ଯୋଗଦେଇ କନ୍ୟା ସନ୍ତାନ ପରିବାର ପାଇଁ ବୋଝ ନୁହେଁ, କନ୍ୟା ହେଉଛି ଲକ୍ଷ୍ମୀ ସ୍ୱରୂପା। ଆମ ଦେଶର ରାଷ୍ଟ୍ରପତି ଜଣେ ମହିଳା ହୋଇଥିବା ବେଳେ ଓଡ଼ିଶା ବିଧାନସଭାରେ ବାଚସ୍ପତି ଓ ଉପ ମୁଖ୍ୟମନ୍ତ୍ରୀ ମଧ ମହିଳା। ଢେଙ୍କାନାଳ ଜିଲ୍ଲାରେ ୧୦୦୦ ପୁଅରେ ୮୮୦ ଝିଅ ଅଛନ୍ତି। କନ୍ୟା ଭ୍ରୁଣ ହତ୍ୟା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ୧୪ନମ୍ବର ୱାର୍ଡ କାଉନସିଲର କଳ୍ପନା ବେହେରା ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳା ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇ ଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥିଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ। ସମସ୍ତଙ୍କ ପାଇଁ ବଡଖାନାର ଆୟୋଜନ କରାଯାଇଥିଲା।

# ରକ୍ତକେନ୍ଦ୍ରର ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ କାର୍ଯ୍ୟାଳୟ ସ୍ନେହମ ଠାରେ, ଇ.ଟି.ରାଓ,ସଭାପତି, ଓଡିଶା ରକ୍ତଦାତା ସଂଗଠନ, ବି. ଲକ୍ଷ୍ମୀନାରାୟଣ ସୁବୁଦ୍ଧି ଓ ଶିବ ରାମ ପାଣିଗ୍ରାହୀ ବ୍ରହ୍ମପୁର ସବୁଜ ବାହିନୀ ଆବାହକତ୍ୱରେ ଗଞ୍ଜାମ ଜିଲ୍ଲାର ୩୦ରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାତା ସଂଗଠନର ୫୦ ଜଣ କର୍ମକର୍ତ୍ତା ଯୋଗଦେଇଥିଲେ। ବ୍ରହ୍ମପୁର ସହରର ଏକମାତ୍ର ସରକାରୀ ରକ୍ତ କେନ୍ଦ୍ରର ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ବିଷୟରେ ଆଲୋଚନା କରାଯାଇଥିଲା। ବ୍ଲଡ଼ ବେଙ୍କରେ ଦିନର ୨୪ ଘଣ୍ଟା ଡାକ୍ତର ରହୁ ନଥିବାରୁ ରକ୍ତଦାତାମାନେ ବହୁ ଅସୁବିଧାରେ ପଡୁଛନ୍ତି। ଶିବିର କରିବା ପାଇଁ ଆବେଦନ ପତ୍ରରେ ଶିବିରର ଆୟୋଜକହିଁ ଯାହା ଅଘଟଣ ଘଟିଲେ ଅର୍ଥ ଓ ଆଇନଗତ ଭାବେ ଦାଇ କରାଯାଇଛି। ଏହା ଅନ୍ୟ ଜିଲ୍ଲାରେ ଏହି ନିୟମ ନାହିଁ । ଯାହାଫଳରେ କୌଣସି ସଂଗଠନ ଶିବିର କରିବା ପାଇଁ ଆଗେଇ ଆସୁନାହାନ୍ତି। ପୁର ପଲ୍ଲୀରୁ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ପାଇବା ଆବଶ୍ୟକୀୟ ଗ୍ରୁପର ରକ୍ତ ଦାତାଙ୍କୁ ଧରି ଆସିବାକୁ କହିବା ଫଳରେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି ଏପରିକି କିଛି ମଧ୍ୟସ୍ଥିଙ୍କ ହାବୁଡ଼ରେ ପଡ଼ି ରକ୍ତପାଇଁ ଟଙ୍କା ଦେବାକୁ ପଡୁଥିବା ଜଣାଯାଇଛି। ଏହାର ଦୂରୀକରଣ ପାଇଁ ୧୦ ଜଣରେ ଗୋଟିଏ କୁପନ ବଦଳରେ ଅନ୍ତତଃ ଦୁଇଟି କୁପନ ଦେବାପାଇଁ ଦାବୀ କରାଯାଇଛି। ରକ୍ତଦାନ ଶିବିରରେ ଡାକ୍ତରଙ୍କ ଅନୁପସ୍ଥିତି ରହିବା ଓ ସମସ୍ତ କାର୍ଯ୍ୟ ସହାୟକ ମାନେ ତୁଲାଉଛନ୍ତି ଯଦ୍ୱାରା ବୈଶ୍ୟୟିକ ତ୍ରୁଟି ଦେଖାଯାଉଛି। ରକ୍ତଦାତା ସଂଗଠନର ପରିଚାଳନା କମିଟିରେ ଅନ୍ତତଃ ୭୫% ସଭ୍ୟା/ସଭ୍ୟଙ୍କୁ ରକ୍ତଦାତା ସଂଗଠନରୁ ରଖିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ରକ୍ତଦାନ କରିବାକୁ ଯାଇଥିବା ସ୍ୱେଚ୍ଛାସେବୀଙ୍କୁ ବହୁସମୟ ଏପରିକି ୪ଘଣ୍ଟା ଯାଏ ଅପେକ୍ଷା କରିବାକୁ ପଡୁଛି ଓ କେନ୍ଦ୍ରର କର୍ମଚାରୀ ମାନେ ଅନୁକୂଳ ବ୍ୟବହାର ପ୍ରଦର୍ଶନ କରୁନାହାଁନ୍ତି। ତେଣୁ ରକ୍ତଦାତା ପୁନଃ ରକ୍ତଦାନ କରିବାକୁ ଆସୁନାହିଁ। ରକ୍ତ କେନ୍ଦ୍ରରେ ରକ୍ତ ବିକ୍ରି ହେଉଥିବା ଖବରକାଗଜ ରେ ପ୍ରକାଶ ପାଉଛି। ଏହିପରି ଭାବେ ୯ଟି ସମସ୍ୟା ସମ୍ବଳିତ ଦାବିପତ୍ର ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବା ପାଇଁ ଓ ଏହାର ନକଲ, ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର, ଗଞ୍ଜାମ ଜିଲ୍ଲାପାଳ,ଗଂଜାମ ଜିଲ୍ଲାର ସମସ୍ତ ବିଧାୟକ ନିକଟକୁ ପଠାଇବାପାଇଁ ସ୍ଥିର କରାଗଲା। ଏହି କାର୍ଯ୍ୟକ୍ରମରେ ଇଠଇଓ ଓଡ଼ିଶାର ସଭାପତି, ବସନ୍ତ କୁମାର ସାହୁ, ଡାକ୍ତର ସୁବାଷ ଚନ୍ଦ୍ର ସାହୁ, ସମ୍ପାଦକ ଉଷ.ଶିବ ପ୍ରସାଦ ସାହୁ, ଇ.ଡି.ପାତ୍ର, ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସଭାପତି ଏମ୍. ବିଦ୍ୟାସାଗର, ସମ୍ପାଦକ ସତ୍ୟକମ୍ ପାତ୍ର, ଗଂଜାମ ଚାମ୍ବର ଅଫ କମେର୍ସରୁ ଜମ୍ମୁଲା ସୁରେଶ, ମନୋଜ କୁମାର ପାଢୀ ଏମ ଇ.ଜଗଡ଼ିଶ୍ୱର ରାଓ, ମାନବବାଦୀ ହେତୁବାଦୀ ସଙ୍ଗଠନର ସମ୍ପାଦକ କେ.ନନ୍ଦେଷୁ ସେନାପତି, ପ୍ରଗତିଶୀଳ ଉତ୍କଳ ସମାଜର ସରୋଜ ରଞ୍ଜନ ପଟନାୟକ, ମହାନ୍ ସଂଘର ସମ୍ପାଦକ ଇ. ପ୍ରଶାନ୍ତ କୁମାର ପାତ୍ର, ବଜରଙ୍ଗ ଦଳରୁ ରମାକାନ୍ତ ରଥ, ଟିମ କ୍ଲିନ ସିଟିର ଶକ୍ତିଧର ରାଜଗୁରୁ, ଗାୟତ୍ରୀ ପରିବାରରୁ ରବିନାରାୟଣ ସେନାପତି, ତ୍ରିରଙ୍ଗା ସେବା ସଂଘରୁ ଇ.ସରୋଜ ସୁବୁଦ୍ଧି, ପ୍ରଦୀପ କୁମାର ସାହୁ, ରଶ୍ମିତା ମହାନ୍ତି, ଅଶୋକ କୁମାର ନାୟକ, ଫୋରମ ଫର ଗଞ୍ଜାମରୁ ସୁଧୀର ରାଉତ, ମନୁ ସେନା ପକ୍ଷରୁ ମନୁ ଦ୍ୱାନ ସାମନ୍ତରାୟ, ପ୍ରଫେସର ଏମ୍.ଅଲତଫ ଖାଁ, ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାଗ ନେଇଥିଲେ।



ଫୁଲନଖରା (ଭାସ୍କର ନ୍ୟୁଜ୍) : ବାରଙ୍ଗ ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ହରିଅନ୍ତା ଗ୍ରାମ ପଞ୍ଚାୟତରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ପରିମଳ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ପ୍ରଧାନଙ୍କ ନେତୃତ୍ୱରେ ମହିଳାମାନେ ସ୍ୱଚ୍ଛତା ଚାଲି କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ସ୍ୱତନ୍ତ୍ର ଗ୍ରାମସଭା କରାଯାଇ ଶୌଚାଳୟରୁ ବାଦ୍ ପଡିଥିବା ପରିବାରକୁ ଚିହ୍ନଟ କରି ଶୌଚାଳୟ ପ୍ରଦାନ କରିବା, କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ ପରିଚାଳନା କରିବା, ପ୍ଲାଷ୍ଟିକ କମ୍ ବ୍ୟବହାର କରିବା, ଦ୍ୱିତୀୟ ମଳଖାତର ନିର୍ମାଣ ଓ ବ୍ୟବହାର ଉପରେ ବ୍ଲକ ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ସୁପର ଭାଇଜର, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟମ୍ବଦା ବେହେରା, ଅଙ୍ଗନୱାଡୀ କର୍ମୀ, ଆଶା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି ଯୋଗଦାନ କରିଥିଲେ।

# ପାରାଦ୍ୱୀପ ଲକ୍ ଥାନାର ନୂତନ ଗୃହ ଉଦ୍‌ଘାଟିତ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ଗଡ଼ ଠାରେ ଅବସ୍ଥିତ ପାରାଦୀପ ଲକ୍ ଥାନା ୨୦୦୯ ମସିହାରୁ ଏକ କ୍ଷୁଦ୍ର ଗୃହରେ କାର୍ଯ୍ୟ କରି ଆସୁଥିଲା। ଥାନା ଗୃହରେ ପର୍ଯ୍ୟାପ୍ତ ପରିମାଣର ବସିବା ପାଇଁ ସ୍ଥାନ ନଥିବା ଓ କ୍ଷୁଦ୍ର ହାଜାତ୍ ଗୃହ ଥିବାରୁ ଥାନା କାର୍ଯ୍ୟ ପରିଚାଳନାରେ ବ୍ୟାହତ ସୃଷ୍ଟି ହେଉଥିଲା। ପାରାଦ୍ୱୀପରେ ଥିବା ପାଞ୍ଚ ଗୋଟି ଥାନା ମଧ୍ୟରୁ ଲକ୍ ଥାନା



ଅତ୍ୟନ୍ତ ସମ୍ବେଦନଶୀଳ ଓ ଅପରାଧ ପ୍ରବଣ ଥାନା ହୋଇଥିବାରୁ ରାଜ୍ୟ ସରକାର ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଏକ ସୁସଜ୍ଜିତ ଦ୍ୱିତଳ ନୂତନ ଗୃହ ନିର୍ମାଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିସି ମାଧ୍ୟମରେ ଉକ୍ତ ଥାନାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପାରାଦ୍ୱୀପ ଲକ୍ ଥାନା ପରିସରରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା, ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ନୂତନ ଥାନା ଗୃହ ଉଦ୍‌ଘାଟନ କାର୍ଯ୍ୟରେ ସାମିଲ ହୋଇଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସଭା କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଧନ୍ୟବାଦ୍ୟ ପ୍ରଦାନ କରିଥଲେ। ପାରାଦ୍ୱୀପ ଲକ୍ ଥାନା ଅଧିକାରୀ ରଶ୍ମି ରଂଜନ ଦାଶ ଏହାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କରିଥିବା ବେଳେ ଅଭୟ ଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ, ପାରାଦ୍ୱୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଧିକାରୀ କଲ୍ୟାଣୀମୟୀ ଷେଣ୍ଠ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ବିଶ୍ୱାଳ, ଚନ୍ଦ୍ରକାନ୍ତ ସ୍ୱାଇଁ, ମନୋଜ ସ୍ୱାଇଁ, ସଂଗ୍ରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ୫୧ତମ ବିଶ୍ୱ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ଜିଲ୍ଲାର ୫ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ପାଇଲେ ସୁଭଦ୍ରାର ୨ୟ କିସ୍ତି



ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାରେ ୫, ୯୨, ୭୯୯ଜଣ ମହିଳା ପାଇଲେ ଦ୍ୱିତୀୟ କିସ୍ତି। ଆଜି ୫୧ତମ ବିଶ୍ୱ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବରହମପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଭବ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନାରୀ ଶକ୍ତିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଡିବିଟି ଜରିଆରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ଆଜି ବାରିପଦାସ୍ଥିତ ଛଉ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ, କାନ୍ଦ୍ରା ସୋରେନ ଓ ଜିଲ୍ଲାପାଳ ହେମକାନ୍ତ ସୟ ଯୋଗ ଦେଇଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଆନ୍ତର୍ଜାତୀୟ ଦିବସ ପାଳନ ଇତିହାସର ସ୍ମୃତିଚାରଣ କରି କହିଥିଲେ କି ଅତୀତରେ ଭାରତରେ ନାରୀ ଶକ୍ତିକୁ ଗୁରତ୍ୱ ଦେଇ ସଶକ୍ତ କରାଇବାରେ ଯେଉଁ ଅନନ୍ୟ ବ୍ୟକ୍ତିତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେ ହେଉଛନ୍ତି ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପାୟୀ ଏବଂ ବର୍ତ୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ କାର୍ଯ୍ୟକାରୀ କରାଯାଇଥିବା ସୁଭଦ୍ରା ଯୋଜନା ମାଧ୍ୟମରେ ନାରୀଶକ୍ତି ଅଧିକ ସଶକ୍ତ ଓ ସମୃଦ୍ଧ ହୋଇଛି। ଆଜି ମୟୂରଭଞ୍ଜ ଜିଲ୍ଲାର ୫, ୯୨, ୭୯୯ଜଣ ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ରାଶି ଯାଇଛି। ଅନ୍ୟାନ୍ୟ ଅତିଥିମାନେ ମଧ୍ୟ ଏହି ଯୋଜନା ସମ୍ବନ୍ଧରେ ନିଜ ନିଜ ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ପାଇଥିବା ୧୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ, ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିବାବେଳେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ବନପାଳ ଗୁରୁତର



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଜଙ୍ଗଲ ନିଆଁ ଲିଭାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣ ରେ ତାରା ସିଂ ବନପାଳ କଳା ବଦନ ଦାଶ ଗୁରୁତର ଆହତ ହୋଇଛନ୍ତି। ଉତ୍ତର ଘୁମୁସର ବନଖଣ୍ଡର ତାରା ସିଂ ରେଞ୍ଜ ଅନ୍ତର୍ଗତ ତାରା ସିଂ ସେକ୍ସନ ବ୍ରହ୍ମଣ ସାହି ଜଙ୍ଗଲର ଏକ ପାହାଡ ଉପରର ନିଆଁ ଲାଗିଥିବା ସେଟ୍ ଲାଇଟ୍ ପଏଣ୍ଟରେ ଦେଖିବା ପରେ ନିଜର ସହଯୋଗୀଙ୍କ ସହ ସେ ଘଟଣାସ୍ଥଳକୁ ନିଆଁ ଲିଭାଇବାକୁ ଯାଇଥିଲେ। ସେଠାରେ ନିଆଁ ଲିଭାଇବା ପରେ ଅନ୍ୟ ସହଯୋଗୀମାନଙ୍କ ସହ ସନ୍ଧ୍ୟା ସାଢେ ୬ଟାରେ ସେ ପାହାଡ଼ରୁ ତଳକୁ ଖସୁଥିବା ବେଳେ ଅତର୍କିତ ଏକ ଭାଲୁ କଳା ବଦନଙ୍କୁ ଆକ୍ରମଣ କରିଥିଲେ। ଭାଲୁଟି କଳା ବଦନଙ୍କ ଡାହାଣ ହାତକୁ କାମୁଡି ଦେବା କାରଣରୁ ହାତଟି ଭାଙ୍ଗି ଯାଇଛି। ତେବେ ସେଠାରେ ଉପସ୍ଥିତ ଅନ୍ୟ ସହଯୋଗୀମାନେ ପହଞ୍ଚି ଭାଲୁଟିକୁ ଘଉଡାଇବା ସହ ଘଟଣାସ୍ଥଳରୁ ଫରେଷ୍ଟର ଦାଶକୁ ଉଦ୍ଧାର କରି ପାହାଡରୁ ତଳକୁ ଆଣିବା ପରେ ସେଠାରୁ ଜଙ୍ଗଲ ବିଭାଗ ଭ୍ୟାନରେ ତାଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଯାଇଥିଲା। ମେଡିକାଲରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଓ ଅନ୍ୟ ଷ୍ଟାଫ୍‌ମାନେ ପହଞ୍ଚି ଫରେଷ୍ଟର ଦାଶଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ରାତି ୧୦ଟାରେ ଏଠାରୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଫରେଷ୍ଟର କଳା ବଦନ ଦାଶଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଓ ସେ ବିପଦମୁକ୍ତ ଥିବା ଡିଏଫଓ ମହାନ୍ତି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି।

# ବୟୋଜ୍ୟେଷ୍ଠ ମହିଳାଙ୍କ ପରଲୋକ

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ସୁମଳଦା ଗ୍ରାମର ବୟୋଜ୍ୟେଷ୍ଠ ମହିଳା ପ୍ରେମଲତା ସାମଲ (୯୨)ଙ୍କ ଆଜି ପୂର୍ବାହ୍ଣରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତା ସାମଲ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ଧର୍ମପରାୟଣ ମହିଳା ଥିଲେ। ବାର୍ଦ୍ଧକ୍ୟ ଜନିତ କାରଣରୁ ଆଜି ସକାଳେ ହଠାତ୍ ତାଙ୍କର ପରଲୋକ ହୋଇଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତୁରା ଆହ୍ଲାବାଦ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ବିଧୁଭୂଷଣ ସାମଲ, ପୁଅ ହର୍ଷ, ବିନୋଦ, ବଧୂଲି, ରମାକାନ୍ତ ଭଦ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭିନ୍ନ ଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ପୁରସ୍କୃତ କଲା ଏନ୍‌ଏସି ପ୍ରଶାସନ



## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ଏନଏସି ପକ୍ଷରୁ ଶନିବାର ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମହିଳାମାନଙ୍କୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଏନ୍‌ଏସି ଅଧକ୍ଷା ସର୍ମିଷ୍ଠା ପ୍ରଧାନ ଯୋଗଦେଇ ଏହି ସମ୍ମାନ ମହିଳାମାନଙ୍କୁ ପ୍ରଦାନ କରିଥିଲେ। ଓପିଟିସିଏଲ ନିକଟରେ ଥିବା ସୁସ୍ଥ ସେଣ୍ଟରକୁ ଶ୍ରେଷ୍ଠ ସୁସ୍ଥ ସେଣ୍ଟର ଭାବେ ସମ୍ମାନିତ କରାଯାଇଥିବାବେଳେ ଶ୍ରେଷ୍ଠ ସ୍ୱଚ୍ଛସାଥି ଭାବେ ପ୍ରଭାତୀ ଗୌଡ, ଶ୍ରେଷ୍ଠ ପବ୍ଲିକ ଟଏଲେଟ ପାଇଁ ପୁତିଗୋପାଳପୁରର ତପୋଇ ଏସଏଚଜି, ଶ୍ରେଷ୍ଠ ଏଂଟେନରପର ଭାବେ ସିଦ୍ଧବୀର ଏସଏଚଜି, ଶ୍ରେଷ୍ଠ ଏସଏଚଜି ଭାବେ ୧୪ ନମ୍ବର ୱାର୍ଡର ମା' ଶ୍ୟାମାକାଳୀ ଏସଏଚଜି, ସଚେତନତା ପାଇଁ ୩ ନମ୍ବର ୱାର୍ଡର ରୂପାଲି ଏସଏଚଜିକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଏଏଲଏଫ ଭାବେ ଇନ୍ଦିରା, ଝାନସିରାଣି, ମାଧିନି ମିନାକ୍ଷି, ଶିବଶକ୍ତି, ନାରୀନେତ୍ରୀ, ମୀରାବାଇ, ଜୀବନଜ୍ୟୋତି ଓ ସ୍ୱାଭିମାନ ଏଏଲଏଫକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ସମସ୍ତ କାଉନସିଲର ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ସ୍ୱାଧୀନତା ଓ ସଫଳତାକୁ ପାଳନ କରିବାକୁ ଦିନଟିଏ

## ପ୍ରେରଣାଦାୟୀ ମହିଳାଙ୍କୁ ସମ୍ବର୍ଦ୍ଧନା




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଇ ଆସୁଛି। ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି ଦିନର ଉଦ୍ଦେଶ୍ୟ। ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି। ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କଲେଣି ମହିଳାମାନେ। ମହିଳା ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ମଣ୍ଡଳଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ନାରୀ ଏକ ଶକ୍ତି, ଏକ ସ୍ନେହମୟୀ ହୃଦୟ, ଏକ ସ୍ୱପ୍ନ ସାକାର କରିବାର ଅତୁଟ ସାମର୍ଥ୍ୟ। ସେ ଜୀବନର ନିର୍ମାତ୍ରୀ, ପରିବାରର ଆଧାରସ୍ତମ୍ଭ, ଏବଂ ସମାଜର ଅଙ୍ଗସ୍ୱରୂପ। ନାରୀ ମାତ୍ର ଏକ ସଂଜ୍ଞା ନୁହେଁ, ସେ ହେଉଛି ଆଦର୍ଶ, ଭଲପାଇବା ଏବଂ ସଂଘର୍ଷର ଚିହ୍ନ। ସେ ଏକ ସୁନ୍ଦର ନିର୍ମାଣ୍ୟ, ଯେଉଁଥିରେ ଦୟା, ସହନଶୀଳତା, ଏବଂ ଅସୀମ ଶକ୍ତି ମିଶିଥାଏ ବୋଲି ନିଜ ବକ୍ତବ୍ୟରେ ବ୍ଲକ ଅଧକ୍ଷା ଆରତୀ ନାଏକ କହିଥିଲେ। ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା କହିଥିଲେ, ନାରୀ କେବଳ ଘରର ଦୀପ୍ତି ନୁହେଁ ସେ ସମସ୍ତଙ୍କ ପାଇଁ ସାଜେ ଆଲୋକମୟୀ ଧାରା। ଏହି ବୈଠକରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ସ୍ୱୟଂସହାୟକ ମହିଳା, ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ମହିଳା ଦିବସ ଅବସରରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ଛୁରିଆନା ପଂଚାୟତ ଅଣକଣା ଗ୍ରାମର ଲିପିନା ବେହେରାଙ୍କୁ ସ୍ୱାବଲମ୍ବି ମହିଳା ଭାବେ ଅତିଥିମାନେ ଉପଢ଼ୌକନ ସହ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ।

## 'ଆମ ଗାଁ ମହୋତ୍ସବ'ର ତୃତୀୟ ସନ୍ଧ୍ୟା

# 'ମହୋତ୍ସବ ନୂତନ ପିଢ଼ିକୁ ସୁଯୋଗ ଦେଇଥାଏ'



ବୋଲଗଡ (ଭାସ୍କର ନ୍ୟୁଜ୍) : ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ପାରିଜାତ କ୍ଲବ ସମ୍ମୁଖରେ ଆମ ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତା ଓ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି, ଶିକ୍ଷାବିତ ଡ଼ ବିଭୂତି ଭୂଷଣ ଦଲାଇ, ସରପଞ୍ଚ ସୁନନ୍ଦା ବରାଳ ଓ ଉପଦେଷ୍ଟା ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନୂତନ ପିଢ଼ିକୁ ସୁଯୋଗ ଦେଇଥାଏ ବୋଲି ଅତିଥି ମତପ୍ରକାଶ କରିବା ସହ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ପୁରୀର ଶ୍ରୀମତୀ ସୁନିତା ସାଂସ୍କୃତିକ କଳା ବିକାଶ ପରିଷଦ, ଡିଭାଇନ ଡ୍ୟାନସ ଗ୍ରୁପ ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଅନନ୍ତ କଳା ପରିଷଦ, ବଡ଼ ବେରଣା ମା' କାଳିକା ଦେବୀ ସାଂସ୍କୃତିକ ପରିଷଦ ଓ ବାଲେଶ୍ୱର ବାସୁଲେଇ ମାତା କଳା ନିକେତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ମୃତ୍ୟୁଞ୍ଜୟ ପଣ୍ଡା ଓ ସନ୍ଦୀପ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସଭାର ପ୍ରାରମ୍ଭରେ ଯୁଗ୍ମ କୋଷାଧକ୍ଷ ଅମିୟ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟି ସମ୍ପାଦକ ଡ଼ଃ ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାସେବୀଙ୍କ ପରଲୋକ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାଗସାହିର ସମାଜସେବୀ ତଥା ଈଶ୍ୱରପ୍ରେମୀ ଖଗେନ୍ଦ୍ର ନାଥ ମଣ୍ଡଳଙ୍କ ୯୨ବର୍ଷରେ ଶୁକ୍ରବାର ସନ୍ଧ୍ୟାରେ ନିଜ ବାସଭବନରେ ପରଲୋକ ଘଟିଛି। ଶ୍ରୀ ମଣ୍ଡଳ ଏକଧାରାରେ ସମାଜସେବୀ, ଈଶ୍ୱରପ୍ରେମୀ, ପରୋପକାରୀ, ଦୃଢ଼ମନା ମିଷ୍ଟଭାସୀ ବ୍ୟକ୍ତି ଥିଲେ। ସେ ନିଜ ଗ୍ରାମର ଦେବୀମଣ୍ଡପର ସାର୍ବଜନୀନ ଦୁର୍ଗାପୂଜା କମିଟର ସାଧାରଣ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ଆସୁଥିଲେ। ଗତ ବର୍ଷ ତାଙ୍କ ନେତୃତ୍ୱରେ ପୂଜା କମିଟିର ହୀରକ ଜୟନ୍ତୀ ପାଳନ କରାଯାଇଥିଲା। ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମକୁ ସେ ଭୂମିଦାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁସଂଗଠନ ଓ ସଂସ୍ଥାରେ ସହିତ ଜଡିତ ରହି ଅନେକ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଅଧିକାଂଶ ସମୟ ସେ ଈଶ୍ୱର ସେବାରେ ଦିନ କଟାଉଥିଲେ। ତାଙ୍କ ମୃତ୍ୟୁଖବର ପାଇ ଅଞ୍ଚଳର ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରାଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ମୃତ୍ୟୁଶର୍ଯ୍ୟା ନିକଟରେ ବଡ଼ପୁଅ ସୁବାଷ, ସାନପୁଅ ସୁଦ୍ଧାସୁଂ, ଝିଅ କ୍ୱାଇଁ, ନାତୀ ନାତୁଣୀ ଉପସ୍ଥିତ ଥିଲେ। ଏହି ଶୋକାକୁଳ ପରିବେଶରେ ତାଙ୍କର ଶୁଭେଚ୍ଛୁ କଲ୍ୟାଣ, କିଶୋର, ମୁନା, ଚନ୍ଦନ, ଟୁକୁଲି, ବିଜୁ, ସଂଜୟ, କମ୍ଭୁ, ଶିବାନନ୍ଦ, ଟୁଲା, ସନ୍ତୋଷ ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତିମ ସଂସ୍କାରରେ ଭାଗ ନେଇଥିଲେ।

# ଛାତ୍ରଛାତ୍ରୀଙ୍କ ନାସା, କର୍ଣ୍ଣ ଓ ଗଳା ପରୀକ୍ଷା

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସାଇଗୁରୁକୁଳ ଆବାସିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ସ୍ୱେଚ୍ଛାସେବୀ ସଂଗଠନ ଆଇନା ଭୁବନେଶ୍ୱର, ସମ୍ଭବ ରୋହିବାଙ୍କ, ସ୍ନେହା ଫାଉଣ୍ଡେସନ ନିୟୋର୍କ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଛାତ୍ରଛାତ୍ରୀ ମାନଙ୍କ କର୍ଣ୍ଣ, ନାସା, ଓ ଗଳାର ପରୀକ୍ଷା କରାଯାଇଥିଲା। ଏଥିପାଇଁ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଅଜିତ କୁମାର ଶତପଥି ଅଧକ୍ଷତା କରିଥିଲେ। ଅଡିଓଲୋଜିଷ୍ଟ କାର୍ତ୍ତିକେଶ୍ୱର ଜେନା ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତ ଛାତ୍ର ଛାତ୍ରୀଙ୍କ ନାସା, କର୍ଣ୍ଣ ଓ ଗଳା ପରୀକ୍ଷା କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର

କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ଗୁରୁତୁଲୀ ନିକଟସ୍ଥ ବୁଲାଣିରେ ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଆଜି ଅପରାହ୍ନରେ ଶିକରପାଇ ପଞ୍ଚାୟତର ପେଣ୍ଟପ୍ରାସ୍କା ଗ୍ରାମର ଦୁଇ ଜଣ ଯୁବକ ରାମା କାଣିକା ଓ ସାଲମା କାଣିକା ଓଡ଼ି ୧୮ ୦୮୨୦ ନମ୍ବର ବାଇକରେ ବୁଡ଼ାଗୁଡା ପଞ୍ଚାୟତର



କଦଳୀଛୁଆଁ ଗ୍ରାମର ମୃତ ଘରକୁ ଯାଇ ଫେରୁଥିବା ବେଳେ ବିପରୀତ ଦିଗରୁ ଏକ କାର୍ ଓଆର ୧୮ ୮୮୧୮ ନମ୍ବର କାର୍‌ରେ ଦୁଇ ଜଣ ବ୍ୟକ୍ତି ଯାଉଥିବା ବେଳେ ଗୁରୁତୁଲୀ ନିକଟସ୍ଥ ବୁଲାଣିରେ ଧକ୍କା ହୋଇଥିଲା। ଯାହାଫଳରେ କାର୍‌ଟି ଓଲଟି ପଡିଥିବା ବେଳେ ବାଇକର ଦୁଇଜଣ ଫିଙ୍ଗି ହୋଇଥିଲେ। ଏହାକୁ କିଛି ଲୋକ ଦେଖି ରୋଗିବୃହା ଗାଡିକୁ ଯୋଗାଯୋଗ କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହିଠାରେ ଡାକ୍ତର ଅନୁଭବ ସାହୁ ପ୍ରାଥମିକ ଚିକିତ୍ସା କରି ଦୁଇ ଜଣଙ୍କ ଅବସ୍ଥାରେ ଗୁରୁତର ହୋଇଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ କାର୍‌ରେ ଥିବା ଦୁଇଜଣ ଫେରାର ହୋଇଥିବା ଜଣାପଡିଛି।

# ନାମ ଜପୁଜପୁ ଘଟଛାଡ଼ିଲେ ବାମଦେବ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗିରିଗୋଲା ଗ୍ରାମର ବାମଦେବ ମଲିକ (୮୧) ପ୍ରତ୍ୟୁଷରେ ନାମ ଜପୁଥିବା ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି। ଗ୍ରାମର ଧର୍ମ ପରାୟଣ ବ୍ୟକ୍ତିଭାବେ ପରିଚିତ ବାମଦେବ ପ୍ରତିଦିନ ପ୍ରତ୍ୟୁଷରେ ବିଛଣାରେ ବସି ଠାକୁରଙ୍କ ନାମ ଜପିବା ପରେ ବାହାରକୁ ବାହାରିଥାନ୍ତି। ଆଜି ସକାଳେ ବିଛଣାରେ ନାମଜପୁଥିବା ଘର ଲୋକ ଶୁଣିଛନ୍ତି। ନାମ ବନ୍ଦ ହେବା ପରେ ସେ ପୁଣି ଶୋଇଛନ୍ତି ବୋଲି ଭାବି ଘର ଲୋକ ଡାକିନଥିଲେ। ଅତି ବିଳମ୍ବ ହେବାରୁ ଘର ଲୋକ କବାଟ ବାଡ଼େଇ ଡାକିଲେବି ଭିତରୁ କୌଣସି ଉତ୍ତର ଆସିନଥିଲା। ପରିବାର ଲୋକ ଘରର କବାଟ ଭାଙ୍ଗି ଦେଖନ୍ତି ତ ବାମଦେବ ନାମଜପୁଥିବା ଅବସ୍ଥାରେ ପରଲୋକ ହୋଇଯାଇଛି। ଘଟଣାଟି ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ବାମଦେବ ଜଣେ ମେଳାପୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସମସ୍ତଙ୍କର ପ୍ରିୟ ଥିବା ଯୋଗୁ ଗ୍ରାମର ଅନେକବାର ନିର୍ଦ୍ଦ୍ୱନ୍ଦ୍ୱରେ ୱାର୍ଡ଼ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ମୃତ୍ୟୁଖବର ପାଇ ବହୁ ବ୍ୟକ୍ତି ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଂଚିଥିଲେ। ସେମାନଙ୍କ ମଧ୍ୟରେ ସମାଜସେବୀ ସ୍ମାରକ ମହାନ୍ତି, ପୂର୍ବତନ ସରପଂଚ ବସନ୍ତ କୁମାର ସାହୁ, ଯୋଗାନନ୍ଦ ମହାନ୍ତି, ସରପଂଚ ମିତାରାଣୀ ମଲିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଗ୍ରାମନିକଟସ୍ଥ ଖଲାରେଶ୍ୱର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ସୁବାଷ ମୁଖାଗ୍ନି ଦେଇଥିଲେ।

# ରାଶିଫଳ

**ରବିବାର, ୦୯ ମାର୍ଚ୍ଚ ୨୦୨୫**



**ମେଷ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ମନମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ। ଶିକ୍ଷାବିଭାଗ, ଠିକାଦାରୀ, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତୀତ ଫଳ ପାଇବେ।



**ବୃଷ:** ମାନ ସମ୍ମାନ, ଧନ କ୍ଷେତ୍ରରେ ଶୁଭଫଳ ମିଳିବ। କୌଣସି ଦିଗରୁ ରୋଜଗାର ନିମନ୍ତେ ସୁଯୋଗ ମିଳିବ। ନୂତନ ପ୍ରକଳ୍ପର ସନ୍ଧାନ ମିଳିବ। ମୋଟରଯାନ ଏବଂ କଳକାରଖାନା ସମ୍ବନ୍ଧୀୟ କ୍ଷେତ୍ରରେ ରୋଜଗାରର ବାଟ ଫିଟିବ। କୌଣସି ପ୍ରକାର ପୁରୁଣା ରୋଗର ଉପଶମ ହେବ। ପିଲାମାନେ ଆଶା ଠାରୁ ଅଧିକ ଶୁଭଫଳ ପାଇବେ।



**ମିଥୁନ:** କୌଣସି ପ୍ରକାର ଯୋଜନାରେ ସଫଳ ହେବେ। ଆୟରେ ବୃଦ୍ଧିହେବ। କୌଣସି ଅତିତର ଯୋଜନାରେ ସଫଳ ହେବେ। ବ୍ୟବସାୟରେ ଉନ୍ନତି ଘଟିବ।



**କର୍କଟ:** ଟଙ୍କା ପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ। ନୂଆ ଭୂମି କ୍ରୟ, ଗାଡି କ୍ରୟ, ରୋଜଗାର ପନ୍ଥା, ଔଷଧ ଏବଂ ଖେଳ ସାମଗ୍ରୀ ଜନିତ ବ୍ୟବସାୟ ଆଦି କ୍ଷେତ୍ରରେ ଶୁଭଫଳ ମିଳିବ। ମାତ୍ର ହିସାବ ଠାରୁ ଅଧିକ ଖର୍ଚ୍ଚ ହେବ। ମନ ବିଚଳିତ ରହିବ।



**ସିଂହ:** ଆଜି ରିଷ୍ଟପୂର୍ଣ୍ଣ ଦିବସ ରହିବ। ତେଣୁ ମଥାରେ ରକ୍ତ ଚନ୍ଦନ ଲଗାନ୍ତୁ। ରିଷ୍ଟ ଖଣ୍ଡନ ହେବା ସହିତ ମନ ସକରାତ୍ମକ ଓ ଶାନ୍ତ ରହିବ। କୌଣସି ପ୍ରକାରେ ସୁଖଶାନ୍ତି କ୍ଷୁର୍ଣ୍ଣ ହେବ। ମନ ଦ୍ୱନ୍ଦ୍ୱ ମଧ୍ୟରେ ରହିବ। କାହା ସହିତ ମତାନ୍ତର ହେବ। ତେଣୁ ଦିନଭରି ନିରବ ରହିବେ।



**କନ୍ୟା:** ଅଚାନକ ଖୁସିଖବର ମିଳିବ। ନୂତନ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବ। ପିଲାଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢ଼ିବ ମାତ୍ର ଚାକିରି ବ୍ୟବସାୟରେ ସତର୍କ ରହିଥିବେ ନଚେତ କ୍ଷୟକ୍ଷତି ହେବ। ମହିଳାମାନେ ଦୁର୍ବଳତା ଅନୁଭବ କରିବେ।



**ତୁଳା:** ଅଂଶୀଦାର ବ୍ୟବସାୟରେ ଲାଭବାନ ହେବେ ନାହିଁ ମାତ୍ର ଜାଗାବାଡି ଏବଂ ଗୃହନିର୍ମାଣ ବ୍ୟବସାୟରେ ଲାଭ ହେବ। ଦୂରଯାତ୍ରା ସଫଳ ରହିବ। ଅର୍ଥଚିନ୍ତା ଦୂର ହେବ ଏବଂ ମାନସିକ ଶାନ୍ତି ବଢ଼ିବ। ଯାନ୍ତିକ ବିଭାଗ ଜନିତ ଚାକିରି ବା ଆୟର ବାଟ ମିଳିବ। ମନ ଉଗ୍ରସ୍ୱଭାବ ଭରା ରହିବ। ତେଣୁ ଦିନର ଅଧିକାଂଶ ସମୟ ନିରବ ରହିବା ଶୁଭ।



**ବିଛା:** ମନର ଆଶା ପୂରଣ ହେବ। ଚେଷ୍ଟା କରୁଥିବା କାମଗୁଡିକରେ ସଫଳ ହେବେ। ତେଣୁ ମାନସିକ ଶାନ୍ତି ପ୍ରାପ୍ତ ହେବ। ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢ଼ିବ। ପୁରୁଣା ରୋଗରୁ ଉପଶମ ମିଳିବ। ଶତ୍ରୁଭୟ ଥିଲେ ପରିବର୍ତ୍ତନ ହେବ। ପିଲାମନଙ୍କର ଭବିଷ୍ୟତର ପାଠପଢ଼ା ଏବଂ କର୍ମନିଯୁକ୍ତିକୁ ନେଇ ନିଷ୍ପତ୍ତି ନେବାରେ ମନ ବିଚଳିତ ରହିବ।



**ଧନୁ:** ପାରିବାରିକ ପରିବେଶରେ ଖୁସି ମିଳିବ। ପିଲାଙ୍କର ଚାକିରିର ସୁଯୋଗ ଆସିବ। କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ। ସରକାରୀ ସହାୟତା ମିଳିବ। ପରିବାରରେ ଦାୟିତ୍ୱ ବୃଦ୍ଧି ହେବ। ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ। ବିଷ୍ଣୁ ସହସ୍ରନାମ ଶୁଣନ୍ତୁ କଲ୍ୟାଣ ହେବ।



**ମକର:** କୌଣସି ପ୍ରକାରର ଧୋକା ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟ ବିଗିଡି ଯିବ। ଗଚ୍ଛିତ ଅର୍ଥବ୍ୟୟ ବଢ଼ିବ ଫଳରେ ମନ ଅଶାନ୍ତ ରହିବ। ସଠିକ୍ ନିଷ୍ପତ୍ତି ନେଇ ନପାରି ମନ ଦୁଃଖ ହେବ। ହଳଦି ଅକ୍ଷତ ଓ ଚନ୍ଦନ ମଥାରେ ଟିକା ଲଗାନ୍ତୁ। ଗୁରୁଜନଙ୍କର ଆଶୀର୍ବାଦ ନିଅନ୍ତୁ।



**କୁମ୍ଭ:** ଆଜି ଦିନଟି ଶୁଭରେ ଶୁଭରେ କଟିବ। ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ। ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ ଏବଂ ଗହମ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୂରଣ ହେବ। ବିଦ୍ୟାର୍ଥୀମାନେ ବିଦ୍ୟାରେ ମନୋନିବେଶ କରିବେ।



**ମୀନ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ମନମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ। ଶିକ୍ଷାବିଭାଗ, ଠିକାଦାରୀ, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତୀତ ଫଳ ପାଇବେ।



ଶ୍ରୀ ପ୍ରକାଶନ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ପଞ୍ଚାୟତର ଦେଓପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସ୍ୱପନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ଭତ୍ରା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଲିମାଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫନିନ୍ଦ୍ର ଗାଇନ, ବରିଷ୍ଠ ଶିକ୍ଷାବିତ୍ ସପନ ସରକାର, ଧନୁର୍ଦ୍ଧର ଭତ୍ରା, ସିଆର୍‌ସିସି ଦିଲ୍ଲିପ କୁମାର ରଜକଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରି ସାନ୍ତା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଶିକ୍ଷକ ଗଣେଶ ରଣା ସଭା ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସିପୁନ୍ ରାୟ ବିବରଣୀ ପଠନ କରିଥିଲେ। ଏହି ଅବସରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଶିଉଳି ରାଣୀ ସର୍ଦ୍ଦାର ଓ ମମତା ଭତ୍ରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସିପୁନ୍ ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।



## ଭଡ଼ାରେ ଲାଗୁଛି ଜାଗା, ପାର୍କିଂ କାହା ପାଇଁ ?



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ପାରଳାଖେମୁଣ୍ଡି ସହର ଏକ ପୁରାତନ ମ୍ୟୁନିସ୍‌ପାଲିଟି ଅଟେ । ଏହି ସହରରେ ଟ୍ରାଫିକ୍ ନେଇ ନାନା ସମସ୍ୟା ଉପୁଜେ । ପୂର୍ବ ଚେୟାରମ୍ୟାନ୍ ଏସ୍. ଲଳିତା ତା୩୧.୦୮.୨୦୧୭ ରେ ବଜାର ଛକ ଠାରେ ଥିବା ସରକାରୀ ଜାଗାରେ ଟ୍ରାଫିକ୍ ପାଇଁ ଦୁଇ ଚକିଆ ଓ ଚାରିଚକିଆ ଯାନ ସ୍ଥାନ ଉଦଘାଟନ କରିଥିଲେ। ସେହି ସମୟରେ ସ୍ଥାନୀୟ ପାରଳାଖେମୁଣ୍ଡି ବିଧାୟକ ସୁରୀୟା ରାଓ ମଧ ଉପସ୍ଥିତ ଥିଲେ । ମାତ୍ର ୮ବର୍ଷ ବିତିଯାଇ ଥିଲେ ବି ଏହି ସ୍ଥାନରେ ସୁଧାର ଆସିନାହିଁ । ସୂଚନାଯୋଗ୍ୟ ଯେ ଏଠାରେ ଫଳ ଦୋକାନ, ବାହାଘର ଜିନିଷ ,ପନିପରିବା ଦୋକାନ ପକାଯାଉଛି । ଏଠାରେ ପରିଶ୍ରା ଗୃହ ନିର୍ମାଣ କରାଯାଇଛି। ତାହାର ମଧ ରକ୍ଷାଣ ବେକ୍ଷଣ କାରାଯାଉ ନାହିଁ। ଏହି ପରିଶ୍ରାଗାର ଠାର ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏଠାରୁ ମାଗଣା ବିଦ୍ୟୁତ ହୁକ୍ ଲଗାଇଥାନ୍ତି ଏଠିକାର ବ୍ୟବସାୟୀମାନେ । ଏହି ଜାଗାକୁ ଟେଣ୍ଡର ଦିଆଯାଉଛି କି ନାହିଁ ଜଣାନାହିଁ। ତେବେ ଏଠାରେ ମୋଟର ସାଇକଲ ରଖିଲେ ପୋଲିସ୍ ନେଇଯାଉଛି । ସାଧାରଣରେ ଦାବି ହେଉଛି ଯେ ପାର୍କିଂରେ ରଖିବେନି ତ କେଉଁଠି ରଖିବେ ମୋଟର ସାଇକଲ ସହ ଚାରିଚକିଆ ଯାନ ।

## ଗୋରୁ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ଉମରକୋଟ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ରାସ୍ତାରେ ଧରାପଡିଛି ଏକ ବଡ଼ ମଇଁଷି ବୋଝେଇ କଣ୍ଟେନର। ଉକ୍ତ ଟ୍ରକ୍‌ର ଡ୍ରାଇଭର କହୁଛନ୍ତି ଏହା ନବରଙ୍ଗପୁର ସହରର ଅଜିତ୍ ଶେଖ୍‌ଙ୍କର। କିନ୍ତୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ସହରର ଅଜିତ୍ ଏହା ମୋର ନୁହଁ ବୋଲି କହୁଛନ୍ତି। ଡିଗିରିଆ ପରେ ପରେ ଉମରକୋଟ ତଥା ନବରଙ୍ଗପୁର ଜିଲ୍ଲା ପାଲଟିଛି ଗୋରୁ, ମଇଁଷି ରପ୍ତାନି କାରୀଙ୍କ ସ୍ୱର୍ଗ । ଏଠି ପୋଲିସକୁ କିଛି ହାତ ଗୁଞ୍ଜା ଦେଲେ ଦିନ ଦ୍ୱି ପ୍ରହରେ ଉମରକୋଟ ନବରଙ୍ଗପୁର ମୁଖ୍ୟ ରାସ୍ତାରେ ଗାଇ ମଇଁଷିକୁ ଚଲାଇ ଚଲାଇ ନେଇ ହେଉଛି ବୋଲି ସାଧାରଣରେ କୁହାଯାଉଛି । ରବିବାର ଦିନମାନଙ୍କରେ ରାଇଘର ଉମରକୋଟ ରାସ୍ତା ରେ ଗୋରୁଗାଇ ରପ୍ତାନି ହେବା ଏକ ସାଧାରଣ ଘଟଣା। ଏତେ ନିୟମ ସବୁ ହେଲାପରେ ମଧ ପୋଲିସ ନିରବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୋମବାର ଦିନ ଉମରକୋଟ ଏକ ପେଣ୍ଠସ୍ଥଳୀ। ଯୋଉଠି ଚାଷକାମ ନାଁ ରେ ହଜାର ହଜାର ସଂଖ୍ୟାରେ ଗାଇ ଗୋରୁବିକ୍ରି ହେଉଛି। ଏହା କଣ ଉମରକୋଟ ପୋଲିସ ଦେଖିପାରୁ ନାହିଁକି ବୋଲି ଲୋକେ କହୁଛନ୍ତି। ବିଶ୍ୱହିନ୍ଦୁ ପରିଷଦବାଲା ଗୋରୁ ମଇଁଷି ବୋଝେଇ ଟ୍ରକ ନିକଟରେ ପ୍ରଥମେ ପହଞ୍ଚିଲା ପରେ ପୋଲିସ ପହଞ୍ଚି ସେମାନଙ୍କୁ ଘଣ୍ଟ ଘୋଡାଉଛନ୍ତି। ଏହା ଉମରକୋଟର ଏକ ନିତିଦିନିଆ ଘଟଣା। ଦେଖାଯାଉ, ଏହାପରେ ଘଟଣାର ମୋଡ଼ କୁଆଡେ ଯାଉଛି ?

## ମୃତ ପୁଅର ଚକ୍ଷୁ ଦାନକରି ଉଦାହରଣ ସାଜିଲେ ମା' ବାପା

### ■ ବିଦ୍ୟାଳୟ କର୍ମଚାରୀ କଲେ ସମ୍ବର୍ଦ୍ଧନା

ମୁରିବାହାଲ(ଭାସ୍କର ନ୍ୟୁଜ) : ମୁରିବାହାଲ ବ୍ଲକ ସିରୋଲ କ୍ଲଷ୍ଟରର ଗୁଞ୍ଚିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧୁସୂଦନ ଭାଟିଙ୍କ ପୁଅ ବିପୁନ୍ ରାଜ ଭାଟି (୧୧)ଷଷ୍ଠ ଶ୍ରେଣୀର ଛାତ୍ର ଗୁଞ୍ଚିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ କିଛି ଦିନ ପୂର୍ବରୁ ବାଇକ ଧକ୍କାରେ ସେ ଗୁରୁତର ହୋଇ ପଡ଼ିଥିଲେ। ପ୍ରଥମେ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବଲାଙ୍ଗିର ଭୀମଭୋଇ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ।ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ଦୁଇ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ସେହି ସମୟରେ



ବାପା,ମା ପୁଅର ଚକ୍ଷୁଦାନ କରି ଏକ ମହତ କାର୍ଯ୍ୟ କରିଥିଲେ । ସ୍ୱର୍ଗତ ଛାତ୍ର ବିପୁନ୍ ରାଜର ବାପା ମା' ଛାତ୍ରଛାତ୍ରୀମାନଙ୍କୁ ଆଜି ଶୁକ୍ରବାର ତିଥି ଭୋଜନ ବ୍ୟବସ୍ଥା କରିଥିଲେ। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ସ୍ମୃତିଚାରଣ ସଭା କରାଯାଇଥିଲା ।ସେ ଜଣେ ଆଜ୍ଞାଧୀନ ଛାତ୍ର ଥିଲେ । ଭଲ ପାଠ ପଢୁଥିଲେ । ତାଙ୍କର ଅକାଳ ବିୟୋଗରେ ବିଦ୍ୟାଳୟ ଜଣେ ମେଧାବୀ ଛାତ୍ରକୁ ହରାଇଥିବା କହିଥିଲେ। ଏହି ଅବସରରେ ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ପୁଅର ଚକ୍ଷୁ ଦାନ କରିଥିବାରୁ ଏହି ମହାନ କାର୍ଯ୍ୟ ପାଇଁ ବାପା ମଧୁସୂଦନ ଭାଟି ଓ ମା ମାଳତୀ ଭାଟିଙ୍କୁ ଫୁଲମାଳ ଓ ଉପଢୌକନ ଦେଇ ପ୍ରଧାନ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଫଳା ମିଶ୍ର,ଜୟମାଳିନୀ ପଟ୍ଟନାୟକ, ପ୍ରିୟ ଦର୍ଶିନି ସ୍ୱାଇଁ, ସରୋଜିନୀ ମିଶ୍ର ସହ ଛାତ୍ରଛାତ୍ରୀ ସାମିଲ ଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଖଡ଼ିଆଳ (ଭାସ୍କର ନ୍ୟୁଜ) : ଖଡ଼ିଆଳ ଏନଏସି ପକ୍ଷରୁ କଲ୍ୟାଣ ମଣ୍ଡପ ୨ ଠାରେ ଆନ୍ତର୍ଜାତିକ ମହିଳା ଦିବସ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଗୁପ୍ତା ମହିଳା ମାନେ ଆଗଧାଡିରେ କାମ କରି ସମୃଦ୍ଧ ହେଲେ ଦେଶର ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନୀତ ଅତିଥି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଏନଏସି ଉପାଧ୍ୟକ୍ଷ ଶକୁନ୍ତଳା ରାଉତ, ଅର୍ଚ୍ଚନା ପାଢ଼ୀ, ପ୍ରିୟଙ୍କା ସିଂ, ସୁନୀଲ ସାହୁ, ଲକ୍ଷ୍ମଣ ଦୁରିଆ, ଚନ୍ଦନ ସାହୁ ମଞ୍ଚାସୀନ ହୋଇଥିଲେ । ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ଉର୍ବଶୀ ପାଣିଗ୍ରାହୀ । ଖଡ଼ିଆଳ ଏନଏସି ମଧ୍ୟରେ ଥିବା ସମସ୍ତ ମହିଳା ଏସଏଚଜି ସଭ୍ୟା ଯୋଗ ଦେଇଥିଲେ । ଏହି ଅବସରରେ ଏନଏସିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ କାର୍ଯ୍ୟ କରୁଥିବା ମହିଳା ଓ ଗୋଷ୍ଠୀକୁ ସମ୍ମାନୀତ କରିଥିଲେ । ଖଡ଼ିଆଳ ଏନଏସି ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନୂତନ ଅପରାଧିକ ଆଇନ୍ ସଚେତନତା ଶିବିର



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ ପରିସରରେ, ପୋଲିସ ବିଭାଗ ତରଫରୁ ନୂତନ ଅପରାଧିକ ଆଇନ୍ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଓର୍କେଲ ଥାନା ର ସେକେଣ୍ଡ ଅଫିସର ଅଜିତ ସିଂ ବରିହା, ସବ୍ ଇନ୍ସପେକ୍ଟର ମିଲନ ବରିହା, କୁଡୁମୁଲୁଗୁମ୍ମା ଫାଣ୍ଡି ଏଏସଆଇ କୃଷ୍ଣ ଚନ୍ଦ୍ର ହିଆଲ, ସରପଞ୍ଚ ମଙ୍ଗଳା ମାଡ଼ୀ ଓ ସମିତି ସଭ୍ୟା ମୁନୀ ସଗରୀଆ ପ୍ରମୁଖ ଉପସ୍ଥିତ ରହି ଭାରତୀୟ ଆଇନ ବ୍ୟବସ୍ଥାରେ ନୂତନ ଭାବେ ପ୍ରଣୟିତ ତିନିଗୋଟି ନୂତନ ଅପରାଧିକ ଆଇନ୍ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ଶ୍ରୀ ବରିହା କହିଥିଲେ ଯେ ଭାରତ ସ୍ୱାଧୀନ ପୂର୍ବରୁ ଇଂରେଜ ଶାସନ ଦ୍ୱାରା ପ୍ରଣୀତ ଆଇନ୍ ଗୁଡିକ ବହୁତ ପୁରୁଣା ଓ ବର୍ତ୍ତମାନ ସମୟ ସାପେକ୍ଷ ହେଉନଥିବାରୁ ସମ୍ବିଧାନିକ ପ୍ରକ୍ରିୟାନୁସାରେ ବିଭିନ୍ନ ଅପରାଧିକ ଧାରା ଓ ନିୟମାବଳୀରେ ବ୍ୟାପକ ପରିବର୍ତ୍ତନ କରାଯାଇ ଏକ ନୂତନ ରୂପରେଖ ଦିଆଯାଇଛି । ଏହିକ୍ରମରେ ପୂର୍ବରୁ ଥିବା ଇଣ୍ଡିଆନ ପିନାଲ୍ କୋଡ଼ ନାମକୁ ହଟାଯାଇ ଭାରତୀୟ ନ୍ୟାୟ ସଂହିତା, କ୍ରିମିନାଲ ପ୍ରୋସିଡ୍ୟୁର କୋଡ଼ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଇଣ୍ଡିଆନ୍ ଏଭିଡେନ୍ସ ଏକ୍ଟ ବଦଳରେ ଭାରତୀୟ ସାକ୍ଷ୍ୟ ସୁରକ୍ଷା ଅଧିନୀୟମକୁ ପ୍ରଣୟନ କରାଯାଇଛି । ସେ ଆହୁରି କହିଥିଲେ ଯେ ଏହି ବ୍ୟବସ୍ଥାରେ ଜଣେ ଦୋଷୀ ଅପରାଧୀକୁ ସୀମିତ ସମୟରେ ଦଣ୍ଡବିଧାନ କରାଯିବା ସହ ପୀଡିତାଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ଓ ସମାଜରେ ଏହାଦ୍ୱାରା ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ହେବା ସହିତ ଯୁବ ସମାଜର ମାନସିକତା ସକାରାତ୍ମକ ଦିଗରେ ଅଗ୍ରସର ହୋଇପାରିବ । ପରିଶେଷରେ ଏଏସଆଇ ଶ୍ରୀ ହିଆଲ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଶିବିରରେ କୁଡୁମୁଲୁଗୁମ୍ମା ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ଏହି ସଚେତନତା ଶିବିରରେ ଉପସ୍ଥିତ ରହି ନୂତନ ଆଇନ୍ ସମ୍ପର୍କରେ ଅବଗତ ହୋଇଥିଲେ ।

## ୨୩୦ କିଲୋ ଗଞ୍ଜେଇ ଜବତ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଦ୍ୱାରା ୨୩୦ କିଲୋ ଗଂଜେଇ ଜବତ । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଦିନ ୧୨ ସମୟରେ ନିଳାକାମ୍ବେରୁ ପଂଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମ ଜଙ୍ଗଲ ମଧ୍ୟରେ ଗଂଜେଇ ଲୁଚାହୋଇଥିବାର ଖବର ପାଇ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସଦଳବଳେ କେନ୍ଦୁଗୁଡା ଜଙ୍ଗଲରେ ତାଲସ କରିବାରୁ ଜଙ୍ଗଲ ମଝିରେ ଏକ ସ୍ଥାନରେ ୧୫ଟି ବସ୍ତାରେ ଲୁଚାହେବାର ଦେଖିବାକୁ ପାଇଥିଲେ । ସମ୍ପୂର୍ଣ୍ଣ ଗଞ୍ଜେଇକୁ ଥାନାକୁ ଆଣି ଓଜନ କରିବାରୁ ୨୩୦ କେଜି ବୋଲି ଜଣାପଡିଥିଲା । ସମସ୍ତ ଗଞ୍ଜେଇକୁ ସିଜ କରି କୋର୍ଟ ପଠାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



## ଅନନ୍ୟ ପ୍ରତିଭା

## ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତିନି ଆଦିବାସୀ ମହିଳା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ଜଣେ ସଫଳ ମହିଳା ହେବାକୁ ହେଲେ ଦୃଢ଼ ମନୋବଳ, ଏବଂ ଇଚ୍ଛାଶକ୍ତି ଦ୍ୱାରା ନିଜର ଲକ୍ଷ୍ୟ ସାଧିତ କରିବା ଅସମ୍ଭବ ନୁହେଁ ବୋଲି ଅନେକ ମହିଳା ସ୍ୱକୀୟ ପରିଚୟ ବଳରେ ଏହାର ପ୍ରମାଣ ଦେଇସାରିଛନ୍ତି। ସେଥିମଧ୍ୟରୁ ନୂଆପଡ଼ା ଜିଲ୍ଲା ର ଅଗମ୍ୟ ଦୁର୍ଗମ ଅଞ୍ଚଳ ସୁନାବେଡ଼ା ଅଭୟାରଣ୍ୟ ରେ ବସବାସ କରୁଥିବା ଆଦିମ ଜନଜାତି ମହିଳା ଆଜିର ସମୟରେ ହେଉଛନ୍ତି ବଡ଼ ଉଦାହରଣ। ଏହି ମହିଳାମାନେ ଶିକ୍ଷା ଗ୍ରହଣ କରି ନିଜ ସମ୍ପ୍ରଦାୟ ର ୫୦୦ ଜଣ ଛାତ୍ରୀଙ୍କୁ ଶିକ୍ଷିତ କରିପାରିଛନ୍ତି। ସୁନାବେଡ଼ା ଅଭୟାରଣ୍ୟର ଆଦିମ ଜନଜାତି ଚାକୋଟିଆ ଭୁଞ୍ଜିଆ ମହିଳାଙ୍କ ପାଇଁ ସାମାଜିକ ପ୍ରତିବନ୍ଧକ ଏବଂ ପରମ୍ପରା ପ୍ରାଚୀର ସଦୃଶ ଶିକ୍ଷାରୁ ବହୁ ଦୂରରେ ରଖିଥିଲା। ଅଭୟାରଣ୍ୟରୁ ସାମାଜିକ ବାସନ୍ଦ କୁ ଭ୍ରୂକ୍ଷେପ ନକରି ଶିକ୍ଷା ପ୍ରତି ଆଗେଇ ଆସିଥିଲେ ଏଠାର ତିନି ଝିଅ ଚାନ୍ଦିନୀ ଛାତ୍ରିଆ, ତ୍ରିବେଣୀ ଛତ୍ରିଆ, ଜୟଶ୍ରୀ ଝାଙ୍କର। ପ୍ରଥମ କରି ମାଧ୍ୟମିକ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେମାନେ ଶିକ୍ଷିତ ହୋଇ ନିଜ ସମ୍ପ୍ରଦାୟ ମହିଳାଙ୍କୁ ଶିକ୍ଷିତ କରିବା ସଂକଳ୍ପ ନେଇଛନ୍ତି। ଜିଲ୍ଲାପାଳ ମଧୁସୂଦନ ଦାସ ଏହି ତିନି ମହିଳାଙ୍କୁ ସୃଷ୍ଟିର ଅନନ୍ୟା ପ୍ରତିଭା ବୋଲି ମତବ୍ୟକ୍ତ କରିଥିଲେ। ଆଦିବାସୀ ମହିଳା ଶିକ୍ଷିତ ହୋଇ ନିଜ ସମାଜର ୫୦୦ ମହିଳାଙ୍କୁ ଶିକ୍ଷିତ କରାଇବା ଏକ ଉଦାହରଣ ଅଟେ ବୋଲି ମତବ୍ୟକ୍ତ କରିଥିଲେ।



## ଆମ ସଂସ୍କୃତି ଆମ ଖେଳନାର ବାର୍ଷିକ ଉତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ପୂର୍ବତନ ବୋର୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ସମୀର କାନ୍ତ ରଥଙ୍କ ଅଧ୍ୟକ୍ଷତାରେ ଆମ ସଂସ୍କୃତି ଆମ ଖେଳନାର ବାର୍ଷିକ ଉତ୍ସବ ୨୦୨୫ ପାଳିତ ହୋଇଯାଇଛି। ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗ ଦେଇଥିବା ବେଳେ ମୁଖବକ୍ତା ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଈଶ୍ୱରୀ ପଟ୍ଟନାୟକ, ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ମଧୁସ୍ମିତା ସେନାପତି, ପଙ୍କଜିନୀ ସାହୁ, ଅମିତା ଚୌଧୁରୀ ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ଶିକ୍ଷାର ଆବଶ୍ୟକତା ଏବଂ ସଂସ୍କୃତି ଓ ଖେଳନାର



ମହତ୍ତ୍ୱ ସଂପର୍କରେ ବୁଝାଇଥିଲେ। ଏହାପରେ ୫୦ ଟି ବିଭିନ୍ନ ପ୍ରକାର ପ୍ରତିଯୋଗିତା ରେ କୃତି ଅର୍ଜନ କରିଥିବା କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବିଜ୍ଞାନ କୁଇଜ୍‌ରେ ପ୍ରଥମ ଅଂଶୁମାନ ମାଛା, ଦ୍ୱିତୀୟ ନିକିତା ପଣ୍ଡା, ତୃତୀୟ ସ୍ଥାନ ମାହି ରିତମ୍ ପଟ୍ଟନାୟକ ପୁରସ୍କାର ଓ ପ୍ରମାଣପତ୍ର ପାଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ରଥ ଅତିଥି, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଉତ୍ତାପ ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ



ବରଗଡ(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଇକୋ କ୍ଲବ ତରଫରୁ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିବେଶ ମଞ୍ଚର ସଂପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ବିଶ୍ୱ ଉତ୍ତାପ ବୃଦ୍ଧି ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କନଗାଁ ସି ଆର ସି ସି କେଦାରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭ୍ୟ ହିମାଂଶୁ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶିକ୍ଷକ ପିଣ୍ଟୁ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କେଶାଇବାହାଲ ୟୁକାଲିପଟାସ ଦୁର୍ନୀତି ପ୍ରସଙ୍ଗ ||||||||||

## ଉଚ୍ଚସ୍ତରୀୟ ତଦନ୍ତ ଶେଷ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା



ସମ୍ବଲପୁର/କୁଚିଣ୍ଡା(ଭାସ୍କର ନ୍ୟୁଜ): ବାମରା ବନ୍ୟପ୍ରାଣୀ ଡିଭିଜନ, ବାମରାରେଞ୍ଜ କେଶାଇ ବାହାଲ ୟୁକାଲିପଟାସ ଦୁର୍ନୀତି ର ୨ ମାସ ପରେ, ମାର୍ଚ୍ଚ ୬ ତାରିଖ ଦିନ ବନ୍ୟପ୍ରାଣୀ ବିଭାଗୀୟ ଉଚ୍ଚପଦାଧିକାରୀ ଟିମ ଆସି ତଦନ୍ତ କରି ଫେରିଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି ।ଏହି ତଦନ୍ତ ଆରସିସି ଏଫ୍.ସର୍କଲ ଅଫିସର ଡି.ସିସିଏଫ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରାଯାଇଛି ।ତଦନ୍ତକାଳରେ ଗ୍ରାମବାସୀ ୫ ଗୋଟି ଦୁର୍ନୀତି ପ୍ରସଙ୍ଗ ଉପରେ ମତ ରଖିଥିଲେ। ଖାତାନଂ ୧୪୬ପ୍ଲଟ ନଂ ୧୭୪୬/୨୦୧୬ କିସମବଡ଼ ଜଙ୍ଗଲରୁ ଗଛମାନ କାଟି ମାଫିଆ ଚୋରାଚାଲାଣ କରିଥିବାବେଳେ, ବିନା ରାଜସ୍ୱ ଜଏଣ୍ଟ ତଦନ୍ତରେ କଟାଯାଇଛି। ପୁଣି ସେଇ ଗ୍ରାମର ବସନ୍ତ କୁମାର ନାଏକ, ପି:ମୁକ୍ତେଶ୍ୱର ନାମରେ ଥିବା ରେକର୍ଡଭୁକ୍ତ ଖାତାନଂ ୮୫,ପ୍ଲଟ ନଂ ୧୨୨୮ କିସମମାଳ ସାଧାରଣ ଚାଷଜମିକୁ ଫର୍ଜରୀ କରି ଏହି ଦୁର୍ନୀତି କରିଥିବା କଥା ମଧ ପଦାକୁ ଆସିଛି। ୨ରେ ଏହି ଗଛ ଗ୍ରାମର ଜଙ୍ଗଲ ମାଫିଆ ଉପେନ୍ଦ୍ର ନାୟକ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ୩ରେ ତା ୧୫,୦୧,୨୦୨୫ ଉକ୍ତ ପ୍ଲଟରୁ ଗଛ କଟା ଯାଇଥିଲା। ଟ୍ରକ ନଂସିଜି, ଡ଼୪ଏମ୍‌ଏଏମ୍ ୮୧୯୩ରେ ଲୋଡ୍ ହୋଇ ଛିଡାହୋଇଥିଲା। ଏହାଦେଖି ବାମରା ଡିଏଫ୍ ଓଙ୍କୁ ଫୋନରେ ଜଣାଇଥିଲେ ଗ୍ରାମବାସୀ। ଉକ୍ତ ଦିନ ଅପରାହ୍ନ ୨ ଘଣ୍ଟା ୩୦ମି.ରେ ନିକ୍ରିମାଳ ସେକ୍ସନ ବନପାଳ ଓ କେଶାଇବାହାଲ ବନରକ୍ଷୀ ପହଁଞ୍ଚି ଉକ୍ତ ଟ୍ରକକୁ ଜବତ କରିଥିଲେ। ୧୬ତାରିଖ ଦିନ ଏସିଏଫ୍ ଓ ରେଞ୍ଜର ଓ ନିକ୍ରିମାଳ ଫରେଷ୍ଟର ପହଁଞ୍ଚି କଟା ଯାଇଥିବା ମୂଳ ଗଣ୍ଡିକୁ ଗଣତି ସହ, ସରଜମିନ ତଦନ୍ତ କରି ଫେରିଥିଲେ। ତଦନ୍ତ କରି ଫେରିବା ପରଦିନ ସେହି ସ୍ଥାନକୁ ନିଆଁ ଲଗାଇ ପୋଡି ଦେଇଥିବା କଥା ମଧ ତଦନ୍ତରେ ଉଲ୍ଲେଖ କରିଛନ୍ତି। ଜମି ଚିହ୍ନଟ କରାଯାଇନାହିଁ। ୪- ରାଜସ୍ୱ ବିଭାଗ ଜଏଣ୍ଟ ଭେରିଫିକେସନ୍ ନକରି ଟ୍ରକ୍‌କୁ ଛାଡିଦେଇଥିଲେ ।୫-ଏଣୁ ପ୍ରୋତ୍ସାହିତ ଓ ପ୍ରୋତ୍ସାହନକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତଦନ୍ତକାରୀ ଟିମ ଆଗରେ ମତ ରଖିଛନ୍ତି।ଏହି ଦଦନ୍ତରେ ଅଭିଯୋଗକାରୀ ରଜନୀକାନ୍ତ ପଟେଲ, ସୁଜନ କୁମାର ଖଣ୍ଡେଲୱାଲ, ରାଜକୁମାର ପଟେଲ , ଚନ୍ଦ୍ରଭାନୁ ସେଠ , ଦାସରଥି ବାଡ଼ା, ନରେନ୍ଦ୍ର କୁମାର ରାଉତ, ଘାସିରାମ ଗୋପାଳ, ଦସନ୍ତ କୁମାର ନାଏକ ପ୍ରମୁଖ ଗ୍ରାମର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଉଚ୍ଚସ୍ତରୀୟ ତଦନ୍ତ ସରିଛି କାର୍ଯ୍ୟାନୁଷ୍ଠାନକୁ ନେଇ ଅପେକ୍ଷା କରିଛୁ ବୋଲି ଅଭିଯୋଗକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ ଆଧାର ତଦାରଖ କମିଟି ବୈଠକ



ନୂଆପଡା(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଆଧାର ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଆଧାର ଯୋଗୁଁ କେମିତି ଜନସାଧାରଣ ବିଭିନ୍ନ ଯୋଜନାର ଲାଭ ପାଉଛନ୍ତି ଏବଂ ଆଧାର ସର୍ବ ଭାରତୀୟ ସ୍ତରରେ କିଭଳି ଏକ ବଳିଷ୍ଠ ପରିଚୟର ମାଧ୍ୟମ ଭାବରେ କାମ କରୁଛି ସେ ବିଷୟରେ ମନ୍ତବ୍ୟ ପ୍ରଦାନ କରିଥିଲେ । ପ୍ରୋଜେକ୍ଟ ମ୍ୟାନେଜର, ହାଇଦ୍ରାବାଦ ସେଖ ଜାଭେଦ ଆଧାର ପ୍ରସ୍ତୁତି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ବନ ଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝି, ଡେପୁଟୀ କଲେକ୍ଟର ଏସ କେ ନସିମ, ଜିଲ୍ଲା ଇ - ଶାସନ ପରିଚାଳକ ବୀରେନ୍ଦ୍ର ସିଂହ ଦଣ୍ଡସେନା, ପ୍ରୋଜେକ୍ଟ ମ୍ୟାନେଜର ସହଜ ହିମାଂଶୁ ଶେଖର ପାଣି, ସୁପରଭାଇଜର ସିଲେବ ନୃସିଂହ ପଟେଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନୂଆପଡା ଏକ ବଣ ପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହେଇଥିବାରୁ ଏଠାକୁ ଅଧିକ ସଂଖ୍ୟାରେ ଆଧାର ଟିମ୍‌ର କର୍ମକର୍ତ୍ତା ପଠାଇ ଘର ଘର ବୁଲି ସମସ୍ତଙ୍କ ପାଇଁ ଆଧାର କାର୍ଡ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

## ପାଲା ମାଧ୍ୟମରେ ସଚେତନତା



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ୍ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସୁଭଦ୍ରା ସଚେତନତା ପଥପ୍ରାନ୍ତ ସଭା ଗୁରୁବାର ସି ଡି ପି ଓ ଅମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ଉପମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନା ଉପରେ ସଚେତନତା ବାର୍ତ୍ତା ଦେବା ସହିତ ଆଗାମୀ ୩୧ ତାରିଖ ମଧ୍ୟରେ ଯୋଗ୍ୟ ମହିଳା ଆବେଦନ କରି ଲାଭ ଉଠାଇବାକୁ କହିଥିଲେ। ଏହି ଅବସରରେ ସତ୍ୟନାରାୟଣ ପାଲା ଦଳ ମାଧ୍ୟମରେ ପାଲା ପରିବେଷଣ କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ଅଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁନିଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ) : ସ୍ଥାନୀୟ ମାଲକାନଗିରି ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୨୦୨୪-୨୫ ନିମନ୍ତେ ବାର୍ଷିକ ଉତ୍ସବ ଓ ଆଲୁମିନି ଅଭିନନ୍ଦନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଦୁଇ ଦିନ ଧରି ଚାଲିଥିଲା ।ଏହି ଉତ୍ସବରେ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରାମ ପ୍ରସାଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଗଣେଶ ପାତ୍ର,ଅଭିରାମ ସିଂହ,



ନିତ୍ୟାନନ୍ଦ ମହାପାତ୍ର,ଆଶିଷ ସରକାର, ଶ୍ରୀମତୀ ପୁଷ୍ପଲତା ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୂପେ ସଂପାଦନ କରିଥିଲେ ।ମୁଖ୍ୟ ଅତିଥି ରୂପେ ପ୍ରଫେସର ଡ଼କ୍ଟର ସୀମାଞ୍ଚଳ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ବିଶ୍ୱଜିତ୍ ସରକାର ଉତ୍ତମ ଛାତ୍ର ଛାତ୍ରୀ ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍ଘାଟନ ଉତ୍ସବରେ ମାଲକାନଗିରି ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଦ୍ୱୟ ଗୌରାଙ୍ଗ ସଜ୍ଜନ ଓ ଅଶ୍ୱିନୀ ମାଝୀ ଅତିଥି ରୂପେ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ଛାତ୍ରୀ ପ୍ରୟଦର୍ଶନୀ ନିଆଲ, ବିଉଟୀ ବାଘ, ଗେଲି ଖରା,ଅନୁଷ୍କା ନାଗୁଲ ପ୍ରମୁଖ ନିଜ ଛାତ୍ର ଜୀବନର ଅନୁଭୂତି କହିଥିଲେ। ପରିଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ସଂଜୀବ ସାଗରିଆ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ।



ନୂଆଦିଲ୍ଲୀ: ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଚାଇନା ଏବଂ ପାକିସ୍ତାନ ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଚାଇନା ଉପରେ ବିଶ୍ୱାସ କରାଯାଇପାରିବ ନାହିଁ। ସେହି ସମୟରେ ପାକିସ୍ତାନ ସମ୍ପର୍କକୁ ନେଇ ମଧ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଭାରତୀୟ ସେନା ଦ୍ରୁତ ଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଚାଇନା ସହିତ ସମ୍ଭାବ୍ୟ ଯୁଦ୍ଧର ପରିସ୍ଥିତି ସେନା ମୁଖ୍ୟ କହିଛନ୍ତି, ଭାରତୀୟ ସେନା ଡ୍ରୋନ ପ୍ରଯୁକ୍ତିବିଦ୍ୟା ସମେତ ନୂତନ ସାମରିକ କ୍ଷମତା ଉପରେ ନିରନ୍ତର କାମ କରୁଛି। ସେ କହିଛନ୍ତି ଯେ, ଭାରତ ପାଖରେ ଏପରି ଉନ୍ନତ ଡ୍ରୋନ୍ ଅଛି ଯାହା ଇକ-୪୭ ଚଳାଇପାରିବ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଯଦି ଚାଇନା ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୁଏ, ତେବେ ଭାରତ ମଧ ସମାନ ଶକ୍ତି ସହିତ ଜବାବ ଦେବାକୁ ସମ୍ପୂର୍ଣ୍ଣ ସକ୍ଷମ। ସେହି ସମୟରେ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଚାଇନାକୁ ବିଶ୍ୱାସ କରାଯାଇପାରିବ ନାହିଁ। ଯଦିଓ ଯୁଦ୍ଧ କୌଣସି ଦେଶର ସ୍ୱାର୍ଥରେ ନୁହେଁ, କିନ୍ତୁ ଆବଶ୍ୟକ ପଡ଼ିଲେ, ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଜବାବ ଦେବାକୁ ସକ୍ଷମ।

# ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ଭାଳୁଛନ୍ତି ମହିଳା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତ କାର୍ଯ୍ୟକ୍ରମରେ କହିଥିଲେ ଯେ ଏଥର ମହିଳା ଦିବସରେ ସେ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ମହିଳାଙ୍କୁ ହସ୍ତାନ୍ତର କରିବେ ଏବଂ ସେମାନେ ନିଜେ ଏହାର ଦାୟିତ୍ୱ ନେବେ। ମୋଦି ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରୁ ମହିଳାମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆକାଉଣ୍ଟରେ ସେମାନଙ୍କର ମତାମତ ବାଣ୍ଟିଛନ୍ତି। ସମାନ କ୍ରମରେ ଚେସ ଖେଳାଳି ଆର ବୈଶାଳୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ମହିଳା ଦିବସର ବିଶେଷ ଅବସରରେ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକୁ ପରିଚାଳନା କରିବାକୁ ଉତ୍ସାହିତ। ଆପଣମାନଙ୍କ ମଧ୍ୟରୁ ଅନେକ ଜାଣିଥିବେ, ମୁଁ ଚେସ ଖେଳେ ଏବଂ ଅନେକ ଟୁର୍ଣ୍ଣାମେଣ୍ଟରେ



ଆମ ପ୍ରିୟ ଦେଶକୁ ପ୍ରତିନିଧିତ୍ୱ କରି ମୁଁ ବହୁତ ଗର୍ବିତ। ଆଲିନା ମିଶ୍ର ଜଣେ ପରମାଣୁ ବୈଜ୍ଞାନିକ। ଶିଳ୍ପୀ ସୋନି ଜଣେ ମହାକାଶ ବୈଜ୍ଞାନିକ। ପ୍ରଧାନମନ୍ତ୍ରୀଙ୍କ ଆକାଉଣ୍ଟ ମାଧ୍ୟମରେ ନିଜ ବିଷୟରେ ସୂଚନା ବାଣ୍ଟିବା ପାଇଁ ଦୁହେଁ ବହୁତ ଉତ୍ସାହିତ ଥିଲେ। ସେ ବିଜ୍ଞାନ କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସେମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବାକୁ ନିବେଦନ କରିଥିଲେ। ନାଳନ୍ଦାର ଜଣେ ମହିଳା ଲେଖିଛନ୍ତି, ମୁଁ ଅନିତା ଦେବୀ, ନାଳନ୍ଦା ଜିଲ୍ଲାର ଅନନ୍ତପୁର ଗାଁର ବାସିନ୍ଦା। ମୁଁ ଜୀବନରେ ବହୁତ ସଂଘର୍ଷ ଦେଖିଛି। କିନ୍ତୁ ମୁଁ ସବୁବେଳେ ନିଜେ କିଛି କରିବାକୁ ଚାହୁଁଥିଲି। ୨୦୧୬ ମସିହାରେ, ମୁଁ ସ୍ୱନିଯୁକ୍ତ ହେବାକୁ ନିଷ୍ପତ୍ତି ନେଇଥିଲି। ସେହି ସମୟ ମଧ୍ୟରେ ଷ୍ଟାର୍ଟ-ଅପ ପ୍ରତି କ୍ରେଜ ବହୁତ ବୃଦ୍ଧି ପାଇଥିଲା। ସେଥିପାଇଁ ୯ ବର୍ଷ ପୂର୍ବେ ମୁଁ ମୋର ମାଧୋପୁର ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ମଧ ପ୍ରତିଷ୍ଠା କରିଥିଲି। ଆଜି ମୁଁ ଛତୁ ଉତ୍ପାଦନ ମାଧ୍ୟମରେ ମୋ ପରିବାରକୁ ଆଗକୁ ନେବା ପାଇଁ କାମ କରୁଛି। ମୁଁ କେବଳ ମୋର ପଥକୁ ସହଜ କରିନାହିଁ, ବରଂ ଶହ ଶହ ମହିଳାଙ୍କୁ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିଛି। ଏବେ ମୋ କମ୍ପାନୀ ଚାଷୀମାନଙ୍କୁ ଶସ୍ତା ଦାମରେ ସାର, ବିହନ ଏବଂ କୀଟନାଶକ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ ଯୋଗାଇ ଦେଉଛି। ଆଜି ଏହି କମ୍ପାନୀରେ କାମ କରୁଥିବା ଶହ ଶହ ମହିଳା ଜୀବିକା ସହିତ ସ୍ୱାଭିମାନର ଜୀବନ ପାଉଛନ୍ତି।

# ଦିଲ୍ଲୀ-ଏନ୍‌ସିଆରରେ ବ୍ୟାପୁଛି ନୂଆ ଭୂତାଣୁ ସଂକ୍ରମଣ

ନୂଆଦିଲ୍ଲୀ: ଦିଲ୍ଲୀ-ଏନସିଆରରେ ଆଜିକାଲି ଏକ ଭାଇରାଲ ଫ୍ଲୁ ବ୍ୟାପୁଥିବାର ଜଣାପଡିଛି, ଯାହା ଏବେ ଚିନ୍ତାଜନକ ପରିସ୍ଥିତିକୁ ପହଞ୍ଚିଛି। ଏହି ଫ୍ଲୁ ଗତବର୍ଷ ଅଗଷ୍ଟମାସରେ ସାମ୍ନାକୁ ଆସିଥିଲା। ସେତେବେଳେ ଏହା ଏତେ ବିପଦଜନକ ମନେ ହୋଇନଥିଲା। ହେଲେ ଏବେ ଏହା ଲୋକଙ୍କୁ ଦ୍ରୁତ ସଂକ୍ରମିତ କରୁଛି। ଏହି ଭାଇରାଲ ଇନଫେକ୍ସନ ମାମଲା ଦିଲ୍ଲୀ-ଏନସିଆରର ୫୪% ଘରେ ରହିଛି। ସ୍ଥାନୀୟ ହସ୍ପିଟାଲ ଡାକ୍ତରମାନେ ଏହା ସାମାନ୍ୟ ଭାଇରାସ ଠାରୁ ଟିକେ ଅଧିକ ବିପଦପୂର୍ଣ୍ଣ ବୋଲି କହୁଛନ୍ତି। ଡାକ୍ତରଙ୍କ ସୂଚନା ଅନୁସାରେ ଟାଇମସ୍ ଅଫ ଇଣ୍ଡିଆ ରିପୋର୍ଟରେ କୋଭିଡ ଏକ ବ୍ୟାପୁଥିବା ଭୂତାଣୁ ଥିଲା, ଯାହାର ତଥ୍ୟ ସାରା ବିଶ୍ୱର ଲୋକଙ୍କୁ ଚମକାଉଥିଲା। ଦିଲ୍ଲୀ ଓ ଆଖପାଖ ଲୋକଙ୍କ ମଧ୍ୟରେ ଏହି ଭାଇରାସ ଏବେ ଦ୍ରୁତ ବ୍ୟାପୁଛି। ଏହାର ଲକ୍ଷଣ ମଧ କୋଭିଡ ଭଳି, ଯେଉଁଥିରେ କାଶ, ଜ୍ୱର, ତଣ୍ଟିଦରଜ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି। ଏହି ଭୂତାଣୁ ଦ୍ୱାରା ପାଖାପାଖି ୧୩ ହଜାରରୁ ଅଧିକ ଲୋକେ ଏ ପର୍ଯ୍ୟନ୍ତ ସଂକ୍ରମିତ ହେଲେଣି। ଯେଉଁଥି ପାଇଁ ଏବେ ସାବଧାନତା ଅବଲମ୍ବନ କରାଯାଉଛି।



ସଂକ୍ରମିତଙ୍କ ମଧ୍ୟରୁ ୬୩ ପ୍ରତିଶତ ପୁରୁଷ ହୋଇଥିବା ବେଳେ ୩୭ ପ୍ରତିଶତ ମହିଳା। ଭୂତାଣୁ ଯୋଗୁ ୯ ପ୍ରତିଶତ ଲୋକଙ୍କ ଘରେ ୪ ଜଣରୁ ଅଧିକ ଅସୁସ୍ଥ ହୋଇଛନ୍ତି। ଡାକ୍ତରଙ୍କ ଅନୁସାରେ ଫ୍ଲୁର ଲକ୍ଷଣରେ ବ୍ରୋଙ୍କାଇଟିସ୍, ନିମୋନିଆ ଓ ତରଳ ଝାଡା ହେଉଛି। ଏଣୁ ଭୂତାଣୁ ସଂକ୍ରମିତ ଅଧିକାଂଶ ଲୋକେ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ଏତେ ଅଧିକ ଯେ ଏହି ବୃଦ୍ଧି ଏବେ ଗୁରୁତର ରୋଗର ସୂଚନା ଦେଉଛି। ଭୂତାଣୁ ୫୦ ବର୍ଷରୁ ଅଧିକ ବୟସ୍କ ଲୋକ, ଛୋଟ ପିଲା, ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରଲ ରୋଗୀଙ୍କ ଲାଗି ଅଧିକ ବିପଦଜନକ। ଆଜମା ରୋଗୀ, ଦୁର୍ବଳ ଇମ୍ୟୁନିଟି ଥିବା ଲୋକଙ୍କ ଲାଗି ମଧ ସଂକ୍ରମଣ ବିପଜ୍ଜନକ ହୋଇପାରେ। ଏଣୁ ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ଡାକ୍ତର ଲୋକଙ୍କୁ ଜନଗହଳି ପୂର୍ଣ୍ଣ ଅଞ୍ଚଳକୁ ନ ଯିବା, ବାରମ୍ବାର ହାତ ଧୋଇବା ଓ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣରୁ ବର୍ତ୍ତି ରହି ପାରିବେ ବୋଲି କୁହାଯାଇଛି। ଖାଦ୍ୟରେ ଭିଟାମିନ, ପ୍ରୋବାୟୋଟିକ୍ସ ଓ ଆଣ୍ଟିଏକ୍ସିଡେଣ୍ଟ ଯୁକ୍ତ ଖାଦ୍ୟ ସାମିଲ କରିବାରୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିରେ ଯଦି ଲକ୍ଷଣ ଗୁରୁତର ହୁଏ ତେବେ ତୁରନ୍ତ ହସ୍ପିଟାଲ ଯିବାକୁ କୁହାଯାଇଛି।

## ଝାଡ଼ଖଣ୍ଡରେ ଏନ୍‌ଟିପିସି ଡିଜିଏମ୍‌ଙ୍କୁ ଗୁଳିକରି ହତ୍ୟା

ରାଞ୍ଚି: ଝାଡ଼ଖଣ୍ଡରେ ଅଭାବନୀୟ ଘଟଣା । ଏନଟିପିସି କୋଇଲା ପ୍ରକଳ୍ପ ଡିଜିଏମ କୁମାର ଗୌରବଙ୍କୁ ହତ୍ୟା । ଦୁର୍ବୃତ୍ତ ମାନେ ଗୁଳିମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ କୁମାର ଗୌରବ ଏନଟିପି କୋଇଲା ପ୍ରକଳ୍ପର ପରିବହନ ବିଭାଗର ଡିଜିଏମ୍ ଥିଲେ । ହତ୍ୟା ଖବର ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ଅପରାଧୀଙ୍କୁ ଧରିବାକୁ ଉଦ୍ୟମ ଚଞ୍ଚଳାଇଛି ପୋଲିସ । ମିଡିଆ ରିପୋର୍ଟ ମୁତାବକ, ଶନିବାର ସକାଳୁ ଡିଜିଏମ୍ କୁମାର ଗୌରବ ହଜାରିବାଗ ସ୍ଥିତ ନିଜ ଘରୁ ଅଫିସ୍ ପାଇଁ ବାହାରିଥିଲେ । ଏହି ସମୟରେ କଟକମଦାଗ ଥାନା ଅନ୍ତର୍ଗତ ଫତହା ଚୌକ ନିକଟରେ କିଛି ଦୁର୍ବୃତ୍ତି ବାଇକରେ ଆସି ତାଙ୍କୁ ଆଚର୍କିତ ଭାବେ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଏନଟିପିସି ଡିଜିଏମଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସୂଚନା ଅନୁଯାୟୀ, ଡିଜିଏମ୍ କୁମାର ଗୌରବ ବିହାର ନାଳନ୍ଦାର ବାସିନ୍ଦା । ଏନଟିପିର ଜଣେ ବଡ଼ ଅଧିକାରୀଙ୍କୁ ହତ୍ୟା ଘଟଣା ପୂରା ପୋଲିସ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ପୂର୍ବରୁ ଏକ ଆଉଟ୍‌ସୋର୍ସିଂ କମ୍ପାନିର ଜିଏମଙ୍କୁ ମଧ ଅପରାଧିମାନେ ହତ୍ୟା କରିଥିଲେ । ପୋଲିସ ଘଟଣାରେ ତନତନ କରି ତଦନ୍ତ କରୁଛି ।

### ମହିଳା ସମୃଦ୍ଧି ଯୋଜନାକୁ ଦିଲ୍ଲୀ ସରକାରଙ୍କ ମଞ୍ଜୁରି

## ମହିଳାଙ୍କୁ ମାସକୁ ମିଳିବ ୨୫୦୦ ଟଙ୍କା

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦିଲ୍ଲୀର ମହିଳାମାନଙ୍କୁ ଉପହାର ଦେଇଛନ୍ତି ବିଜେପି ସରକାର । ନିର୍ବାଚନ ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ମହିଳା ସମୃଦ୍ଧି ଯୋଜନାକୁ ଅନୁମୋଦନ କରିଛନ୍ତି। ଏହି



ଯୋଜନା ଅନୁସାରେ ମହିଳାମାନଙ୍କୁ ମାସକୁ ୨୫୦୦ ଟଙ୍କା ମିଳିବ । ବିଜେପି ପକ୍ଷରୁ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ସିଏମ ରେଖା ଗୁପ୍ତା, ଦିଲ୍ଲୀ ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ, ବୈଜୟନ୍ତ ପଣ୍ଡା, ମହିଳା ଶାଖା ସଭାପତି ବନତୀ ଶ୍ରୀନିବାସନ ଏବଂ ସାଂସଦ କମଲଜିତ୍ ସହରାୱତ ଯୋଗ ଦେଇଥିଲେ। ଏହି ବୈଠକରେ ମହିଳା ସମୃଦ୍ଧି ଯୋଜନା ସମ୍ପର୍କରେ ଏକ ବଡ଼ ଘୋଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ମହିଳା ସମୃଦ୍ଧି ଯୋଜନାକୁ ଅନୁମୋଦନ ମିଳିଛି। ମହିଳା ସମୃଦ୍ଧି ଯୋଜନା ସମ୍ପର୍କରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ ଖୁବ୍ ଶୀଘ୍ର ମାନଦଣ୍ଡ ଏବଂ ପୋର୍ଟାଲ ଆରମ୍ଭ କରାଯିବ, ଯେଉଁଥିରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ।

## ୧୮ ବର୍ଷ ଫେରାର ପରେ ଧରାପଡିଲା ହିଜବୁଲ ଆତଙ୍କବାଦୀ

ନୂଆଦିଲ୍ଲୀ: ମୁରାଦାବାଦ ପୋଲିସ ଏବଂ ଉତ୍ତରପ୍ରଦେଶ ଏଟିଏସର ମିଳିତ ଟିମ ଆତଙ୍କବାଦୀ ସଂଗଠନ ହିଜବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀକୁ ଗିରଫ କରିଛି । ଜମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲାର ବାସିନ୍ଦା ଉଲଫତ ହୁସେନ ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବାବେଳେ ତା ଉପରେ ୨୫,୦୦୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଏବଂ ସେ ୧୮ ବର୍ଷ ଧରି ଫେରାର ଥିଲା। ୨୦୦୨ ମସିହାରେ ଗିରଫ ହେବା ପରେ, ୨୦୦୮ ମସିହାରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା ଏବଂ ତା'ପରେ ସେ କୋର୍ଟରେ ହାଜର ହେଉ ନଥିଲେ। ଏଟିଏସ ୟୁନିଟ୍ ଏବଂ ମୁରାଦାବାଦ ପୋଲିସ ତାଙ୍କୁ ପୁଞ୍ଛରୁ ଗିରଫ କରିଛି। ଉଲ୍ଲେଖ ଥାଉ କି ଆତଙ୍କବାଦୀ ଉଲଫତ ହୁସେନ ଓରଫ ମହମ୍ମଦ ସୈଫୁଲ୍ଲା ୧୯୯୯-୨୦୦୦ ମସିହାରେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ତାଲିମ ନେଇଥିଲା । ତା'ପରେ ସେ ମୁରାଦାବାଦ ଆସି ଏକ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରୁଥିଲା। ତଦନ୍ତରୁ ଜଣାପଡିଥିଲା ଯେ ଉଲଫତ ହୁସେନ ହିଜବୁଲ ମୁଜାହିଦ୍ଦିନର ଜଣେ ସକ୍ରିୟ ସଦସ୍ୟ ଥିଲେ। ମୋରାଦାବାଦର ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ-୧୪ ୨୦୧୫ ଏବଂ ୨୦୨୫ରେ ସ୍ଥାୟୀ ୱାରେଣ୍ଟ ଜାରି କରିଥିଲେ। ଗିରଫ ଆତଙ୍କବାଦୀଙ୍କୁ ପଚରାଉଚରା ଚାଲିଛି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହାର ତଦନ୍ତ କରୁଛନ୍ତି। ସେ କ'ଣ କୌଣସି ନୂତନ ଆତଙ୍କବାଦୀ ମଡ୍ୟୁଲ୍ ସହିତ ଜଡିତ ଥିଲେ ନା ସେ କୌଣସି ବଡ଼ ଷଡ଼ଯନ୍ତ୍ର ପାଇଁ ପ୍ରସ୍ତୁତି କରୁଥିଲେ ? ତାଙ୍କୁ ଖୁବ୍‌ଶୀଘ୍ର କୋର୍ଟରେ ହାଜର କରାଯିବ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କୁମାର ଦିଲ୍ଲୀପ ସିଂ ଯୁଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଦେଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଯଶପୁର ଜିଲ୍ଲାର କୁନକୁରିର ବାଜାରଦାଣ୍ଡରେ ସ୍ଥାପିତ ସ୍ୱର୍ଗୀୟ କୁମାର ଦିଲ୍ଲୀପ ସିଂ ଯୁଦେବଙ୍କ ୭ ଫୁଟ୍ ଉଚ୍ଚତାର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ସେ ଯୁଦେବଙ୍କର ଜୀବନ ଓ ସମାଜ ପ୍ରତି ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରିବା ସହ ଏକ ଫଟୋ ପ୍ରଦର୍ଶନୀକୁ ମଧ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶ୍ରୀ ସାଏ କହିଥିଲେ ଯେ, କୁମାର ଦିଲ୍ଲୀପ ସିଂ ତାଙ୍କ ଜୀବନଭରି ସମାଜସେବା, ଜନକଲ୍ୟାଣ ଏବଂ ଆଦିବାସୀଙ୍କ ବିକାଶ ପାଇଁ ସମର୍ପିତ ଥିଲେ । ତାଙ୍କ ନିଶ୍ୱାର୍ଥ ସେବାରେ ତୁଳନା ନାହିଁ । ତାଙ୍କ ସେବା କାର୍ଯ୍ୟ ଆଜିର ସମାଜ ପାଇଁ ପ୍ରେରଣାଦାୟୀ ବୋଲି ସେ କହିବା ସହ ତାଙ୍କ ମାର୍ଗରେ ଚାଲିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଫଟୋ ପ୍ରଦର୍ଶନୀରେ ଯୁଦେବଙ୍କ ସାମାଜିକ କାର୍ଯ୍ୟ, ଜନସେବା ଏବଂ ବିଭିନ୍ନ ପ୍ରେରଣାଦାୟୀ ଫଟୋକୁ ସ୍ଥାନିତ କରାଯାଇଛି । ଯାହାକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଛି ବୋଲି ଶ୍ରୀ ସାଏ କହିଥିଲେ ।

# ବାଣିଜ୍ୟ



ମୁମ୍ବାଇ: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୀତା ଅମ୍ବାନୀ ମହିଳାମାନଙ୍କୁ ଫିଟ୍ ରହିବାକୁ ଆହ୍ୱାନ କରି ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେ ମହିଳାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଛନ୍ତି 'ତୁମେ ନିଜ ପାଇଁ ଶେଷ ଥର କେବେ କିଛି କରିଥିଲ ।' ସେ କହିଛନ୍ତି ଯେ ଆମେ ମହିଳାମାନେ ସବୁବେଳେ ଅନ୍ୟମାନଙ୍କର ଯତ୍ନ ନେଉ-କେତେବେଳେ ଜଣେ ମା' ଭାବରେ ତ କେତେବେଳେ ଜଣେ ସ୍ତ୍ରୀ ଭାବରେ । ଆଉ କେତେବେଳେ ଜଣେ ବୋହୂ ଭାବରେ ତ କେତେବେଳେ ଜଣେ ଝିଅ ଭାବରେ। ତେବେ ଆମର ଆବଶ୍ୟକତା ସବୁବେଳେ ଅନ୍ୟ କାହା ପାଇଁ ଥାଏ ଏବଂ ଏହି ବ୍ୟସ୍ତତାରେ ଆମେ ନିଜକୁ ଭୁଲିଯାଇଥାଉ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଶ୍ରୀମତୀ ଅମ୍ବାନୀ ସମସ୍ତ ମହିଳାଙ୍କୁ ଆହ୍ୱାନ କରି କହିଛନ୍ତି ନିଜକୁ ଏକ ପ୍ରତିଶ୍ରୁତି ଦିଅ ଯେ ତୁମେ ନିଜ ପାଇଁ ସମୟ ଦେବ, ତୁମର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବ ଏବଂ ତୁମର ଶକ୍ତିକୁ ଚିହ୍ନିବ । ଏହାସହ ତୁମେ ସପ୍ତାହରେ ୪ ଦିନ ମାତ୍ର ୩୦ ମିନିଟ୍ ପାଇଁ ବ୍ୟାୟାମ କରିବ।

## ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ପକ୍ଷରୁ ୧୨ହଜାରରୁ ଅଧିକ ମହିଳାଙ୍କ ସଶକ୍ତିକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ଗୁଡିକ ଗୋଷ୍ଠୀକୁ ସଶକ୍ତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ରହିଛି ଯେଉଁଥିରେ ମହିଳା ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା, ନିଯୁକ୍ତି, ଉଦ୍ୟମିତା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ ମାଧ୍ୟମରେ ଡିସ୍‌କମ୍ ଗୁଡ଼ିକ ଓଡ଼ିଶାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେବାରେ ସକ୍ଷମ କରୁଛନ୍ତି। ଦକ୍ଷତା ବିକାଶକୁ ଆର୍ଥିକ ସୁଯୋଗ ସହିତ ସମନ୍ୱିତ କରି ସେମାନେ ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରୁଥିବା ବେଳେ ଅଞ୍ଚଳରେ ଦୀର୍ଘକାଳୀନ ସାମାଜିକ-



ଅର୍ଥନୈତିକ ବିକାଶକୁ ମଧ ଆଗକୁ ବଢ଼ାଉଛନ୍ତି। ଟାଟା ପାୱାର ୧,୨୨୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ୧୨,୦୦୦ରୁ ଅଧିକ ସ୍ଥାନୀୟ ମହିଳାଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ସଶକ୍ତ କରିଛି। ଏହି ଏସଏଚଜି ଗୁଡ଼ିକ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ସାରା ରାଜ୍ୟରେ ୧,୯୧୩ ମହିଳାଙ୍କୁ ଆଭାଶକ୍ତି ମାଧ୍ୟମରେ ସଫଳତାର ସହିତ ସାମିଲ କରିଛି, ଯାହା ସେମାନଙ୍କୁ ଆତ୍ମନିର୍ଭରଶୀଳତା ଯାତ୍ରାରେ ସହାୟତା କରୁଛି। ସହରୀ ଏବଂ ଗ୍ରାମୀଣ ଓଡ଼ିଶାରେ ଶକ୍ତି ସଂରକ୍ଷଣ ସଚେତନତା ବୃଦ୍ଧି କରିବା ସହିତ ଏହି ପଦକ୍ଷେପ ମହିଳାମାନଙ୍କୁ ବିଦ୍ୟୁତ୍ ମିଟରିଂ, ବିଲିଂ ଏବଂ ସଂଗ୍ରହ ଭଳି ବୈଷୟିକ କ୍ଷେତ୍ରରେ ପ୍ରଶିକ୍ଷଣ ଉପରେ କେନ୍ଦ୍ରୀଭୂତ ରହିଛି। ଟାଟା ପାୱାରର ପ୍ରବକ୍ତା କହିଛନ୍ତି ଯେ, 'ଆମେ ଟାଟା ଗ୍ରୁପର ରାଷ୍ଟ୍ର ନିର୍ମାଣ ଏବଂ ସମାବେଶୀ ବିକାଶର ନୀତି ପ୍ରତି ଗଭୀର ଭାବେ ପ୍ରତିବଦ୍ଧ। ମହିଳାଙ୍କୁ ସଶକ୍ତ କରିବା କେବଳ ବ୍ୟକ୍ତିଙ୍କୁ ଉନ୍ନୀତ କରିବା ନୁହେଁ, ଏହା ସମଗ୍ର ସମୁଦାୟକୁ ମଜବୁତ କରିବା ଅଟେ। ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀକରଣରେ ଆମର ଲକ୍ଷ୍ୟ ଭିତ୍ତିକ ପଦକ୍ଷେପ ମାଧ୍ୟମରେ ଆମେ ସୁଯୋଗ ସୃଷ୍ଟି କରୁଛୁ ଯାହା ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଏବଂ ସ୍ଥାୟୀ ଜୀବିକା ହାସଲ କରିବାରେ ସକ୍ଷମ କରୁଛି।

## ଆର୍‌ଏସ୍‌ପିର ସପ୍-ମେକାନିକାଲ୍ ୟୁନିଟ୍‌ର ସଫଳତା




ରାଉରକେଲା(ଭାସ୍କର ନ୍ୟୁଜ): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସପ-ମେକାନିକାଲ୍ ବିଭାଗର ଉଦ୍ୟୋଗୀ କର୍ମଚାରୀମାନେ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ବିଭାଗରେ ଏକ କଏଲର ମାଣ୍ଡ୍ରେଲକୁ ନିଷ୍କାସନ କରିବା ସହ ଏହାର ପୁନଃନିର୍ମାଣ କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଛନ୍ତି ଯାହା ବହୁଳ ସଞ୍ଚୟ ଆଣିବା ସହିତ ରକ୍ଷଣାବେକ୍ଷଣ ତଥା କାର୍ଯ୍ୟକାରିତାରେ ଆତ୍ମନିର୍ଭରଶୀଳତା ଦିଗରେ ବୃହତ ପଦକ୍ଷେପ ହୋଇପାରିଛି। ୧ ନିୟୁତ ଟନ୍ କଏଲ ଉତ୍ପାଦନ ପାଇଁ ଡିଜାଇନ୍ ହୋଇଥିବା କଏଲର ମାଣ୍ଡ୍ରେଲ, ଏଚଏସଏମ-୨ ବିଭାଗ ଆରମ୍ଭ ହେବା ପରଠାରୁ ନିରନ୍ତର କାର୍ଯ୍ୟ କରୁଥିଲା ଏବଂ ୨.୫ ନିୟୁତ ଟନ ହଟ୍ ରୋଲ୍ଡ୍ (ଏଚଆର) କଏଲ ପ୍ରକ୍ରିୟାକରଣ ସମ୍ପନ୍ନ କରିଥିଲା। ଦୀର୍ଘକାଳୀନ ବ୍ୟବହାର ଏବଂ ଦୁର୍ବଳ କଏଲିଂ କ୍ଷମତା କୁ ଦୃଷ୍ଟିରେ ରଖି ପୁନଃସ୍ଥାପନ ପାଇଁ ମାଣ୍ଡ୍ରେଲକୁ ନିଷ୍କାସନ କରିଦିଆଯାଇଥିଲା। ଏଭଳି ସାମୁହିକ ପ୍ରୟାସ ଦ୍ୱାରା କରାଯାଇଥିବା କିଛି ଆହ୍ୱାନମୂଳକ କାର୍ଯ୍ୟ ମଧ୍ୟରେ, କଏଲର୍ ମାଣ୍ଡ୍ରେଲର ସମସ୍ତ ଚାରୋଟି ଅଂଶର ସମ୍ପୂର୍ଣ୍ଣ ପୁନଃନିର୍ମାଣ, କଏଲର୍ ମାଣ୍ଡ୍ରେଲ୍ ଆସେମ୍ବଲିରୁ ୭-ମିଟର ଲମ୍ବା ୱେଜ୍ ରଡ୍ ଅପସାରଣ, ସୂକ୍ଷ୍ମ ପୁନଃସଂଯୋଗ ଏବଂ ମାନୁଆଲ୍ ପରୀକ୍ଷଣ ଅନ୍ତର୍ଭୁକ୍ତ ଥିଲା। କୋଏଲର୍ ମାଣ୍ଡ୍ରେଲ୍‌କୁ ସଫଳତାର ସହିତ ମାତ୍ର ୨୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ପୁନଃନିର୍ମାଣ ସହ ଏକତ୍ରିତ କରାଯାଇ ଏଚଏସଏମ-୨ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ନିଜସ୍ୱ ସମ୍ବଳରେ ପୁନଃନିର୍ମିତ କାର୍ଯ୍ୟ ଦ୍ୱାରା ଆଉଟସୋର୍ସ କରିବାର ଆନୁମାନିକ ଖର୍ଚ୍ଚ ସ୍ପେୟାର ଖର୍ଚ୍ଚ ଅନ୍ତରେ ପ୍ରାୟ ୬୦ ଲକ୍ଷ ଟଙ୍କାର ସିଧାସଳଖ ଖର୍ଚ୍ଚ ସଞ୍ଚୟ ସମ୍ଭବ ହୋଇପାରିଥିଲା । ଡିଜାଇନ୍ ବିଭାଗ ଏକ ଥ୍ରୀଡି ସ୍କାନର ବ୍ୟବହାର କରି ଡାଉନ୍ କଏଲର୍ ମାଣ୍ଡ୍ରେଲର ବିସ୍ତୃତ ଅତିରିକ୍ତ ଅଂଶ ଚିତ୍ର ବିକଶିତ କରାଯାଇଥିଲା, ଯାହା ଭବିଷ୍ୟତରେ ଆତ୍ମନିର୍ଭରଶୀଳତାକୁ ସୁନିଶ୍ଚିତ କରିବା ସହ ଅନୁରୂପ ନବୀକରଣ ପାଇଁ ବାହ୍ୟ ଏଜେନ୍ସି ଉପରେ ନିର୍ଭରଶୀଳତାକୁ ହ୍ରାସ କରାଯାଇପାରିଛି ।

## ଶାହରୁଖ ଖାନ୍‌ଙ୍କ ସହିତ କାଷ୍ଟ୍ରୋଲ ଇଣ୍ଡିଆର ନୂଆ କ୍ୟାମ୍ପେନର ଶୁଭାରମ୍ଭ

ମୁମ୍ବାଇ: ଦେଶର ଅଗ୍ରଣୀ ଲୁବ୍ରିକାଣ୍ଟ ନିର୍ମାତା କାଷ୍ଟ୍ରୋଲ ଇଣ୍ଡିଆ ଲିମିଟେଡ ଏହାର ଫ୍ଲାଗସିପ ଦୁଇଚକିଆ ଇଁନ ଅଏଲ ବ୍ରାଣ୍ଡ, କାଷ୍ଟ୍ରୋଲ ଆକ୍ଟିଭକୁ ପୁନଃ ଶୁଭାରମ୍ଭ କରିଛି। କ୍ୟାଷ୍ଟ୍ରୋଲ ଆକ୍ଟିଭ ଭାରତୀୟ ଦୁଇ-ଚକିଆ ଇଁନ ଅଏଲ ବଜାରରେ ଏକ କ୍ୟାଟେଗୋରୀ ଲିଡର ଅଟେ । ପୁନଃ ଶୁଭାରମ୍ଭର ଏକ ଅଂଶ ଭାବରେ କାଷ୍ଟ୍ରୋଲ ଆକ୍ଟିଭ ପ୍ୟାକ ଲେବଲରେ ଶାହାରୁଖ ଖାନଙ୍କ ସହିତ ଏକ ପ୍ରଡକ୍ଟ ଅପଗ୍ରେଡ (ଏପିଆଇ ଏସଏନ) ଏବଂ ନୂଆ ପ୍ୟାକେଜିଂ ଦେଖିବାକୁ ମିଳିଛି। ଏହା ସହିତ କାଷ୍ଟ୍ରୋଲ ଇଣ୍ଡିଆ ବଲିଉଡ ଷ୍ଟାର ତଥା ବ୍ରାଣ୍ଡ ଆମ୍ବାସାଡର ଶାହାରୁଖ ଖାନଙ୍କୁ ନେଇ ଏକ ନୂଆ ମାର୍କେଟିଂ ଅଭିଯାନ 'ହାସଟ୍ୟାଗ ଗରମି ମେ ଭି ୩ଏକ୍ସ ପ୍ରୋଟେକ୍ସନ'ର ଶୁଭାରମ୍ଭ କରିଛି । ଯେଉଁଥିରେ ଏସଆରକେ ଜଣେ ପୋଲିସ ଭୂମିକାରେ ନଜର ଆସିଛନ୍ତି । ଏହି ଅଭିଯାନ ଇଞ୍ଜିନ ଅତ୍ୟଧିକ ଗରମ ହେବା ଠାରୁ ସୁରକ୍ଷା ସୁନିଶ୍ଚିତ କରି କାଷ୍ଟ୍ରୋଲ ଆକ୍ଟିଭର ୩ଗୁଣ ସୁରକ୍ଷା ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇଛି । ଏହା ସମ୍ପର୍କରେ କାଷ୍ଟ୍ରୋଲ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ମାର୍କେଟିଙ୍ଗ ମୁଖ୍ୟ ରୋହିତ ତଲୱାର କହିଛନ୍ତି, ଏହି ଅଭିଯାନ କେବଳ କାଷ୍ଟ୍ରୋଲ ଆକ୍ଟିଭର ୩ଗୁଣା ସୁରକ୍ଷା ପ୍ରତିଶ୍ରୁତିକୁ ସୁଦୃଢ଼ କରେ ନାହିଁ ବରଂ ବାଇକ ଚାଳକମାନଙ୍କର ସବୁଠାରୁ ବଡ ଯନ୍ତ୍ରଣାର ସମାଧାନ କରି ସାରା ଦେଶରେ ବାଇକ ଚାଳକଙ୍କ ସହିତ ଆମର ସମ୍ପର୍କକୁ ଆହୁରି ଗଭୀର କରିଛି ।

## ମହିଳାଙ୍କୁ ସଶକ୍ତ କରୁଛି ଆମାଜନ୍ ଇଣ୍ଡିଆର ଏଲିଭେଟହର ୨୦୨୫

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆନ୍ତର୍ଜାତୀୟ ମହିଳା ଦିବସ (ଆଇଡବ୍ଲ୍ୟୁଡି) ୨୦୨୫ ଅବସରରେ ଆମାଜନ ଇଣ୍ଡିଆ 'ଆମାଜନ ଏଲିଭେଟହର୍ ୨୦୨୫'ର ପାଳନ କରିଛି । ଏହା ହେଉଛି ପରାମର୍ଶ ଏବଂ କ୍ୟାରିୟର ବିକାଶ ସୁଯୋଗ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ




କରାଯାଇଥିବା ଏକ ପଦକ୍ଷେପ । ଚଳିତ ବର୍ଷର ଗ୍ଲୋବାଲ ଆଇଡବ୍ଲ୍ୟୁଡି ଥିମ୍ 'ଆକ୍ସିଲରେଟ ଆକ୍ସନ'କୁ ଆଧାର କରି ବାଙ୍ଗାଲୋରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମାଜନ ଲିଡର ଏବଂ ଆଶାୟୀ ପେସାଦାରମାନଙ୍କୁ ଏକାଠି କରାଯାଇ କ୍ୟାରିୟର ଅଭିବୃଦ୍ଧି ପାଇଁ ପରାମର୍ଶ, ସହଯୋଗୀତା ଏବଂ ପ୍ରାୟୋଜକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଲିଭେଟହର ୨୦୨୫ ଲିଙ୍ଗଗତ ସମାନତା ପ୍ରତି ଆମାଜନର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଏବଂ ମହିଳାମାନଙ୍କୁ ସେମାନଙ୍କର ପୂର୍ଣ୍ଣ କ୍ଷମତା ହାସଲ କରିବା ପାଇଁ ଆବଶ୍ୟକ ଉପକରଣ ଓ ସଂଶାଧନ ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ସ୍ପିଡ ମେଣ୍ଟରିଙ୍ଗ ସେଶନ ଯେଉଁଠାରେ ବିଭିନ୍ନ ପୃଷ୍ଠଭୂମିର ୧୦୦ରୁ ଅଧିକ ମହିଳା କ୍ୟାରିୟର ଅଭିବୃଦ୍ଧି, ନେତୃତ୍ୱ ବିକାଶ ଏବଂ ବୃତିଗତ ଭାବେ ଆଗକୁ ବଢିବା ପାଇଁ ଆତ୍ମବିଶ୍ୱାସ ହାସଲ କରିବା ଭଳି ପ୍ରସଙ୍ଗ ଉପରେ ଆମାଜନ ଲିଡରଙ୍କ ସହ ଆଲୋଚନା କରିଥିଲେ। ଏସମ୍ପର୍କରେ ଆମାଜନ ଇଣ୍ଡିଆ, ଜାପାନ ଓ ଏମର୍ଜିଂ ମାର୍କେଟର ଏଚଆର/ପିପୁଲ ଏକ୍ସପେରିଏନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ଭିପି ଦୀପ୍ତି ବର୍ମା କହିଛନ୍ତି, ଏଲିଭେଟହର୍ ୨୦୨୫ ବିଭିନ୍ନ ପୃଷ୍ଠଭୂମିର ମହିଳାମାନଙ୍କୁ ନିଜର କ୍ୟାରିୟର ଲକ୍ଷ୍ୟ ହାସଲ କରିବା ପାଇଁ ସେମାନେ ଆବଶ୍ୟକ କରୁଥିବା ଦକ୍ଷତା ଓ ନେଟୱର୍କ ସହ ସୁସଜ୍ଜିତ କରିବାକୁ ଲକ୍ଷ୍ୟ ରଖିଛି ଏବଂ ସ୍ପିଡ ମେଣ୍ଟରିଂ ସେଶନଗୁଡିକ ଏହି ଆଶାୟୀ ପେସାଦାରମାନଙ୍କୁ ପ୍ରଦାନ କରିଥିବା ସୁଯୋଗକୁ ନେଇ ଆମେ ଖୁବ ଉତ୍ସାହିତ ଅଛୁ। ଏହି ଅବସରରେ ଅଭିନେତ୍ରୀ ସୋନାଲି ବିନ୍ଦ୍ରେ କହିଛନ୍ତି, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା କେବଳ ସୁଯୋଗ ସମ୍ପର୍କରେ ନୁହେଁ ବରଂ ଏହା ଏଭଳି ଏକ ପରିବେଶ ସୃଷ୍ଟି କରିବା ସହ ଜଡିତ ଯେଉଁଠାରେ ଆତ୍ମବିଶ୍ୱାସ, ନେତୃତ୍ୱ ଓ ଅଭିବୃଦ୍ଧି ବିକଶିତ ହେଉଥିବ। ଆମାଜନ ଏଲିଭେଟହର୍‌ର ଅଂଶ ହେବା, ଅନେକ ପ୍ରତିଭାଶାଳୀ ମହିଳା ନିଜ କ୍ୟାରିୟରକୁ ପ୍ରାଧାନ୍ୟ ଦେବା ଓ ପ୍ରତିବନ୍ଧକଗୁଡିକୁ ଭାଙ୍ଗିବାର ଦେଖିବା ବାସ୍ତବରେ ପ୍ରେରଣାଦାୟକ ଅଟେ।

### କେନ୍ଦ୍ର ରେଳମନ୍ତ୍ରୀଙ୍କ ଦ୍ୱାରା ୪ ଉତ୍ପାଦନ ୟୁନିଟ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ହାଇଦ୍ରାବାଦ: କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ତେଲେଙ୍ଗାନାର ଡିଭିଟିପାଲିରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟରରେ ୪ ଉତ୍ପାଦନ ୟୁନିଟ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାରୋହର ଏକ ଅଂଶ ସ୍ୱରୂପ, ଅମରା ରାଜା କମ୍ପାନୀର ଆଗାମୀ ଗିଗା ଫ୍ୟାକ୍ଟ୍ରି-୧, ଲୋହମ୍ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଖଣିଜ ବିଶୋଧନ ଏବଂ ବ୍ୟାଟେରୀ ପୁନଃଚକ୍ରଣ, ଏହାର ସେଲ୍ କେସିଂ ଉତ୍ପାଦନ ପାଇଁ ସ୍କେଲ ଏନର୍ଜି ଏବଂ ଏହାର ପ୍ରଥମ ଏଲ୍‌ଏଫ୍‌ପି-ସିଏଏମ୍ ଗିଗା ଫ୍ୟାକ୍ଟ୍ରି ପାଇଁ ଅଲ୍ଟମିନ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

## ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ କୌଶଳ ପ୍ରକଳ୍ପ ଉଦ୍‌ଘାଟିତ

ଟିକିରି(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଟିକିରି ଅର୍ନ୍ତଗତ କନ୍ସାରିଗୁଡା ସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନେରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ପକ୍ଷରୁ ସ୍ଥାନୀୟ ଫୁଲିଜୁବା ଗ୍ରାମରେ କୌଶଳ ପ୍ରକଳ୍ପ ଅଧୀନରେ ଗ୍ରାମାଞ୍ଚଳ ଯୁବକଯୁବତୀଙ୍କୁ ରୋଜଗାରକ୍ଷମ ଉଦ୍ଦେଶ୍ୟରେ ପ୍ରୟାସ ଆରମ୍ଭ କରାଯାଇଛି । ଆଦିତ୍ୟ ଆଲୁମିନା ସିଏସଆର ବିଭାଗ ତରଫରୁ କାର୍ଯ୍ୟକ୍ରମକୁ ରିଫଆଇନେରୀ ମୁଖ୍ୟ ମଜହର ବେଗ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ କୌଶଳ ପ୍ରକଳ୍ପର ଲୋଗୋ ମଧ ଉନ୍ମୋଚିତ ହୋଇଯାଇଛି । ଶନିବାରଠୁ କୌଶଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଏହା ସ୍ଥାନୀୟ ଯୁବପିଢିଙ୍କୁ ଆତ୍ମନିର୍ଭରଶୀଳ ଦିଗରେ ବିଭିନ୍ନ




କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କାରାଯିବ । ପ୍ରକଳ୍ପ ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ଅଞ୍ଚଳର ୫୦ଯୁବକଯୁବତୀଙ୍କୁ ବୈଦ୍ୟୁତିକ ଓ ଫିଟର ସମ୍ବନ୍ଧୀୟ ଆଇଟିଆଇ ପାଠ୍ୟକ୍ରମରେ ଭୁବନେଶ୍ୱରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଦୁଇବର୍ଷ ଧରି ଉକ୍ତ ଯୁବକଯୁବତୀଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ପ୍ରଶିକ୍ଷଣ ପ୍ରଦାନ ସହ ଏକବର୍ଷ ଚାକିରି ଆଧାରିତ ପ୍ରଶିକ୍ଷଣ ଯୋଗାଇ ଦିଆଯିବ । ଯାହା ଆଗାମୀ ଦିନରେ କାରାଖାନା ଓ ଏହାର ପାର୍ଶ୍ୱବର୍ତ୍ତି ଗ୍ରାମାଞ୍ଚଳର ଯୁବପିଢି କୌଶଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବା ସହ ପରିବାରର ଆର୍ଥୀକ ଅବସ୍ଥା ସ୍ୱଚ୍ଛଳ ହେବାରେ ପ୍ରକଳ୍ପ ସହଯୋଗୀ ହେବ ବୋଲି ଉଦଘାଟନୀ ଅବସରରେ ରିଫାଇନେରୀ ମୁଖ୍ୟ ଶ୍ରୀ ବେଗ୍ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅପରେସନ ବିଭାଗ ଉପାଧ୍ୟକ୍ଷ କୌଶିକି ଶରଣ ମିଶ୍ର, ମାନବ ସମ୍ବଳ ମୁଖ୍ୟ ଦୀପକ ମହାନ୍ତି, ଏଫ ଏବଂ ସି ମୁଖ୍ୟ ବାସୁଦେବ ଖୁଣ୍ଟିଆ, କ୍ଲଷ୍ଟର ସିଏସଆର ମୁଖ୍ୟ ଶିବ ମହାପାତ୍ର, ଉପାଧ୍ୟକ୍ଷ କର୍ପୋରେଟ କମ୍ୟୁନିକେସନ୍ ଡ.ବିଭୁଦତ୍ତ ମହାପାତ୍ର ଓ ସିଏସଆର ଏବଂ ଆର ଓ ଆର ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ନୂଆଦିଲ୍ଲୀ: ଶନିବାର କର୍ଣ୍ଣେଲ ସିଂ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବଧିର ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଚାମ୍ପିୟନ ହୋଇଛି । ଦଳ ଶନିବାର ଫାଇନାଲରେ ୭ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବା ଜଣାପଡ଼ିଛି । ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅନ୍ୟତମ ଦଳ ଭାବେ ଦକ୍ଷିଣ ଆଫ୍ରିକା ଭାଗ ନେଇଥିଲା । ତେବେ ଫାଇନାଲରେ ଭାରତର କୁଲଦୀପ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ଜଣାପଡ଼ିଛି । କୁଲଦୀପ ସିଂ ଏହି ମ୍ୟାଚ୍‌ରେ ୫ଟି ଉଇକେଟ ଅକ୍ତିଆର କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ କୁଲଦୀପ ଆହୁରି ମଧ୍ୟ ଏହି ସିରିଜର ବେଷ୍ଟ ବୋଲର ଭାବେ ବିବେଚିତ ହୋଇଥିଲେ । ଭାରତର ଅନ୍ୟ ଜଣେ ଖେଳାଳି ଅଭିଷେକ ସିଂ ସିରିଜର ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିପା ଜଣାପଡ଼ିଛି । ଏହି ଅବସରରେ ଟୁର୍ଣ୍ଣାମେଣ୍ଟରେ ବିରେନ୍ଦର ସିଂ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ।



# ଆଜି ଭାରତ-ନ୍ୟୁଜିଲାଣ୍ଡ କଡ଼ା ଟକ୍କର





ନୂଆଦିଲ୍ଲୀ: ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପାଇଁ ପ୍ରସ୍ତୁତ । ଏହି ମ୍ୟାଚ ରବିବାର ଦୁବାଇରେ ଅନୁଷ୍ଠିତ ହେବ । ଏହି ମ୍ୟାଚ ସମୟରେ ପାଗ ସଫା ରହିବ ବୋଲି ଆଶା କରାଯାଉଛି । ବର୍ଷା ହେବାର କୌଣସି ସମ୍ଭାବନା ନାହିଁ । ତେଣୁ ମ୍ୟାଚ ଠିକ ସମୟରେ ଆରମ୍ଭ ହୋଇପାରିବ । ଯଦି ଫାଇନାଲ ମ୍ୟାଚ ସମୟରେ ବର୍ଷା ହୋଇଥାନ୍ତା, ତେବେ ମ୍ୟାଚର ମଜା ନଷ୍ଟ ହୋଇଯାଇଥାନ୍ତା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫାଇନାଲ ମ୍ୟାଚ ପାଇଁ ଏକ ରିଜର୍ଭ ଡେ' ମଧ୍ୟ ରଖାଯାଇଛି । ପାଣିପାଗ ୱେବସାଇଟ ଅନୁଯାୟୀ, ରବିବାର ଦୁବାଇରେ ହାରାହାରି ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରହିପାରେ । ମ୍ୟାଚ ସମୟରେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ଅପରାହ୍ନ ୨.୩୦ ରେ ଆରମ୍ଭ ହେବ । ଏହି ସମୟରେ ଆକାଶ ସଫା ରହିବ । ସାଧାରଣ ବେଗରେ ପବନ ବହିପାରେ । ଏପରି ପରିସ୍ଥିତିରେ, ବୋଲରମାନେ ମଧ୍ୟ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଆଶା କରାଯାଉଛି । ଟୁର୍ନାମେଣ୍ଟର ଶେଷ ମ୍ୟାଚ ପାଇଁ ରିଜର୍ଭ ଡେ' ରଖାଯାଇଛି । ଯଦି ମ୍ୟାଚ ସମୟରେ ବର୍ଷା ହୁଏ, ତେବେ ଏହା ପରଦିନ ଖେଳାଯାଇପାରିବ । ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ପାଇଁ ରିଜର୍ଭ ଡେ' ମାର୍ଚ୍ଚ ୧୦ ରଖାଯାଇଛି । ଯଦି ରିଜର୍ଭ ଡେ'ରେ ମଧ୍ୟ ବର୍ଷା ଯୋଗୁ ମ୍ୟାଚ ପ୍ରଭାବିତ ହୁଏ, ତେବେ ସୁପର ଓଭର ମଧ୍ୟ କରାଯାଇପାରିବ । ଭାରତ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ବହୁତ ଭଲ ପ୍ରଦର୍ଶନ କରିଛି । ପ୍ରଥମ ଗ୍ରୁପ ମ୍ୟାଚରେ ଟିମ ଇଣ୍ଡିଆ ବାଂଲାଦେଶକୁ ଖରାପ ଭାବରେ ପରାସ୍ତ କରିଥିଲା । ଭାରତ ପରେ ପାକିସ୍ତାନକୁ ପରାସ୍ତ କରିଥିଲା ଏବଂ ପରେ ଗ୍ରୁପ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଥିଲା । ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ । ଏବେ ପୁଣି ଥରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ ।

## ଫାଇନାଲ୍‌ରେ ଭାରତ ପହଞ୍ଚିବା ପରେ ଟିଭି ବିଜ୍ଞାପନ ମୂଲ୍ୟ ଆକାଶ ଛୁଆଁ

ନୂଆଦିଲ୍ଲୀ: ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମୁକାବିଲା ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯିବ । ଫାଇନାଲ୍‌ରେ ଭାରତ ପହଞ୍ଚିବା ପରେ ଟିଭି ବିଜ୍ଞାପନ ରେଟ୍ ଆକାଶ ଛୁଇଁଛି । ରବିବାର ହେବାକୁ ଥିବା ଏହି ଫାଇନାଲ୍ ମ୍ୟାଚ୍ ପାଇଁ ବିଜ୍ଞାପନ ମୂଲ୍ୟରେ ଅତି କମରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି । ଭାରତ ଫାଇନାଲରେ ପହଞ୍ଚିବା ପରେ ଟେଲିଭିଜନ, କନକ୍ଟେଡ୍ ଟିଭି (ସିଟିଭି) ଓ ଡିଜିଟାଲ୍ ପ୍ଲାଟଫର୍ମରେ ବିଜ୍ଞାପନ ମୂଲ୍ୟରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି । ବିଜନେସ୍ ଷ୍ଟାଣ୍ଡାର୍ଡର ରିପୋର୍ଟ ଅନୁସାରେ ଜେନିଥ୍ ଇଣ୍ଡିଆର ମ୍ୟାନେଜିଂ ପାର୍ଟନର ତ୍ରିଶୂଳ ଭୂମକର କହିଛନ୍ତି ଯେ ଭାରତ ଯେବେ ବି କୌଣସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଲେ ବିଜ୍ଞାପନ ଚାହିଦା ଓ ମୂଲ୍ୟ ବୃଦ୍ଧି ପାଇଥାଏ । ଏଫସିବି କାଇନେକ୍ଟ ଆଣ୍ଡ ଏଫସିବି/ସିକ୍ସ ଇଣ୍ଡିଆର ମୁଖ୍ୟ ବ୍ୟବସାୟ ଅଧିକାରୀ ଅଙ୍କିତ୍ ବଙ୍ଗା କହିଛନ୍ତି, ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପହଞ୍ଚିବା ପରେ ଅନ୍ୟ ମ୍ୟାଚ୍ ତୁଳନାରେ ଟିଭିରେ ୧୦ ସେକେଣ୍ଡ ସ୍ଲଟ୍ ବିଜ୍ଞାପନ ମୂଲ୍ୟରେ ୪୦ ପ୍ରତିଶତ ଯାଏ ବୃଦ୍ଧି ହୋଇଛି । ରିପୋର୍ଟ ଅନୁସାରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ମୁକାବିଲା ପାଇଁ ସିଟିଭିରେ ୧୦ ସେକେଣ୍ଡ ଯାଏ ବିଜ୍ଞାପନ ପ୍ରସାରଣ ପାଇଁ ୨୦ ଲକ୍ଷ ଟଙ୍କା ଦେବାକୁ ପଡ଼ିବ । ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ଏହି ମୂଲ୍ୟ ୧୭ରୁ ୧୮ ଲକ୍ଷ ଟଙ୍କା ଥିଲା । ସେହିପରି ଡିଜିଟାଲ୍ ମିଡିୟମରେ ପ୍ରତ୍ୟେକ ୧୦୦୦ ଇମ୍ପ୍ରେସନ (ସିପିଏମ) ପାଇଁ ବିଜ୍ଞାପନ ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ରହିଛି । ଟୁର୍ଣ୍ଣାମେଣ୍ଟରେ ଅନ୍ୟ ମ୍ୟାଚ୍ ବେଳେ ଏହି ମୂଲ୍ୟ ୧୦୦ରୁ ୨୦୦ ଟଙ୍କା ଥିଲା ।

# ଫେବ୍ରୁଆରୀ ମାସର ଶ୍ରେଷ୍ଠ ବ୍ୟାଟର ଶୁବମନ ଗିଲ୍

## ଆଇସିସି ତାଲିକାରେ ସ୍ଥାନ ପାଇଲେ ସ୍ମିଥ୍ ଓ ଫିଲିପ୍ସ




ଦୁବାଇ: ଆଇସିସି ପକ୍ଷରୁ ଶ୍ରେଷ୍ଠ ଖେଳାଳି ତାଲିକା ଘୋଷଣା । ଫେବ୍ରୁଆରୀ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ଲିଷ୍ଟ ଜାରି ହୋଇଛି । ଏହି ତାଲିକାରେ ୩ଜଣ ବ୍ୟାଟର ସ୍ଥାନ ପାଇଛନ୍ତି । ସେମାନେ ହେଲେ ଟିମ୍ ଇଣ୍ଡିଆର ଶୁଭମନ ଗିଲ, ଅଷ୍ଟ୍ରେଲିଆର ଷ୍ଟିଭେନ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ । ଶୁବମନ ଗିଲ୍ ଫେବ୍ରୁଆରୀ ମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧୦୧.୫୦ ହାରରେ ମୋଟ୍ ୪୦୬ରନ୍ କରିଥିଲେ । ସେ ୮୭, ୬୦ ଏବଂ ୧୧୨ରନ୍‌ର ଜବରଦସ୍ତ ଇନିଂସ୍ ଖେଳି ଦଳକୁ ୩-୦ରେ ସିରିଜ୍ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଏବଂ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ଏହାପରେ ସେ ଚାମ୍ପିଅନ୍ସ ଟ୍ରଫିରେ ବାଂଲାଦେଶ ବିପକ୍ଷରେ ୧୦୧, ପାକିସ୍ତାନ ବିପକ୍ଷରେ ୪୬ରନର ଇନିଂସ୍ ଖେଳିଥିଲେ । ଭାରତ ଉଭୟ ମ୍ୟାଚରେ ବିଜୟୀ ହୋଇଛି ।

## ଚାମ୍ପିଅନ୍ସ ଟ୍ରଫି: ବିଜୟୀ ଟିମ୍‌କୁ ମିଳିବ ୨.୨୪ ମିଲିୟନ୍ ଡଲାର




ନୂଆଦିଲ୍ଲୀ: ସୁପର ସଣ୍ଡେରେ ହେବାକୁ ଯାଉଛି ସୁପର ଫାଇଟ୍ । ରବିବାର ଭାରତ ଆଉ ନ୍ୟୁଜିଲାଣ୍ଡ ଭିତରେ ଖେଳାଯିବ ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ । ତେବେ ସାରା ବିଶ୍ୱର ଅଗଣିତ କ୍ରିକେଟ୍ ପ୍ରେମୀ, ଏହି ମ୍ୟାଚକୁ ଚାତକ ଭଳି ଚାହିଁ ରହିଥିବାବେଳେ, ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ ଏହି ହାଇଭୋଲଟେଜ୍ ମ୍ୟାଚ୍ । ତେବେ ଆପଣ ଜାଣିଛନ୍ତି କି, ଚାମ୍ପିୟନ୍ସ ଟ୍ରଫି ଜିତିଲେ, ଚାମ୍ପିୟନ୍ ଟିମକୁ ମିଳିଥାଏ କେତେ ଟଙ୍କା ଆଉ କେତେ ଟଙ୍କା ପାଇଥାଏ ରନର୍ସ ଅପ୍ ଟିମ୍ ମିଳିଥିବା ସୂଚନା ମୁତାବକ, ଚାମ୍ପିୟନ୍ସ ଟ୍ରଫି ଜିତିଲେ, ମାଲାମାଲ ହେବ ଚାମ୍ପିୟନ୍ ଟିମ । ଆଇସିସି, ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରାଇସ୍ ମନି ପୂର୍ବରୁ ହିଁ ଡିକ୍ଲାର କରିସାରିଛି । ଚାମ୍ପିୟନ୍ସ ଟ୍ରଫି ଜିତିଲେ, ଭାରତୀୟ ଟିମକୁ ମିଳିବ ପ୍ରାୟ ୨.୨୪ ମିଲିୟନ୍ ଡଲାର । ଯାହାର ଭାରତୀୟ ମୁଦ୍ରାରେ ମୂଲ୍ୟ ହେଉଛି ୧୯ କୋଟି ୪୮ ଲକ୍ଷ ଟଙ୍କା । ସେହିପରି ଚାମ୍ପିୟନ୍ସ ଟ୍ରଫିରେ ରନର୍ସ ଅପ୍ ହେଇଥିବା ଟିମକୁ ମିଳିଥିବ ୯ କୋଟି ୭୪ ଲକ୍ଷ ଟଙ୍କା । ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ୍ସ ଆଉ ରନର୍ସଅପ୍ ସହିତ ସେମିଫାଇନାଲ ହାରିଥିବା ଟିମକୁ ମଧ୍ୟ ମିଳିବ କୋଟି କୋଟି ଟଙ୍କା । ସେମିଫାଇନାଲ ହାରିଥିବା ଦୁଇ ଟିମକୁ ୪ କୋଟି ୮୭ ଲକ୍ଷ ଟଙ୍କା ମିଳିବ । ଅର୍ଥାତ ଅଷ୍ଟ୍ରେଲିଆ ସହିତ ସାଉଥ୍ ଆଫ୍ରିକା ଟିମ୍ ସେମିଫାଇନାଲ ହାରିଥିଲେ ବି, ଆଇସିସି ପାଖରୁ କୋଟି କୋଟି ଟଙ୍କା ପାଇବେ । ଏହାସହିତ ଟୁର୍ଣ୍ଣାମେଣ୍ଟରେ ୫ମ ଓ ୬ଷ୍ଠ ସ୍ଥାନରେ ଥିବା ଟିମକୁ ୩ କୋଟି ୪ ଲକ୍ଷ ଟଙ୍କା, ଏବଂ ୭ମ ଏବଂ ୮ମ ସ୍ଥାନରେ ଥିବା ଟିମକୁ ୧ କୋଟି ୪୦ ଲକ୍ଷ ଟଙ୍କା ମିଳିବ ବୋଲି ଆଇସିସି ଧାର୍ଯ୍ୟ କରିଛି । ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରତିଟି ମ୍ୟାଚ୍ ପ୍ରତିଟି ଟିମ୍ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଗ୍ରୁପ୍ ଷ୍ଟେଜରେ ମ୍ୟାଚ୍ ଜିତୁଥିବା ପ୍ରତିଟି ଟିମକୁ ୨୯ ଲକ୍ଷ ୬୧ ହଜାର ଟଙ୍କା ମିଳିଥାଏ । ଏହା ସହ ୮ଟି ଯାକ ଟିମକୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ୧ କୋଟି ୮ ଲକ୍ଷ ଟଙ୍କା ମିଳିଥାଏ । ଏହି ସବୁ ପ୍ରାଇସ୍ ମନି ପାଇଁ ଆଇସିସି ପାଖାପାଖି ୬୦ କୋଟି ଟଙ୍କା ଖର୍ଚ୍ଚ କରିବ, ଯାହାକି ୨୦୧୭ ତୁଳନାରେ ପାଖାପାଖି ୫୩ ପ୍ରତିଶତ ଅଧିକ ।

## ଇତିହାସ ରଚିବାକୁ ଆଉ ଗୋଟେ ପାଦ ଦୂରରେ କୋହଲି

ଦୁବାଇ: ବିରାଟ କୋହଲିଙ୍କ ପାଖରେ ଇତିହାସ ସୃଷ୍ଟି କରିବାର ସୁଯୋଗ ଅଛି । ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଶେଷ ମ୍ୟାଚ୍‌ରେ କୋହଲି କ୍ରିସ ଗେଲଙ୍କ ଗୋଟିଏ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି । ରବିବାର ଦୁବାଇରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମ୍ୟାଚ ଖେଳାଯିବ । ଚାମ୍ପିଅନ୍ସ ଟ୍ରଫିରେ ଏପର୍ଯ୍ୟନ୍ତ ସର୍ବାଧିକ ରନ ସ୍କୋର କରିବାରେ କ୍ରିସ ଗେଲ ଶୀର୍ଷରେ ଅଛନ୍ତି । ଗେଲ ୧୭ଟି ମ୍ୟାଚ ଖେଳି ୭୯୧ ରନ କରିଛନ୍ତି । ଏହି ସମୟ ମଧ୍ୟରେ ସେ ୩ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି । ଏବେ କୋହଲି ଏହି ରେକର୍ଡ ଭାଙ୍ଗି ପାରିବେ । ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ରନ ସ୍କୋର କରିବାରେ କୋହଲି ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ଅଛନ୍ତି । କୋହଲି ୧୭ଟି ମ୍ୟାଚ ଖେଳି ୭୪୬ ରନ କରିଛନ୍ତି । ସେ ଗୋଟିଏ ଶତକ ଏବଂ ୬ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଯଦି ବିରାଟ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ମ୍ୟାଚ୍‌ରେ ୪୫ ରୁ ଅଧିକ ରନ କରନ୍ତି, ତେବେ ସେ କ୍ରିସ ଗେଲଙ୍କୁ ପଛରେ ପକାଇଦେବେ । ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ରନ ସ୍କୋର କରିବାରେ ବିରାଟ କୋହଲି ବର୍ତ୍ତମାନ ଚତୁର୍ଥ ସ୍ଥାନରେ ଅଛନ୍ତି । କୋହଲି ୪ଟି ମ୍ୟାଚ୍‌ରେ ୨୧୭ ରନ କରିଛନ୍ତି । ଟିମ ଇଣ୍ଡିଆ ରବିବାର ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଫାଇନାଲ ମ୍ୟାଚ ଖେଳିବ । ଭାରତ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା ।

## ଜାତୀୟ ସନ୍ତରଣ ଓ ତୀରନ୍ଦାଜ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଯୁବ କ୍ରୀଡ଼ାବିତ



ବରଗଡ(ଭାସ୍କର ନ୍ୟୁଜ): ଶନିବାର ବରଗଡ଼ ଜିଲ୍ଲାର ଦୁଇଜଣ ଦିବ୍ୟାଙ୍ଗ ଯୁବ କ୍ରୀଡ଼ାବିତ ତରଣୀ ସୁନା ଓ ସୁମନ୍ତ ପଧାନ ସାଧାରଣ ବ୍ୟକ୍ତିଙ୍କ ସହିତ ରାଉରକେଲାର ବିର୍ଷା ମୁଣ୍ଡଲ ଷ୍ଟାଡିଅମ ଠାରେ ଆୟୋଜିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଟ୍ରେନ ଯୋଗେ ବରଗଡ଼ ରେଳ ଷ୍ଟେସନରୁ ଯାତ୍ରା କରିଛନ୍ତି । ଅନ୍ୟପକ୍ଷରେ ଦିବ୍ୟାଙ୍ଗ କ୍ରୀଡ଼ାବିତ ସକ୍ଷନ ମେହେର ଜାତୀୟ ତୀରନ୍ଦାଜ ପ୍ରତିଯୋଗୀତାରେ ମଧ୍ୟ ଭାଗ ନେବେ । ଉକ୍ତ ପ୍ରତିଯୋଗିତା ଦୁଇ ଦିନ ପର୍ଯ୍ୟନ୍ତ ରାଉରକେଲା ଓ ସୁନ୍ଦରଗଡ ଠାରେ ଅନୁଷ୍ଠିତ ହେବ । ଓଡିଶା ଜନତା ସଂଘର୍ଷ ସମିତି ସଭାପତି କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ଅଭୟ କୁମାର ପଧାନ, ହେଲପିଙ୍ଗ ଫାଉଣ୍ଡେସନ ବରଗଡ ର ସଭାପତି ଦିବାକର ମାଝୀ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଓ ପାୱାର ଅଫ ଦିବ୍ୟାଙ୍ଗସ ବରଗଡ଼ର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଶୁଭେଚ୍ଛା ଦେବା ସହ ରେଳ ଷ୍ଟେସନକୁ ଯାଇ ଅଭିନନ୍ଦନ ଜଣାଇ ଥିଲେ ।

## ଚାମ୍ପିଅନ୍ସ ଟ୍ରଫି ପରେ ଅବସର ନେବେ କୋହଲି-ରୋହିତ

ଦୁବାଇ: ବିରାଟ କୋହଲି ଏବଂ ରୋହିତ ଶର୍ମା ଉଭୟ ମହାନ ଖେଳାଳି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି । ବିରାଟ କୋହଲି ଭାରତ ପାଇଁ ସର୍ବାଧିକ ରନ କରିଛନ୍ତି ଏବଂ ସେ ପାକିସ୍ତାନ ବିପକ୍ଷରେ ଶତକ ଏବଂ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ଟିମ ଇଣ୍ଡିଆକୁ ବିଜୟୀ କରାଇଛନ୍ତି । ଅନ୍ୟପକ୍ଷରେ, ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରିଛି । ଏବେ ନ୍ୟୁଜିଲାଣ୍ଡ ସହିତ ଟାଇଟଲ ମୁକାବିଲା ହେବାକୁ ଯାଉଛି ଏବଂ ଏହି ମ୍ୟାଚ ପୂର୍ବରୁ ଷ୍ଟାର ସ୍ପୋର୍ଟସ ରୋହିତ ଏବଂ ବିରାଟଙ୍କ ଏକ ଭିଡିଓ ପୋଷ୍ଟ କରିଛି । ଏହି ଭିଡିଓରେ, ବିରାଟ କୋହଲି ଏବଂ ରୋହିତ ଶର୍ମା ପ୍ରଶଂସକଙ୍କୁ ସେମାନଙ୍କର ସମ୍ପ୍ରତି ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ଉଭୟ ଖେଳାଳି ପ୍ରଶଂସକଙ୍କ ଗୁରୁତ୍ୱ ବିଷୟରେ କହିଥିଲେ ଏବଂ ଦଳ ପକ୍ଷରୁ ଉନ୍ନତ ପ୍ରଦର୍ଶନ ପାଇଁ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । ବିରାଟ କୋହଲି କହିଛନ୍ତି, ଆମେ ସର୍ବଦା ପ୍ରଶଂସକଙ୍କ ସମର୍ଥନ ଏବଂ ପ୍ରେମକୁ ମୂଲ୍ୟ ଦେଉଛୁ ଏବଂ ଆଦର କରୁ । ଆପଣମାନେ ସବୁବେଳେ ଆମ ଦଳ ପଛରେ ଅଛନ୍ତି । ଆପଣଙ୍କର ସମର୍ଥନ ପାଇଁ ମୁଁ ସର୍ବଦା କୃତଜ୍ଞ । ଆମେ ସବୁବେଳେ ଆପଣଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିବୁ ଏବଂ ଭାରତୀୟ ପତାକାକୁ ଉଚ୍ଚରେ ଉଡ଼ିବା ପାଇଁ ପଡ଼ିଆରେ ଯାହା ସମ୍ଭବ ତାହା ଦେବୁ । ଆମେ ତୁମକୁ ଖୁସି ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବୁ । ରୋହିତ ଶର୍ମା ମଧ୍ୟ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, 'ସମସ୍ତ ପ୍ରଶଂସକଙ୍କୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ । ଆପଣଙ୍କ ସମର୍ଥନ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଆପଣ ସମର୍ଥନ କଲେ ଆମେ ସମସ୍ତେ ବହୁତ ଖୁସି ହେବୁ । ଏବଂ ମୁଁ ନିଶ୍ଚିତ ଯେ ଆମେ ଆପଣଙ୍କୁ ନିରାଶ କରିବୁ ନାହିଁ ଏବଂ ଆମେ ଆମର ସର୍ବୋତ୍ତମ ଚେଷ୍ଟା କରିବୁ । ଏହା ରୋହିତ ଏବଂ ବିରାଟ ଉଭୟଙ୍କ ପାଇଁ ଶେଷ ଚାମ୍ପିଅନ୍ସ ଟ୍ରଫି ହୋଇପାରେ । ପରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫି ୨୦୨୯ ରେ ଅନୁଷ୍ଠିତ ହେବ, ଯାହାର ଅର୍ଥ ହେଉଛି ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଖେଳିବା ପ୍ରାୟ ଅସମ୍ଭବ ହୋଇଯିବ । ଏପରି ପରିସ୍ଥିତିରେ ଏହା କୁହାଯାଇପାରେ ଯେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ ରୋହିତ ଏବଂ ବିରାଟଙ୍କ ଶେଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ ହେବ । ଏବେ ଏକମାତ୍ର ଆଶା ହେଉଛି ଯେ ଉଭୟଙ୍କର ବିଜୟୀ ବିଦାୟ ।

**ମୁମ୍ବାଇ ଇଣ୍ଡିଆନ୍ସକୁ ଝଟ୍‌କା**

## ଆଇପିଏଲ୍ ପୂର୍ବରୁ ବାଦ୍ ପଡ଼ିଲେ ବୁମରାହ



ନୂଆଦିଲ୍ଲୀ: ଆଉ କିଛିଦିନର ଅପେକ୍ଷା । ଆରମ୍ଭ ହେବ ଫଟାଫଟ୍ କ୍ରିକେଟ ଆଇପିଏଲ୍ ୨୦୨୫ । କମ୍ପିବ ମୈଦାନ, ହେବ ଛକା ଚଉକାର ବର୍ଷା । ତେବେ ଆଇପିଏଲ୍ ପୂର୍ବରୁ ଦର୍ଶକଙ୍କୁ ଲାଗିବାକୁ ଯାଉଛି ଝଟ୍‌କା । ଦ୍ରୁତ୍ ବୋଲର ଜସପ୍ରୀତ ବୁମରାହ ଆଘାତ ହେତୁ ଚାମ୍ପିଅନ୍ସ ଟ୍ରଫିରେ ଭାରତୀୟ ଟିମ୍‌ର ପାର୍ଟ ହୋଇନାହାଁନ୍ତି । ବୁମରାହ ଏହି ବର୍ଷ ଜାନୁୟାରୀରେ ଅଷ୍ଟ୍ରେଲିଆ ବିପକ୍ଷରେ ସିଡନୀ ଟେଷ୍ଟରେ ମାଂସପେଶୀରେ ଯନ୍ତ୍ରଣା ହେତୁ ବାଦ୍ ପଡିଛନ୍ତି । ତେବେ ଟ୍ରଫି ପରେ ଏବେ ବୁମରାହ ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ରେ ବାଦ୍ ପଡିବାକୁ ଯାଉଛନ୍ତି । ଫଳରେ ଦର୍ଶକଙ୍କୁ ଲାଗିବାକୁ ଯାଉଛି ଝଟ୍‌କା । ରିପୋର୍ଟ ଅନୁଯାୟୀ, ବୁମରାହ ଏବେ ଏପ୍ରିଲ୍‌ରୁ ସଂପୂର୍ଣ୍ଣ ଭାବେ ବୋଲିଂ ଆରମ୍ଭ କରିବେ । ଫଳରେ ମୁମ୍ବାଇ ଇଣ୍ଡିଆନ୍ସରୁ କମ୍‌ରୁ ଅତି କମ୍‌ରେ ୩ ରୁ ୪ ମ୍ୟାଚ୍ ମିସ୍ କରିବେ । ସୂତ୍ର କହୁଛି ବୁମରାହଙ୍କ ମେଡିକାଲ ରିପୋର୍ଟ ଠିକ୍ ଅଛି । ସେ ପୁଣିଥରେ ଶୀଘ୍ର ବୋଲିଂ ଆରମ୍ଭ କରିବେ । ଯଦିଓ ସମ୍ଭାବନା ଅଛି କି, ଆଇପିଏଲ୍ ପୂର୍ବରୁ ସେ ଠିକ୍ ହୋଇପାରନ୍ତି । ଏପ୍ରିଲ୍ ପ୍ରଥମ ସପ୍ତାହରେ ତାଙ୍କ ପକ୍ଷେ ମୈଦାନକୁ କମ୍‌ବ୍ୟାକ୍ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ରିପୋର୍ଟ କହୁଛି କି ବୁମରାହ ଏବେ ଫୁଲ ଫର୍ମରେ ବୋଲିଂ କରିପାରିବେନି । କାରଣ ମେଡିକାଲ ଟିମ୍ ତାଙ୍କୁ ଖେଳିବାକୁ ଅନୁମତି ଦେବ । କହିବାକୁ ଗଲେ ୨୩ ମାର୍ଚ୍ଚରେ ନିଜର ଅଭିଯାନ ଆରମ୍ଭ କରିବ ମୁମ୍ବାଇ ଇଣ୍ଡିଆନ୍ସ । ଚେନ୍ନାଇ ବିପକ୍ଷରେ ଖେଳିବ ପ୍ରଥମ ମୁକାବିଲା ।

# କ୍ଷମା ମାଗିଲେ ପାକିସ୍ତାନୀ ବୋଲର



ଦୁବାଇ: ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ୨୩ ଫେବୃଆରୀରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭାରତୀୟ ଦଳ ଏକପାଖିଆ ଭାବରେ ବିଜୟୀ ହୋଇଥିଲା । କିନ୍ତୁ ଏହି ମ୍ୟାଚ ସମୟରେ, ଜଣେ ପାକିସ୍ତାନୀ ଖେଳାଳି ଏକ ଅଜବ ଉପାୟରେ ୱିକେଟ କରିଥିଲେ । ଏହି ଘଟଣା ପରେ, ଏହି ଖେଳାଳିଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଇଥିଲା । ଏପରି ପରିସ୍ଥିତିରେ, ଏହି ଖେଳାଳି ଏବେ ତାଙ୍କ ୱିକେଟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି । ପ୍ରକୃତରେ, ଭାରତ-ପାକିସ୍ତାନ ମ୍ୟାଚରେ ଷ୍ଟାର ବ୍ୟାଟ୍ସମ୍ୟାନ ଶୁଭମନ ଗିଲ ୫୨ ବଲରେ ୪୬ ରନରେ ଇନିଂସ ଖେଳି ଆଉଟ ହୋଇଥିଲେ । ତାଙ୍କୁ ପାକିସ୍ତାନ ସ୍ପିନର ଅବରାର ଅହମ୍ମଦ ବୋଲ୍ଡ ଆଉଟ କରିଥିଲେ । ଏହା ପରେ, ଅବରାର ଅହମ୍ମଦ ୱିକେଟ ପାଇଁ ଉତ୍ସବ ପାଳନ କରୁଥିବା ସମୟରେ, ତାଙ୍କ ବେକ ବୁଲାଇ ଗିଲଙ୍କୁ ବାହାରକୁ ଯିବାକୁ ବାରମ୍ବାର ଇଙ୍ଗିତ କରିଥିଲେ ଏବଂ ଉତ୍ସାହିତ ହୋଇ ତାଙ୍କ ଆଡ଼କୁ ଚାହିଁଥିଲେ । ଟେଲିକମ ଏସିଆ ସ୍ପୋର୍ଟ ସହିତ କଥାବାର୍ତ୍ତା ସମୟରେ, ଅବରାର ଅହମ୍ମଦ ଶୁଭମନ ଗିଲଙ୍କ ୱିକେଟ ସେଲିବ୍ରେସନ ଉପରେ କହିଥିଲେ, ଏହା ମୋର ଶୈଳୀ ଏବଂ ମୁଁ ଏଥିରେ କୌଣସି ଭୁଲ କରିନାହିଁ ।' ମୁଁ କିଛି ଭୁଲ କରିଛି ବୋଲି ଜଣେ ବି ମ୍ୟାଚ ଅଧିକାରୀ ମୋତେ କହି ନଥିଲେ । ଏହା ସତ୍ତ୍ୱେ, ଯଦି କେହି ଆଘାତ ପାଇଛନ୍ତି, ତେବେ ମୁଁ ଦୁଃଖିତ ଏବଂ କ୍ଷମା ପ୍ରାର୍ଥନା କରୁଛି । ମୋର ଉଦ୍ଦେଶ୍ୟ କାହାକୁ ଆଘାତ ଦେବା ନଥିଲା । ଅବରାର ଅହମ୍ମଦ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ମ୍ୟାଚ ସମୟରେ ସେ ବିରାଟ କୋହଲିଙ୍କୁ ଛକା ମାରିବା ପାଇଁ ଉସୁକାଇଥିଲେ । ଅବରାର ଅହମ୍ମଦ କହିଛନ୍ତି, ଦୁବାଇରେ ବିରାଟ କୋହଲିଙ୍କୁ ବୋଲିଂ କରିବାର ମୋର ପିଲାଦିନର ସ୍ୱପ୍ନ ପୂରଣ ହୋଇଛି । ଏହା ବହୁତ ଚ୍ୟାଲେଞ୍ଜିଂ ଥିଲା ଏବଂ ମୁଁ ତାଙ୍କୁ ଚିଡ଼େଇଥିଲି । ମୁଁ ତାଙ୍କୁ ମୋ ଓଭରରେ ଛକା ମାରିବାକୁ କହିଲି କିନ୍ତୁ ସେ ରାଗିଲେ ନାହିଁ । ଆମେ ସମସ୍ତେ ଜାଣୁ ଯେ କୋହଲି ଜଣେ ମହାନ ବ୍ୟାଟସମ୍ୟାନ କିନ୍ତୁ ସେ ଜଣେ ଭଲ ବ୍ୟକ୍ତି ମଧ୍ୟ । ମ୍ୟାଚ ପରେ କୋହଲି କହିଥିଲେ ଯେ ସେ ଭଲ ବୋଲିଂ କରିଥିଲେ, ଯାହା ମୋର ଦିନକୁ ଗଢ଼ି ତୋଳିଥିଲା । ଆପଣଙ୍କୁ କହି ରଖୁଛୁ ଯେ, ବିରାଟ କୋହଲି ଏହି ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ସେ ୧୧୧ ବଲରେ ଅପରାଜିତ ୧୦୦ ରନ କରିଥିଲେ ।


**झारखंड सरकार**
**कार्यपालक अभियंता का कार्यालय, सिंचाई प्रमंडल दुमका।**

**ई–प्रोक्योरमेंट सूचना**

**e-Tender Ref. No: WRD/Irr.Div.Dumka/SBD-IFB-06/2024-25 (4th call) Dt : 08.03.2025**

1. विभाग का नाम – जल संसाधन विभाग, झारखण्ड सरकार ।
2. विज्ञापनदाता का नाम – कार्यपालक अभियंता, सिंचाई प्रमण्डल, दुमका । Mob. No. -9801476699 Email ID- eedmkirr@gmail.com
3. निविदा विपत्र वेबसाईट पर प्रकाशन की तिथि – 11.03.2025 को (11:00 AM)
4. परिमाण विपत्र डाउनलोड करने की तिथि – 11.03.2025 (11:00 AM) से 04.04.2025 (05:00PM) तक
5. निविदा प्राप्त करने की अंतिम तिथि – 04.04-2025 (05:00 PM)
6. तकनीकी निविदा खुलने की तिथि – 07.04.2025 (03:00 PM)
7. ई0–निविदा आमंत्रण सेल का हेल्प लाईन न0. 06432357181

कार्य का विवरण –

| क्र0सं0 | ग्रुप सं0 | कार्य का नाम | प्राक्कलित राशि | अग्रधन राशि 1% | परिमाण विपत्र का मूल्य | कार्य समाप्ति की तिथि |
|---|---|---|---|---|---|---|
| 1 | 01 | PCC Lining work and Restoration of Structures of Haripur Distributory Originating from Mayurakshi Left Bank canal | 14,31,12,136.85 | 14,32,000.00 | 10000.00 | 18 माह |

नोट: सिर्फ ई0–निविदा ही स्वीकार किये जायेंगें।
(1) निविदा शुल्क एवं अग्रधन की राशि केवल online mode द्वारा स्वीकार्य होगी।
(2) निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी, अगर खाता को बन्द कर दिया जाता है तो इसकी सारी जवाबदेही सम्बंधित निविदादाता की होगी।
(3) प्राक्कलित राशि घट–बढ़ सकती है।
(4) राज्य सरकार द्वारा निर्गत सभी अद्यतन आदेश/परिपत्र लागू होंगें।
(5) ज्यादा जानकारी http://jharkhandtenders.gov.in पर प्राप्त की जा सकती है।

कार्यपालक अभियन्ता
सिंचाई प्रमंडल दुमका

PR 348127 (Water Resource) 24-25 (D)



**ई० प्रोक्यूरमेंट सेल,**
**कार्यपालक अभियंता का कार्यालय,भवन निर्माण विभाग,**
**भवन प्रमण्डल संख्या-02, राँची**

**अल्पकालिन ई–प्रोक्योरमेन्ट नोटिस**

**ई–टेन्डर रेफरेन्स नं0–23/2024-25/EE/BCD/DIV-2,RANCHI.**
**दिनांक–08.03.2025**

| | | |
|---|---|---|
| 1. | कार्य का नाम | Day to Day Maintenance of Garden Including Lawn Area and Gamla in the Premises of New High Court Building at Dhurwa, Ranchi. (High Court Pool) |
| 2. | प्राक्कलित राशि (रू0) | राशि रू0 2,43,67,800.00/– ( दो करोड़ तेतालिस लाख सरसठ हजार आठ सौ ) रूपये मात्र। |
| 3. | कार्य पूर्ण की अवधि | 12 (बारह) माह |
| 4. | वेबसाईट पर निविदा प्रकाशन की तिथि | 15.03.2025 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 22.03.2025 को 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता का कार्यालय, भवन निर्माण विभाग,भवन प्रमण्डल संख्या–02, राँची। |
| 7. | निविदा खोलने की तिथि/समय एवं स्थान | 24.03.2025 को 11:30 बजे नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची |
| 7. | ई–प्रोक्योरमेन्ट पदाधिकारी का सम्पर्क संख्या | 6203309676 |
| 8. | ई–प्रोक्योरमेन्ट सेल का हेल्पलाईन संख्या | 7992430721 |

9. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
10. सूचना प्रौद्योगिकी एवं ई–गवर्नेस विभाग, झारखण्ड, सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रकिया) एवं भवन निर्माण विभाग, झारखण्ड, सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, **SOP** के तहत अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।
- अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता
भवन निर्माण विभाग,
भवन प्रमण्डल संख्या–02, राँची

PR 348151 Building(24-25).D



**OFFICE OF THE EXECUTIVE ENGINEER,**
**MINOR IRRIGATION DIVISION, HAZARIBAG.**

**e-Procurement Tender Notice**
**Tender Reference No. :- DMFT/MID/HAZARIBAG/F2-29/2024-25**
**Letter no - 266** **Date :- 08.03.2025**

| Group No | Scheme Name | Estimated Cost (In Rs.) | Time of Completion |
|---|---|---|---|
| 1. | Construction work of toilets, library building and other miscellaneous works in Project High School, Gauriyakarma, Block- Barhi, Dist.- Hazaribag. | 1,37,71,400.00 | 11 Months |
| 2. | Construction work of boundary wall, gate, toilet etc. of Kasturba Gandhi Balika Vidyalaya, Chouparan, Block- Chouparan, Dist.- Hazaribag. | 1,54,93,500.00 | 11 Months |
| 3. | Constuction works like hostel etc. at Kasturba Gandhi Girls School, Chouparan, Block- Chouparan Dist.- Hazaribag. | 2,05,62,500.00 | 11 Months |
| 4. | Construction of four rooms and other works in Middle School, Gauriyakarma, Block- Barhi ,Dist.- Hazaribag. | 91,57,400.00 | 11 Months |
| 5. | Miscellaneous construction work for the upgradation of Shepherd Primary School, Gauriyakarma, Block- Barhi Dist.- Hazaribag. | 43,41,300.00 | 11 Months |
| 6. | Construction works for upgrdation of Upgraded Middle School, Bargadda, Block- Katkamsandi, Dist.- Hazaribag. | 66,42,600.00 | 11 Months |
| 7. | Miscellaneous construction works for Renovation of Upgraded Middle School, Adar, Block- Padma, Dist.- Hazaribag. | 99,19,500.00 | 11 Months |

| | | |
|---|---|---|
| 1. | Date of Publication of e-Tender on website | 26.03.2025 at 3:00 P.M (e-Procurement Portal- http://jharkhandtenders.gov.in) |
| 2. | Last date/Time for Submission of e-Tender bids Online | 05.04.2025 up to 5:00 P.M |
| 3. | Last Date for Online Submission of Tender Fee and EMD | 05.04.2025 up to 5:00 P.M |
| 4. | Date of opening of e-Tender | 07.04.2025 at 03:00 P.M |
| 5. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 6. | Contact no. of e-Procurement officer | 06546-270485 |
| 7. | E-mail of e- Procurement officer | eemidhbg-cemr-jhr@nic.in |

**Note:- 1.) Only e-Tender will be accepted.**
**2.) Published Estimated Cost may be increased or decreased.**
**3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in**

**Executive Engineer,**
**Minor Irrigation Division,**
**Hazaribag.**

PR 348173 (Minor Irrigation)24-25*D

ଓଡ଼ିଶା ଭାସ୍କର
ODISHA BHASKAR

# ସାହିତ୍ୟ





## ଏତିକି ଜାଣିଛି ଆମ ପ୍ରେମ

ନୀଳମଣି ଚାନ୍ଦ

ଏତିକି ଜାଣିଛି ଆମ ପ୍ରେମଟି ତ
ଆକାଶଠୁଁ ବେଶି ବଡ଼
ସେଥିପାଇଁ ପ୍ରିୟା ତୁମେ ଯେ ଅଭୁଲା
ବେଶି ବେଶି ମନେ ପଡ଼।
ତୁମ ପାଇଁ ଖାଲି ସପନରେ ମୋର
ତୋଳୁଥିଲି ତାଜ୍ କେତେ
ଭାବୁଥିଲି ଆମେ ପ୍ରୀତି ବରଷାରେ
ଭିଜି ଯାଆନ୍ତେରେ ସତେ
ଡର ତ ନଥିଲା ଉଠୁ ସମାଜରେ
ଯେତେ ପ୍ରଳୟର ଝଡ଼।
ତୁମେ ତ ବୁଝିଛ ତୁମେ ତ ଜାଣିଛ
ପ୍ରେମରବନ୍ଧୁର ପଥ
ପ୍ରୀତି ଗୋଲାପକୁ ତୋଳିବାକୁ ହେଲେ
ସହିବା କଣ୍ଟା ଆଘାତ
ଆସ ଆମେ ମିଶି ଆମ ମନଲାଖି
ଗଢ଼ିଦେବା ପ୍ରୀତି ନୀଡ଼।
କେଦାର ଗଉରୀ ସମ ନ ହେଉରେ
ପ୍ରୀତି ପରିଣତି ଆମ
କାଳ କାଳ ପାଇଁ ଦୁନିଆ ତ ଜାଣୁ
ତୁମର ମୋହର ନାମ
ମୁଁ କହୁଥିବି ବୁଝିଯିବ ମୋତେ
ଯଦି ମନ ବହି ପଢ଼ ।

ମନ୍ତମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ;୯୫୮୩୨୦୨୩୫୭

# ଅନାଥ ଆଶ୍ରମ



ଅନସୂୟା ପଣ୍ଡା

ପ୍ରାୟ ଆଠମାସ ପରେ ସୁମିତର ଦେଖାହେଲା ବନ୍ଧୁ ଶ୍ରୀଧର ସହ ସେଇ ଡେଲି ମାର୍କେଟରେ। ଶ୍ରୀଧର ଫିକା ହସଟେ ହସିଦେଇ କହିଲା ଆ ଟିକେ କୋଉଠି ବସିବା। କପେ ଲେଖା ଚାହା ପିଇବା। ଟିକେ ସୁଖ ଦୁଃଖ ହେବା। ସୁମିତ କହିଲା ଚାଲ ଏଇ ପାଖରେ ଗୋଟେ ଛୋଟ ପାର୍କ ଅଛି ସେଇଠି ବସିବା। ଦୁହେଁ ଯାଉ ଯାଉ ତୃତୀୟ ସାଙ୍ଗ ମନୋଜ ମର୍ନିଂ ୱାକ ସାରି ଫେରୁଥିଲା ଦେଖା ହେଲା। ଆରମ୍ଭରୁ ତା'ର ଡେରିରେ ସରେ ସବୁ କାମ। ତିନି ଜଣ ଯାକ ବନ୍ଧୁ ଗଲେ। ବ୍ଲାକ ଟି ମଗାଇ ଗପରେ ବସି ପଡିଲେ।ମନୋଜ କହିଲା ଶ୍ରୀଧର ତୋ ଚୁଟି କ'ଣ ପୁରା ଉପୁଡି ଗଲାଣି ?

ଶ୍ରୀଧର କହିଲା, "ଆରେ ଭାଇ ବୟସ ହେଲା, ପୁଅ ଝିଅ ସବୁ ବାହା ହେଲେ। ଆଉ କିଏ ପଚାରେ ସେ ଚୁଟି କଥା। ଏବେ ସମୟ ଶାନ୍ତିରେ କେମିତି କଟିବ କହ ? ଆରେ ଭାଇ ! ତୁମେମାନେ ତ ଭାଗ୍ୟବାନ ଲୋକ। ଅବସର ପରେ ଭଲରେ ଅଛ। ମୁଁ କିନ୍ତୁ ଘାଣ୍ଟି ହେଉଛି। ପିଲାମାନେ ବିଦେଶରେ। ସେମାନେ ତାଙ୍କ କାମରେ ବ୍ୟସ୍ତ। କିନ୍ତୁ ମିସେସ୍ ସବୁବେଳେ ଚିଡି ଚିଡି। ବୁଝିଲୁ ସୁମିତ ତୋ କଥା ଅନୁସାରେ ମୁଁ ଶାଢୀ ଦୋକାନ ପାଖରେ ଘରଟିଏ ଭଡାନେଲି। ହେଲେ ଏତେ କିଛି ଲାଭ ହେଲାନି। କୋଉ ସ୍ତ୍ରୀ ଲୋକ ସେଠାରୁ କିଣୁ ନଥିଲେ। ଏ ତ ସବୁ ଦିନ ସେ ଶାଢୀ ଦୋକାନକୁ ଗଲା। ଖାଇବା ପିଇବା ସବୁ ଆମର ହୋଟେଲରୁ ମଗା ହେଲା। ଆଜି ତା ବୋଉଙ୍କର, ତ କାଲି ଭଉଣୀର ଶାଢୀ କିଣା ହେବ। କାହାର ବାହା ବ୍ରତ ହେଲେ କହିଲା, ଆସ ଏଇଠୁ ଶାଢୀ କିଣି ନେବ। ସେ ନିଶା ତିନି ଚାରି ମାସ ପରେ ଓହ୍ଲେଇ ଗଲା। ପୁଣି ସେଇ ଚିଡି ଚିଡି। ଖାଇଲେ ନ ଖାଇଲେ ଅନବରତ ଚିଡିଲା। ପରିବା ନ ଆଣିଲେ ଚିଡିଲା। ଆଣିଲେ କହିଲା କ'ଣ ଶସ୍ତା ଭାବିଛ ମତେ ? ମୁଁ କ'ଣ ରୋଷେୟା। ଏଠି ବସିଛି ରୋଷେଇ କରିବାକୁ। କୁଆଡେ ଡାକିଲେ ବୁଲିଯିବାକୁ କହିଲା ମୋର ବୁଲିବା ବୟସ ଆଉ ନାହିଁ। ଯେତେବେଳେ ବୁଲିବା କଥା, ନେଲନି କୁଆଡେ। ଏବେ ଅଣ୍ଟା ଆଣ୍ଠୁରେ ଯନ୍ତ୍ରଣା ଆସିଲେ ସୁଆଁଗ ଦେଖେଇ ହେଉଚ। କାଳେ ଟିକେ ଖୁସି ହେବ ବୋଲି କହେ, ଚାଲ ସୁନା ଦୋକାନ ଯିବା । ତାକୁବି ମୁହଁ ମୋଡା। ସୁନା କ'ଣ ଏ ଚୋର ପିନ୍ଧେଇ ଦେଉଛନ୍ତି ତାକୁ କିଣି ପୁଣି ନେଇ ଲକରରେ ରଖ। ଆଉ କ'ଣ ସେଥିରେ ଆଗ୍ରହ ଅଛି। ଗୋଟେ ବୟସ ଥାଏ ଶାଢୀ ଆଉ ଗହଣାର।ଏ ପରିଣତ ବୟସରେ ଯେତିକି ଅଛି, ସେତିକ ଆମର ଯଥେଷ୍ଟ।"

ସୁମିତ ହସିଲା,"କୋଉଥିରେ ଆଗ୍ରହ ସ୍ତ୍ରୀ ଲୋକଙ୍କର ଜାଣିବା ଜଟିଳ। ଏବେ ମୋ ସ୍ତ୍ରୀ ଗୀତ ଶିଖୁଛି। କୁଆଡେ କୁଆଡେ ଚାଲିଯାଉଛି ଗୀତ ବୋଲିବାକୁ। ମୁଁ ପାଟି ଖୋଲୁନି କି ପଚାରୁନି। ଯେତେ ବେସୁରା ହେଲେ ବି, ଅତି ସୁନ୍ଦର କହି ଦେଇ ଚୁଳି ମାରିଦିଏ। ତାର ଗୋଟେ ଗ୍ରୁପ ତିଆରି କରି ପୁରା ବ୍ୟସ୍ତ ରହୁଛି। ନହେଲେ ଏମିତି କଟର କଟର ହେଉଥିଲା, କହନି ଭାଇ ଜିନା ହାରାମ୍।" ମନୋଜ କହିଲା, "ମୋ ସ୍ତ୍ରୀ ଯୋଗ କ୍ଲାସରେ ମିଶିଛି । ସେଠି ଜନ୍ମଦିନ, ବିବାହ ବାର୍ଷିକୀ, କିଟି ପାର୍ଟି ଆଦି ସବୁ ହେଉଛି । କେବେ କେବେ ଏକାଠି ବୁଲି ବାହାରି ଯାଉଛନ୍ତି କୁଆଡେ। ଆଜି ତ କାହା ଶ୍ୱଶୁର ମରିଯାଇଛନ୍ତି ଯେ, ସେଇଠିକି ଯିବେ ଭୁବନେଶ୍ୱରରୁ ବାଲିକୁଦାକୁ। ମୁଁ ଅବସର ପରେ ଗୋଟେ କଲେଜରେ ଅଛି। ମୁଁ ମୋ କାମରେ ବ୍ୟସ୍ତ। ସମୟ ମିଳିଲେ ତାଙ୍କ ସହ ଯୋଗ ଦିଏ।"

ସବୁ ଶୁଣି ଶ୍ରୀଧର ପୁଣି କହିଲା, "ମୋ ମିସେସର ଲୋକ ଦରକାର, ନହେଲେ ତାକୁ ଖାଁ ଖାଁ ଗୋଡୋଉଛି । ଘର ଭିତରେ ଅଣ ନିଃଶ୍ୱାସୀ ଲାଗୁଛି। ପିଲା ଦରକାର। ସବା ବଡ ଭାଇଙ୍କର ନାତି ନାତୁଣୀ ଦୁଇଟା। ସେଥିରେ ଈର୍ଷା। ତା ପର ଭାଇର ନାତୁଣୀ। ଆଜି କାଲି ଷ୍ଟାଟସ୍,ଫେସ ବୁକ, ଇନଷ୍ଟାଗ୍ରାମ, ସବୁଥିରେ ଫଟୋ ଦେଖି ମୋ ମିସେସ୍ ଅଧା ପାଗଳ। ଏବେ ଖାଲି ଭିଡ ଦରକାର। ଲୋକଙ୍କ ଭିଡ। ଏବେ ଭିଡ ଆସିବ କୋଉଠୁ ? ଯେତେବେଳେ ଘରେ ଭିଡ ଥିଲା ଘର ହରାଭରା ଥିଲା, ଭାଇମାନେ ସ୍ଥିର କରିଥିଲୁ ଏକାଠି ରହିବୁ ଗାଁରେ। କିନ୍ତୁ ମୋରି ସ୍ତ୍ରୀ ଆଗ ଅଗ ମୋଡି କହିଥିଲା, ମୁଁ ଛୋଟ ବେଳୁ ଭୁବନେଶ୍ୱରରେ ବଡ ହେଇଛି। ମୁଁ ଗାଁରେ ରହିପାରିବିନି। ତାଙ୍କ ମାଆ ଆମ ବାପାଙ୍କୁ ଆସି ଧମକ ଦେଲେ ଯଦି ରାଧିକା ଏଇଠି ରହିବ, ତେବେ ମୁଁ ତାକୁ ନେଇଯିବି ମୋ ସାଙ୍ଗରେ। ମୋ ବାପା ଭାରି ସାଦାସିଧା ଓ ସରଳ ମଣିଷ। ଆମ ଗାଁ ୟୁ.ପି ସ୍କୁଲର ଜଣେ ସଚ୍ଚୋଟ ଶିକ୍ଷକ। ସେ କ'ଣ ରାଜି ହେଇଥାନ୍ତେ, ବୋହୂ ଗାଁରେ ରହୁ। ଅଷ୍ଟମଙ୍ଗଳା ବାସୀ ଗାଡିରେ ସବୁ ଜିନିଷ ଲଦି ପଠେଇ ଦେଇଥିଲେ ଭୁବନେଶ୍ୱର। ଏବେ କିନ୍ତୁ ଗହଳି ଦରକାର। ପିଲାମାନେ ତ ଏନ୍ ଆରଆଇ। ମୁଁ ମନାକରୁଥିଲି ଏଇ ଭାରତରେ ରୁହ। କିନ୍ତୁ ମାଆ ବାହାଦୁରି ଦେଖେଇବ ବୋଲି କହିଲା ଯାଆ। ଅନ୍ୟ ଆଗରେ ଦେଖେଇ ହେବା ପାଇଁ ଆମେ କେତେଯେ ଅବହେଳିତ ତଥା କଷ୍ଟ ଭୋଗୁଛେ ତାର ହିସାବ ନାହିଁ। ପରିଣାମ ସ୍ୱରୂପ ସନ୍ତାନମାନେ ବିଦେଶ ଚାକଚକ୍ୟ ଦେଖି ଆଉ ନିଜ ମାଟିକୁ ଫେରିବାକୁ ରାଜି ନୁହନ୍ତି। ପାରିବାରିକ ସ୍ନେହ ପ୍ରେମ ସହିତ ସମାଜର ଆଦର ଅନାଦର କ'ଣ କିଛି ଜାଣିଲେନି।"

ମନୋଜ କହିଲା,"ଭାଉଜଙ୍କୁ ପିଲାଙ୍କ ପାଖରେ ଛାଡି ଦେଉନୁ।"

ଆହତ ଆଖିରେ ଶ୍ରୀଧର ବନ୍ଧୁଙ୍କ ପ୍ରଶ୍ନର ଉତ୍ତର ରଖିଲେ "ଆରେ ପିଲା ଚାହିଁଲେ ତ ! ଆଉ କ'ଣ ମୁଁ ଉପରେ ପଡି କହିବି। ଆସି ମାଆକୁ ନିଅ ତୁମ ପାଖକୁ। କଥା ପ୍ରସଙ୍ଗରେ ବିଭିନ୍ନ ଫନ୍ଦି, ଫିକର, ମତଲବି ଛଳନାର ଆଳ ଦେଖାନ୍ତି ଆଜିକାଲିର ପିଲେ। ସେମାନଙ୍କ ପାଇଁ ସମୟର ଘୋର ଅଭାବ। ତେଣୁ ଯେତେଦିନ ମୁଁ ବଞ୍ଚିକରି ସୁସ୍ଥ ଅଛି, ସେ ମୋ ଦାୟିତ୍ୱ। ତା' ପରେ ଯାହା ହେବ। ଭାବିଛି ଗୋଟେ ଜାଗା ଅଛି ତ୍ରିଶୂଳିଆ ପାଖରେ। ସେଇଠି ନିଜ ଖର୍ଚ୍ଚରେ ଗୋଟେ ଅନାଥ ଆଶ୍ରମ କରି, ତାକୁ ଚଳେଇବାକୁ ସହଧର୍ମିଣୀଙ୍କୁ ବ୍ୟସ୍ତ ରଖିବି। ନହେଲେ ବାକି ଜୀବନ ମୋ ମୁଣ୍ଡ ଖାଇବ। ଶୁଣୁଛି ଆମେରିକା ଟ୍ରମ୍ପ ସରକାର ପ୍ରବାସୀ ଭାରତୀୟଙ୍କୁ ସେଠାରୁ ବହିଷ୍କାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ବିତାଡିତ ପିଲାମାନେ ଯଦି ମୋ ସହାୟତା ଆବଶ୍ୟକ କଲେ ତାଙ୍କୁ ମଧ୍ୟ ସେହି ଆଶ୍ରମରେ ରଖିବି। ସମାଧାନର ସହଜ ସୂତ୍ର।"

ଅଘୋଷିତ ଜୀବନ ଯୁଦ୍ଧରେ ବନ୍ଧୁ ଜଣକ ସତେକି ହାରିଯାଇଛନ୍ତି, କିନ୍ତୁ ସମ୍ପୂର୍ଣ୍ଣ ପରାସ୍ତ ହୋଇନାହାନ୍ତି। କିଏ ବା ଜାଣିବ ଭିତିରି କଥା। ତଥାପି ପ୍ରସଙ୍ଗର ଗତି ଭିନ୍ନ ମୋଡରେ ନେବାକୁ ମନୋଜ ପଚାରିଲା, "କାହିଁକି ! ତୁମ ଗାଁରେ ନେଇ ଛାଡୁନୁ ?"

ଅଧିକ ଗୌରଚନ୍ଦ୍ରିକା ନ କରି ଶ୍ରୀଧର ହସି ହସି କହିଲା, "ସେ ଏଡଜଷ୍ଟ କରିବା ଜନ୍ତୁ ନୁହେଁ । ଅନ୍ୟ ତିନି ଭାଇ ସେଠାରେ ଏକାଠି ଅଛନ୍ତି। ନିଜ ନିଜ ପିଲାମାନଙ୍କ ସହ ଖୁସିରେ ଅଛନ୍ତି। କାହିଁକି ତାଙ୍କ ଖୁସିକୁ ପାଣିଚିଆ କରିବି। ଭଗବାନ କରନ୍ତୁ ସେମାନେ ଆନନ୍ଦରେ ଗାଁରେ ଥାଆନ୍ତୁ। ମୋ ବାପାମାଆଙ୍କ ଭିଟା ମାଟି ସୁରକ୍ଷିତ ରହିଥାଉ। ନିଜର ସ୍ୱାର୍ଥପର ଓ ଅମଣିଷ ପିଲାଙ୍କ ଦ୍ୱାରା ପୈତୃକ ସମ୍ପତ୍ତି ଅବରୋଧ ନ ହେଉ।"

ବୁର୍ଲା, ସମ୍ବଲପୁର
ମୋ-୯୪୩୯୨୧୧୯୭୧

## କବିତା ଗୁଚ୍ଛ

### ଖେଳିବା ହୋଲି



ରତ୍ନକାନ୍ତି ମିଶ୍ର

ଫଗୁଣ ଆସିଛି ବଉଳ ବାସରେ
ରଙ୍ଗରେ ରଙ୍ଗାଇ ଧରା
ଶାଖାରେ ଶାଖାରେ ନବ କିଶଳୟ
ସଜାଇ ଫୁଲ ପସରା ।।

କୋଇଲି କୁହୁ ର ମଧୁର ଆଳାପ
ପଳାଶ ଫୁଲର ଝରା
ଜୁଇ ଜାଇ ମଲ୍ଲୀ ରଜନୀଗନ୍ଧାରେ
ବସୁନ୍ଧରା ଆତ୍ମହରା ।।

ବନ ଉପବନ ସୁଷମା ମଣ୍ଡିତ
ହସଇ ମଧୁ ମାଳତୀ
ଡାଳେ ଡାଳେ ଖେଳେ ହଳଦୀ ବସନ୍ତ
ବହଇ ଚୋରା ଚଇତି ।।

ସରି ସରି ଆସେ ଶୀତର ପ୍ରଭାବ
ଦୃଶ୍ୟ ବସନ୍ତର ଶୋଭା
ଦୋଳ ପୂର୍ଣ୍ଣମୀରେ ରାଧାକୃଷ୍ଣ ରାସ
ସତେ କେଡ଼େ ମନଲୋଭା ।।

ସଜାଇ ବିମାନ ଦୋଳ ଯାତରାରେ
ପୁରପଲ୍ଲୀ ଉଠେ ହସି
ଚଣା ଆମ୍ବକଷି ସାକର ମହୁର
ପ୍ରସାଦ ଦେବେ ପରଷି ।।

ଦୋଳ ମେଳଣରେ ମନ ଆନନ୍ଦରେ
ଖେଳିବେ ସଭିଏଁ ହୋଲି
ହାତେ ପିଚକାରୀ ସଭିଙ୍କ ହାତରେ
ଅବିର ଭଳିକି ଭଳି ।।

ସ୍ନେହ ଅନୁରାଗ ସୁଧାମୃତ ପିଇ
ରାଗ ରୋଷ ଯିବା ଭୁଲି
ପ୍ରୀତି ରସେ ଧୋଇ ମାନ ଅଭିମାନ
ଖେଳିବା ଆସରେ ହୋଲି ।।

ଆଳି, କେନ୍ଦ୍ରାପଡା
ମୋ- ୮୨୪୯୭୯୯୯୬୧

## ଦୋଳ ଭୋଗଖିଆ



ରାମଚନ୍ଦ୍ର ବେହେରା

ଶୁକ୍ଳ ଫଗୁଣର ପୁଣ୍ୟ ଦଶମୀରୁ
ଦୋଳ ବିମାନରେ ବସି
ଗ୍ରାମ ଗ୍ରାମ ବୁଲି ଭକ୍ତଙ୍କୁ ଭେଟନ୍ତି
କଳା କାହ୍ନୁ ହସି ହସି।

ବିମାନରେ ବସି ଲୁଚି ଲୁଚି ପ୍ରଭୁ
ଖାଆନ୍ତି ସୁସ୍ୱାଦୁ ଭୋଗ
ପବିତ୍ର ଦାଣ୍ଡରେ ଗ୍ରାମବାସୀ ମେଳେ
ଖେଳନ୍ତି ଅବିର ରଂଗ।

ଘଣ୍ଟ ଘଣ୍ଟି ଶଂଖ ଉଛୁଳି ପଡଇ
ଶୁଭେ ହୁଳହୁଳି ଧ୍ୱନି
ନାମ ସଂକୀର୍ତ୍ତନ ସହିତ ବାଜଇ
ମୃଦଂଗ କାହାଳୀ ଗିନି।

ଫଗୁ ଅବିରରେ ଲେପିହୋଇ ପ୍ରଭୁ
କରନ୍ତି ଜନେ କଲ୍ୟାଣ
ଯୁଗଳ ମୂର୍ତ୍ତିର ରଂଗ ବେଶଭୂଷା
କିଣିନିଏ ଜନମନ।

ପୀତ ବସନକୁ ମୁକୁତାର ହାର
ମସ୍ତକେ ମୟୂର ଚୂଳ
ବାଂକ ଚାହାଣୀ ତା' ଦିଏ ଭକ୍ତିଭାବ
ପ୍ରାଣକୁ କରେ ଶୀତଳ।

ମୋହନ ମୂରଲୀ ହସ୍ତେ ଶୋଭାପାଏ
ଶ୍ରୀଅଂଗେ କୁସୁମ ହାର
ପୁନେଇଁ ସଂଜରେ ଦୋଳ ମଣ୍ଡପରେ
ଝୁଲନ୍ତି ମୂରଲୀଧର।

ଦୋଳ ଭୋଗଖିଆ ରୂପ ଦର୍ଶନରେ
ମିଳିଥାଏ କୋଟି ପୁଣ୍ୟ
ଧନ୍ୟ ମହାପ୍ରଭୁ ଧନ୍ୟ ତୁମ ଲୀଳା
କର ମୋ କାମନା ପୂର୍ଣ୍ଣ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆସିଛି ଫଗୁ ଦଶମୀ

ନଳିନୀ ଦାଶ

ଫଗୁଣ ଆସିଛି ଧରଣୀ ହସୁଛି
ଫଗୁର ଫୁଆରା ବୁଣି
ସଜାଇ ଦେଇଛି ନାନା ରୂପ ରଙ୍ଗେ
ଖୋଲିଛି ଶୋଭା ବିପଣି ।
ଶ୍ରୀରାଧା ମାଧବ ପୂଜା ପାଇଥାନ୍ତି
ଫଗୁଣରେ ଫଗୁ ଖେଳ
ଗାଆଁଠୁ ସହର ଉତ୍ସବ ମୁଖର
ଶୁଭିଲାଣି ଘଣ୍ଟ ଖୋଳ ।
ବାଜି ଉଠିଲାଣି ଶଙ୍ଖ ଭେରି ତୂରୀ
ଘଣ୍ଟ ଘଣ୍ଟି ଗିନି ବାଜା
ରାଧା କୃଷ୍ଣ ଙ୍କର ପରବେ ହେଲାଣି
ଦୋଳ ବିମାନଟି ସଜା ।
ପ୍ରତିଟି ଦୁଆରେ ମୁରୁଜ ପକାଇ
ପୂର୍ଣ୍ଣକୁମ୍ଭ ଟିଏ ବସେ
ଦୀପ ଜାଳି ଦେଇ ଭୋଗ ବାଢିଥାନ୍ତି
ସଭିଏଁ ମନ ହରଷେ ।
ମଳୟ ବହୁଛି ଫୁଲ ବାସୁଅଛି
ଫଗୁରଙ୍ଗ ହାତେ ଧରି
ରାଧା କୃଷ୍ଣଙ୍କର ଫଗୁ ଖେଳ ଦିଏ
ମନରେ ଆନନ୍ଦ ଭରି ।
ମହୁଲ ବଣରୁ ମହ ମହ ବାସ
ଚଉଦିଗ ଛୁଟିଲାଣି
ବଉଳ ବାସରେ ମୃଦୁ ମଳୟରେ
ଫଗୁ ଖେଳ ହୋଇଲାଣି ।
ଗୋପପୁରେ ରାଧା କୃଷ୍ଣ ଖେଳୁଥିଲେ
ଗାଆଁ ଦାଣ୍ଡେ ଧୂଳି ଖେଳ
ଗୋପ ଗୋପାଳୁଣୀ ରାଧା ସାଥେ ମିଶି
ଖେଳୁଥିଲେ ଫଗୁ ଖେଳ ।
ଚାଚେରୀ ଭୋଗତ ଲାଗି ହୋଇଥାଏ
ପ୍ରତିଟି ଦେବାଳୟରେ
ସ୍ନେହ ପ୍ରେମ ବାର୍ତ୍ତା ଦେଇ ପାଇଥାନ୍ତି
ପୂଜା ଫଗୁ ଦଶମୀରେ ।

ନଳିନୀ ଦାଶ, ଭିକାରିପଡା, ଶରଣକୁଳ,
ନୟାଗଡ଼ ।
ଦୂରଭାଷ------୯୨୩୮୯୯୬୬୪୯

## ଫଗୁଣ ଆସିଛି

ରମାକାନ୍ତ ଦାସ

ଫଗୁଣ ଆସିଛି ନାନା ପୁଷ୍ପରଙ୍ଗେ
ପ୍ରେମର ମହକ ନେଇ
ଅଧାଫୁଟା ଫୁଲ ମୁରୁକି ହସୁଛି
ଫଗୁଣର ସ୍ପର୍ଶ ପାଇ ।।

ଫଗୁଣ ଫଗୁରେ ରଙ୍ଗମୟ ଦିଶେ
ସୁନ୍ଦରୀ ଧରଣୀ ରାଣୀ
ନାଲି ଟହ ଟହ ଦିଶେ ପଳାଶ ଗଛଟି
କୋଇଲି ଗାଏ ମଧୁର ରାଗିଣୀ ।।

ଚଉଦିଗେ ବହେ ମଳୟ ପବନ
ଭାସିଆସେ ଆମ୍ବ ବଉଳର ବାସ
ପେନ୍ଥା ପେନ୍ଥା ଫୁଟେ ମଧୁମାଳତୀ
ପାଇ ଋତୁ ରାଜାଙ୍କର ସ୍ପର୍ଶ ।।

ନିମ୍ବଗଛ ଡାଳେ ପେନ୍ଥା ପେନ୍ଥା ଫୁଲ
ଆମ୍ବଗଛ ଡାଳେ ଆମ୍ବ ବଉଳ
ଚଉଦିଗେ ନବ ପୁଷ୍ପର ମହକ
ପବନରେ ଢଳ ଢଳ ହୁଏ କମଳ ।।

କୃଷ୍ଣଚୂଡା ଦେହେ ନାଲି ରଙ୍ଗର ଅବିର
ଦୂର ଦିଗବଳୟରୁ ଦିଶେ ସୁନ୍ଦର
ନାନାଜାତି ଫୁଲେ ସଜେଇ ହୋଇଛି ଧରଣୀ
ଫଗୁଣ ଆଣିଛି ଖୁସିର ଖବର ।।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଅବଳା ନୁହଁନ୍ତି ମହିଳା



ସୁହଂସ ଭୋଇ

ମାଆଟିଏ ହୋଇ ଲୁହ ପିଇଯାଇ
ବାଣ୍ଟଇ ଅମୂଲ୍ୟ ମମତା
ଦୁନିଆ ଯାକର ଯନ୍ତ୍ରଣା ସହିବା
ଶକତି ଦେଇଛି ବିଧାତା ।

ସଖୀ ସାଜି ହାତ ଧରି ଚାଲେ ବାଟ
ଖରା ହେଉ ଅବା ବରଷା
ସ୍ନେହର ପରଶ ପରସି ଦିଅଇ
ପରକୁ କରି ସେ ଭରସା ।

ଭାବର ବନ୍ଧନେ ବାନ୍ଧିଦିଏ ରାକ୍ଷୀ
ଭଉଣୀ ରୂପରେ ସହସା
ଭାଇ ପାଇଁ ଓଷାବ୍ରତ କରେ କେତେ
ମନାସେ ନ ରହୁ ନିରାଶା ।

ଘର ବଗିଚାରେ ଫୁଲଗଛଟିରେ
ଝିଅଟି ସତେଜ କଳିକା
ହସି ଖେଳି ଗୀତଗାଇ ବହିଯାଏ
ପାହାଡ଼ି ଝରଣା ପରିକା ।

କେବେସେ ରେବତୀ ଅହଲ୍ୟା ସାବିତ୍ରୀ
ସଭିଏଁ ଅଟନ୍ତି ସମର୍ଥା
ଜାନକୀ ପାଞ୍ଚାଳୀ ପରି ବୋହି ନିଏ
ନିନ୍ଦା ଅପବାଦ ଅଯଥା ।

ଚୁଲି ମୁଣ୍ଡ ଛାଡି ଗୋଡ କାଢିଲେଣି
ପୁରୁଣା ଯେତକ ସରିଲା
କାହାଣୀ ଅନେକ ନାୟିକା ତ ଏକ
ଅବଳା ନୁହଁନ୍ତି ମହିଳା ।

ପହଣ୍ଡି,ବିଜେପୁର,ବରଗଡ଼
ମୋ-୯୪୩୭୫୨୨୪୫୫

## ହସିଦେଲେ ଜହ୍ନ ଝୁରେ ଏଇ ମନ

ପ୍ରଶାନ୍ତ କୁମାର ଦାଶ

ଆମ୍ବ ବଉଳର ମହକ ଛୁଟିଲେ
ତମ ଓଠେ ଛୁଟେ ହସ
ସେଇ ହସ ଆଉ ଚାହାଣୀ ଛଟକ
ମତେ କରିଦିଏ ବଶ ।।

ବସନ୍ତ ଆସିଲେ ଛନ୍ଦମୟ ଗୀତ
ଗାଇଯାଅ ତମେ ହସି
ତୁମକୁ ଝୁରେ ମୁଁ ନିରବ ଉଦାସେ
ନଈପଠା ଧାରେ ବସି ।।

ହସୁଥିଲେ ତମେ ମତେଲାଗେ ସତେ
ହସୁଛି ପୁନେଇଁଜହ୍ନ
ଜହ୍ନ ମଉଳିଲେ ନିରାଶ ହୁଅଇ
ମୋର ଏ ଅବୁଝା ମନ ।।

ମୋ ହସ ନଈର ମଧୁ ପ୍ରବାହରେ
ତୁମେ ଯେ ଉଚ୍ଛୁଳା ଢେଉ
ପ୍ରୀତି ଫଲଗୁ ସ୍ରୋତ ଅବାରିତ ଧାରା
ଝରିଯାଏ ହସମହୁ ।।

ଅଳପ ଆଳାପ ଲାଗେ ସୁମଧୁର
ମରମେ ସରାଗ ଭରେ
ତୁମପାଇଁ ପ୍ରିୟା ମମତାର ମାୟା
ଜୀବନର ଦୁଃଖସରେ ।।

ଫଗୁଣ ସଞ୍ଚର ମିଳନ କୁଞ୍ଜର
ପ୍ରେମର ଜାହ୍ନବୀ ତଟ
ଅଳସୀ ରାତିର ତମସା ହଟାଇ
କୁସୁମ ସମାନ ଫୁଟ ।

କୁଞ୍ଜର ସଙ୍ଗଳାଇ, ପିପିଲି,ପୁରୀ
ମୋ -୯୬୬୮୮୨୨୧୯୦



## ଭାବୁଛ କି ଯିବ ବର୍ତ୍ତି ?

ଭାସ୍କର ବାରିକ୍

କ୍ରୁରତା ଆଚରି ମାନବତା ମାରି
ଦେଖାଉଛ ବାହାଦୂରୀ
ତଣ୍ଟି କାଟିଦେଇ ଗୁଳି କରି ପୁଣି
ଚାଲିଅଛ ପାପ କରି ।

ମଣିଷ ବୋମାରେ ମଣିଷକୁ ମାରି
ଖେଳୁଛ ରକତେ ହୋଲି
କେଉଁ ଯଶଖ୍ୟାତି ଅର୍ଜୁଛ କହିଲ
ଦୟା ଧର୍ମ ସବୁ ଭୁଲି ?

କେତେ ଜନମର ତପସ୍ୟା ବଳରେ
ଲଭି ମଣିଷ ଜନମ
ସନ୍ତ୍ରାସବାଦକୁ ଆପଣେଇ ନେଇ
କାହିଁ କର ଅପକର୍ମ ?

କହିବକି ଥରେ କେଉଁ ଧର୍ମରେ
ଲେଖାଅଛି ବର୍ବରତା
ହତ୍ୟା ହଣାକଟା ପଶୁର ପ୍ରବୃତ୍ତି
ଘୃଣାର ମାନସିକତା ?

ନିରୀହ ଶିଶୁଙ୍କୁ ଅବାଟରେ ନେଇ
ମୁଣ୍ଡ ତାଙ୍କ ଚାଟୁଅଛ
ଶିକ୍ଷା ନାମରେ କୁଶିକ୍ଷିତ କରି
ଅଧର୍ମ ପଥେ ନେଉଛ ।

ଅଧର୍ମ ଅଫିମ ମତୁଆଲା କରେ
ମଣିଷ ପଣିଆ ମାରେ
ବିବେକ ହୃଦୟ ବନ୍ଦୀ କରିଦେଇ
ଜୀବନକୁ ମାଟିକରେ ।

ଭାଇଚାରା ଭୁଲି ଭାତୃତ୍ୱ ମାରିଲେ
ଅପଯଶ ଅପକୀର୍ତ୍ତି
ସର୍ବଦ୍ରଷ୍ଟା ପରା ସବୁ ଦେଖୁଛନ୍ତି
ଭାବୁଛ କି ଯିବ ବର୍ତ୍ତି ?

ବାସୁଦେବପୁର, ଭଦ୍ରକ
ମୋ- ୯୪୩୭୩୨୦୩୫୦

## ଚଢେଇ

ରାଧାରାଣୀ ପଟ୍ଟନାୟକ

ସକାଳୁ ସକାଳୁ ଉଠି ମୁଁ ଦେଖିଲି
ଗଛରେ ଚଢେଇ ହଳେ
ଖାଲି ରଡୁଛନ୍ତି କଳି କରୁଛନ୍ତି
ଖାଦ୍ୟ ମିଳିଯିବ କାଳେ ।।

କିଚିରି ମିଚିରି କିଚିରିମିଚିରି
ଶବ୍ଦ ରେ ଉଠି ଗଲି
ଭାବିଲି ଫିଙ୍ଗିବି ପଥର ଖଣ୍ଡିଏ
କିନ୍ତୁ ମୁଁ ନ ପାରିଲି

ଆହା କି ସୁନ୍ଦର ରୂପ ଟି ତାହାର
ଭଦଭଦଳିଆ ବଣି
ହାତରେ ଧରିଲି ଚାଉଳ ମୁଠାଏ
ଚାରିଆଡେ ଦେଲି ବୁଣି
ସରଳ ସୁନ୍ଦର ଜୀବନ ତାଙ୍କର
ବଡ ଲୋଭନୀୟ କାନ୍ତି
ଏମିତି ଜୀବନ ଯଦି ମୁଁ ପାଆନ୍ତି
ଲିଭି ଯାନ୍ତା ମୋର ଭ୍ରାନ୍ତି ।।

ଆଜିର ଦୁନିଆ ଓଲଟା ହେଲାଣି
ଶାନ୍ତି ମିଳୁ ନାହିଁ ଖୋଜି
ପାଇ ଥାନ୍ତି ଯଦି ସେମିତି ଜୀବନ
ଖୁସିରେ ଯାଆନ୍ତି ହଜି।।

ବରଗଡ, ଚନ୍ଦନ ନଗର
ମୋ- ୮୯୧୭୨୩୭୧୩୭

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ କିଶୋରୀ ବାଳିକାମାନଙ୍କ ରକ୍ତହୀନତା ଦୂରିକରଣ ଓ ସ୍ୱାସ୍ଥ୍ୟ ସଚେତନତା ଲକ୍ଷରେ 'କନ୍ୟା ଏକ୍ସପ୍ରେସ୍' ନାମରେ ଏକ ଜନସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଯାନକୁ ଲୋକାର୍ପିତ କରାଯାଇଛି। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ଅତିଥି ଭାବେ ଯୋଗଦେଇ କନ୍ୟା ଏକ୍ସପ୍ରେସ ଯାନକୁ ଲୋକାର୍ପିତ କରିଥିଲେ। ଇମ୍ଫାର ଉପସଭାପତି ବିନୟ କୁମାର ଅଗ୍ରୱାଲା, ବିଆଇପିଏଫର ଉପ ସଭାପତି ଧର୍ମଶ ଗୋହେଲ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍ ବ୍ଲକ୍ ପ୍ରବନ୍ଧକ ଚିତ୍ତରଞ୍ଜନ ଦାସ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଭ୍ରମଣକାରୀ କନ୍ୟା ଏକ୍ସପ୍ରେସ୍ ଯାନ ଉଭୟ ସହରାଞ୍ଚଳ ଓ ଦୂରଦୂରାନ୍ତର ଗ୍ରାମାଞ୍ଚଳକୁ ଯାଇ କିଶୋରୀ ବାଳିକାମାନଙ୍କ ରକ୍ତର ହିମୋଗ୍ଲୋବିନ୍ ପରୀକ୍ଷା, ଫୋଲିକ ଏସିଡ୍ ସପ୍ଲିମେଣ୍ଟ ବଣ୍ଟନ, ପୌଷ୍ଟିକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟ କରିବ ବୋଲି ବିଆଇପିଏଫ କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି। ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଜିତ ମିଶ୍ର, ଲଲାଟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ନିଳେନ୍ଦୁ ଚାଟାର୍ଜୀ ଓ ସ୍ଥିତପ୍ରଜ୍ଞ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଦ୍ୟୁତ ଆଘାତରେ ମୃତ ଚାଷୀଙ୍କ ପରିବାରକୁ ସହାୟତା



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ବେଗୁନିଆ ମୂଳ ଗ୍ରାମର ଯୁବ ଚାଷୀ ଦିଲ୍ଲୀପ କୁମାର ମାର୍ଥା(୩୬) ଙ୍କ ବିଦ୍ୟୁତ୍ ଆଘାତ ଜନିତ କାରଣରୁ ସୋମବାର ମୃତ୍ୟୁ ଘଟିଥିଲା। ଜମିରୁ ଆଦାୟ ମୁଗକୁ ପଙ୍ଖା ମାଧ୍ୟମରେ ଉଡ଼ାଇ ଅମଳ କରିବା ପ୍ରକ୍ରିୟା ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ବେଳେ ପରିବାର ଲୋକ ଓ ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ନିର୍ଦ୍ଦେଶକ ତଥା ଚାଷୀନେତା ପ୍ରକାଶ କୁମାର ରାଉତରାୟ ଶୁକ୍ରବାର ମୃତ ଚାଷୀଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି। କିଛି ଦିନ ପାଇଁ ରାସନ୍ ସାମଗ୍ରୀ ପ୍ରଦାନ କରିବା ସହ ମୃତ ଚାଷୀଙ୍କ ପତ୍ନୀ ଅଶାନ୍ତି ମାର୍ଥା, ୧୨ ବର୍ଷର ଝିଅ, ୯ ବର୍ଷର ପୁଅ ଓ ବିଧବା ମାଆଙ୍କ ଗୁଜୁରାଣ ମେଣ୍ଟାଇବା ପାଇଁ ବ୍ୟବସାୟ କରିବାକୁ ସମବାୟ ବିଭାଗ ପକ୍ଷରୁ ଏକ ଯୋଜନା ମାଧ୍ୟମରେ ଋଣ ସହାୟତା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏଥିନେଇ ସେ ନିକଟସ୍ଥ ଅସରଳା ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକଙ୍କୁ ଯୋଗାଯୋଗ କରି ଋଣପ୍ରାପ୍ତି ପାଇଁ ଆବଶ୍ୟକୀୟ କାଗଜାତ ପ୍ରକ୍ରିୟା କରଣରେ ସହଯୋଗ ପାଇଁ କହିଛନ୍ତି।

## ମାଓ ଶହୀଦ ସ୍ମାରକ ଧ୍ୱସ୍ତ କଲେ ସୁରକ୍ଷାକର୍ମୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଓ ସଂଗଠନର ଏକ ବିଶାଳକାୟ ଶହୀଦ ସ୍ମାରକକୁ ଧ୍ୱସ୍ତ କରିଛନ୍ତି ସୁରକ୍ଷାକର୍ମୀ। ସୂଚନା ଅନୁଯାଇ ଛତିଶଗଡର ବିଜାପୁର ଜିଲ୍ଲାର ପୂଜାରୀ କାଂକେରର ମାଓ ପ୍ରଭାବିତ ଅଞ୍ଚଳ ମାନଦରେ ତଲାସୀ ଅଭିଯାନ ସମୟର ଏକ ବିଶାଳକାୟ ମାଓ ଶହିଦ ସ୍ମାରକକୁ ଜେସିବି ଲଗେଇ ସମ୍ପୂର୍ଣ ରୂପେ ଧ୍ୱସ୍ତ କରିଛନ୍ତି ସୁରକ୍ଷାକର୍ମୀ। ଦୀର୍ଘଦିନ ହେବ ମାଓବାଦୀ ମାନେ ଏହି ଶହିଦ ସ୍ମାରକ ଠାରେ ଏକତ୍ରିତ ହୋଇ ପ୍ରଜାମେଳି କରୁଥିଲେ। ବର୍ତ୍ତମାନ ସୁରକ୍ଷାକର୍ମୀ ଦ୍ୱାରା ଏହି ମାଓ ଶହିଦ ସ୍ମାରକକୁ ଧ୍ୱସ୍ତ କରିବା ପରେ ଅଞ୍ଚଳର ମାଓ ଗତିବିଧି ଏବଂ ମାଓ ଭୟ ଧୀରେ ଧୀରେ ହ୍ରାସ ପାଇବ ବୋଲି ପୁଲିସ ଠାରୁ ସୂଚନା ମିଳିଛି।

# କୁଟୁରା ମାରିବା ଅଭିଯୋଗରେ ୩ ଗିରଫ



କେନ୍ଦୁଝର, (ଭାସ୍କର ନ୍ୟୁଜ): ବଡ଼ବିଲ ରେଞ୍ଜ ସିଦ୍ଧମଠ ଜଙ୍ଗଲରେ କୁଟୁରା ମାରିବା ଅଭିଯୋଗରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୫ ତାରିଖ ଭୋର ସମୟରେ ସିଦ୍ଧମଠ ଜଙ୍ଗଲରେ ଏକ କୁଟୁରାକୁ ମାରି ଏହାର ମାଂସ କାଟିବା ସହ ଏହାକୁ ରାନ୍ଧି ଖାଇବା ପାଇଁ ପ୍ରସ୍ତୁତ କରୁଥିବା ବେଳେ ବନବିଭାଗ ଅତର୍କିତ ଚଡାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ କଟାମାଂସ ଜବତ୍ କରିଥିଲା। ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ମଙ୍ଗଲ ମୁଣ୍ଡା ଏବଂ ଅନ୍ୟ ୨ଜଣ ସହଯୋଗୀ ଫାସ ପକାଇ କୁଟୁରା ମାରିଥିବା ବନବିଭାଗ ନିକଟରେ ସ୍ୱୀକାର କରିଛି। ସେମାନଙ୍କୁ ପଚରାଉଚୁରା ବେଳେ ଜଙ୍ଗଲ ଭିତରେ ମାରିଥିବା ସ୍ଥାନରୁ ରକ୍ତ ଭିଜା ମାଟି, କୁଟୁରା ଛାଲ, ଟାଙ୍ଗିଆ ଏବଂ ୨ଟି ଛୁରୀ ଜବତ୍ କରିଛନ୍ତି। ଗିରଫ ମଙ୍ଗଲ ମୁଣ୍ଡା(୫୦) ର ଘର ରୁଗୁଡି ଥାନା ଅନ୍ତର୍ଗତ କୋହ୍ଲରଡକଳା ଗ୍ରାମରେ ବୋଲି ଜଣାପଡିଛି। ଏହି ଘଟଣାରେ କୋହ୍ଲରଡକଳା ଗ୍ରାମର ସିଂଦୁ ମୁଣ୍ଡା(୨୩), ରେନଜନ ମୁଣ୍ଡା(୫୦)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଅପରାଧିମାନେ ପୂର୍ବରୁ ଅନେକ ଥର ଜଙ୍ଗଲରେ ପ୍ରବେଶ କରି ବନ୍ୟପ୍ରାଣୀ ଶୀକାର କରିଥିବା ସ୍ୱୀକାର କରିଛନ୍ତି। ଓଆର କେସ ନମ୍ବର ୧୨/ବିଏଲ ଅଫ୍ ୨୦୨୪-୨୫ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୩୯ ଏବଂ ୪୪ରେ ସେମାନଙ୍କୁ ଗିରଫ କରାଯାଇଛି। ବଡବିଲ ରେଞ୍ଜ ଗୁଆଲି ସେକ୍ସନ ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ରୁଗୁଡି ବିଟ୍ ଫରେଷ୍ଟଗାର୍ଡ ଜ୍ୟୋତି ରଞ୍ଜନ ସା ଓ ଅନ୍ୟ ସ୍କ୍ୱାର୍ଡ କର୍ମଚାରୀ ଚଡାଉ ସମୟରେ ସାମିଲ ଥିଲେ। ବଡ଼ବିଲ ଜେଏମ୍ଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ମା'କୁ ପିଟି ମାରିଲା ପୁଅ

ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ଗୁହାଳଡିହା ପଞ୍ଚାୟତ ଅଧିନ ଚିଆଁପଦା ଗାଁ'ରେ ଘଟିଛି ବିଭତ୍ସ ହତ୍ୟାକାଣ୍ଡ। ଜନ୍ମକଲା ମାକୁ ଏକ ଶାଳ ବଲାରେ ପିଟି ହତ୍ୟା କରିଛି ମାନସିକ ବିକାର ଗ୍ରସ୍ତ ପୁଅ। ସୂଚନା ମୁତାବକ ୫୫ବର୍ଷୀୟା ଜବା କିସ୍କୁ ଝାଡୁ ବାନ୍ଧିବା ପାଇଁ ବିଭିନ୍ନସ୍ଥାନରୁ କିଛି ଖାଡାଙ୍ଗ ସଂଗ୍ରହ କରି ଶୁଖାଇଥିଲେ। ଉକ୍ତ ଖାଡାଙ୍ଗକୁ ୨୭ ବର୍ଷୀୟ ପୁଅ କାହ୍ନୁ କିସ୍କୁ ଏଣେ ତେଣେ ଫିଙ୍ଗିଦେବାରୁ ମା' ଜବା ତାକୁ ବିରକ୍ତ ହୋଇଥିଲେ। ଏତିକି କଥାରେ ପୁଅ ରାଗିଯାଇ ଏକ ଶାଳ ବଲା ସାହାଯ୍ୟରେ ପଛପଟୁ ମା'ର ମୁଣ୍ଡକୁ ପିଟିଥିଲା। ପୁଅର ମାଡରେ ମା'ମୁଣ୍ଡରୁ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା ଓ ମା'ର ଜୀବନ ଚାଲିଯାଇଥିଲା। ଖବର ପାଇ ଶୁଳିଆପଦା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଘଟଣା ସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ବଲାକୁ ଜବତ୍ କରିବା ସହିତ ଆସାମୀକୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ରାତିସାରା ଶବକୁ ପୋଲିସ ଜଗି ରହିଥିବା ବେଳେ ଆଜି ସକାଳୁ ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଶୁଳିଆପଦା ଏସଆଇ ରୂପଶ୍ରୀ ସ୍ୱାଇଁଙ୍କୁ ତଦନ୍ତ ଭାର ଦିଆଯାଇଛି। ଏନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ ହୋଇ ଆସାମୀକୁ କୋର୍ଟଚାଲାଣ କରାଯାଇଛି। ସୂଚନା ଥାଉକି ମାତୃହନ୍ତା କାହ୍ନୁ ଗତ ୨୦୨୨ ମସିହାରେ ନିଶା କରିବା ପାଇଁ ପଇସା ନଦେବାରୁ ବାପା ଚାନ୍ଦ୍ରୟ କିସ୍କୁକୁ ମଧ୍ୟ ଠେଙ୍ଗାରେ ପିଟି ହତ୍ୟା କରିଥିଲା।

# ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ସନତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଚକ୍ରବର୍ତ୍ତୀ ଯୋଗଦେଇ ଛାତ୍ରଛାତ୍ରୀମାନେ ଉପଯୁକ୍ତ ମାର୍ଗ ଚୟନ କରିପାରିଲେ ସେମାନେ ଭବିଷ୍ୟତ ଗଢ଼ି ପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉଦ୍ଧବ ଚରଣ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟ ସୂଚରିତା ମହାନ୍ତି, କାଁପଡ଼ା ବାସୁଳୀ କମିଟି ସଭାପତି ପଦ୍ମଲୋଚନ ମଲିକ, ସିଆରସିସି ଶନିଶ୍ଚର ମହାଳିକ, ଜିଲ୍ଲା ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ପରିଚାଳନା କମିଟି ପୂର୍ବତନ ସଭାପତି ରମାକାନ୍ତ ମଲିକ ପ୍ରମୁଖ ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ବିଦ୍ୟାଳୟର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ସହକାରୀ ଶିକ୍ଷକ ଡ. କଳୀପଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ନୃତ୍ୟ ସହ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ସ୍କୁଲର ଶଶିକାନ୍ତ ପଣ୍ଡା, କ୍ଷୀରାବ୍ଧ ମାଝୀ, ଅଜିତ୍ ପରମାଣିକ, ସସ୍ମିତା ସାହୁ, ବସନ୍ତ କୁମାର ଗାଗରାଇ, ଦେବୀଦ□ ଦାସ, ତୃପ୍ତିମୟୀ ବେହେରା, ମନୋରଞ୍ଜନ ମହାନ୍ତ, ଶାନ୍ତିଲତା ସାମଲ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୫ ପଞ୍ଚାୟତକୁ ଟିବି ମୁକ୍ତ ଜାତୀୟ ପ୍ରମାଣପତ୍ର

ଛତ୍ରପୁର, (ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଅଧିନ ୫ଟି ପଞ୍ଚାୟତକୁ ଟିବି ମୁକ୍ତ ଜାତୀୟ ପ୍ରମାଣପତ୍ର ମିଳିଛି। ସେଗୁଡିକ ମଧ୍ୟରେ କାଳିପଲ୍ଲୀ, କଣମଣା, ପୋଡାପଦର, ଶ୍ରୀରାମଚନ୍ଦ୍ରପୁର ଓ ଆର୍ଯ୍ୟପଲୀ ପଞ୍ଚାୟତ ରହିଛି। ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସରେ ଉକ୍ତ ପଞ୍ଚାୟତଗୁଡିକୁ ତାମ୍ର ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଜିଲ୍ଲାପାଳ ପ୍ରଦାନ କରିବେ। ଏନେଇ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧିନ ରଥ ସୂଚନା ଦେଇଛନ୍ତି। ଏଥିସହ ଛତ୍ରପୁର ବ୍ଲକର ୪ ଟି ଆୟୁଷ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ କ୍ୱାଲିଟି ଆସୁରାନ୍ସ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥିମଧ୍ୟରେ କାଳିପଲ୍ଲୀ, ବଡମାଧପୁର, ଗୋବିନ୍ଦପୁର ଓ ବିପୁଳିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରେରିତ କଳାହାଣ୍ଡିର ସ୍ୱାସ୍ଥ୍ୟ ଟିମ୍ ଏଠାକୁ ଆସି ୨ଦିନ ଧରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ପରିଦର୍ଶନ କରି ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପଠାଇଥିଲେ।

## ଗାଁ ପୋଖରୀରେ କୁମ୍ଭୀର, ଆତଙ୍କରେ ଗ୍ରାମବାସୀ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ମାରିଓ୍ୱାଡା ଗ୍ରାମ ପଞ୍ଚାୟତ ଅଧୀନ ଏମଭି-୨୬ ଗ୍ରାମ ପୋଖରୀରେ ଦୁଇଦିନ ପୂର୍ବେ ଏକ କୁମ୍ଭୀର ଗ୍ରାମବାସୀ ଦେଖିବାକୁ ପାଇଥିଲେ। କୁମ୍ଭୀର ଦେଖି ଗ୍ରାମବାସୀ ତୁରନ୍ତ ବନ ବିଭାଗକୁ ସୂଚନା ଦେଇଥିଲେ। ଖରବ ପାଇ ବନବିଭାଗର କର୍ମଚାରୀ ଆସି ପୋଖରୀ ନିକଟରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସନ୍ଧ୍ୟା ହୋଇଯିବା କାରଣରୁ ଉଧାର କାର୍ଯ୍ୟ ଜାରି ରଖିବା ସହିତ ଗ୍ରାମବାସୀଙ୍କୁ ସଜାଗ ରହିବା ନିମନ୍ତେ ପରାମର୍ଶ ଦେବା ସହିତ ପରଦିନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ପରଦିନ ବନଖଣ୍ଡ ଅଧିକାରୀ ରମେଶ ରାଉତ, ବନପାଳ ଜ୍ୟୋତି ଡୁମ, ବନରକ୍ଷୀ ବାସନ୍ତୀ ମଡକାମୀଙ୍କ ସମେତ ବିଭିନ୍ନ ବନ କର୍ମଚାରୀ ଉକ୍ତ ପୋଖରୀ ନିକଟକୁ ଯାଇ ଆନୁଧ୍ୟାନ କରିଥିଲେ। କିନ୍ତୁ ପୋଖରିଟି ବହୁତ ବଡ ହୋଇଥିବା ସହିତ ପାଣି ଅଧିକ ଥିବାରୁ କୁମ୍ଭୀରକୁ ପୋଖରିରୁ ଉଦ୍ଧାର କରିବା କଷ୍ଟ ସାଧ୍ୟ ବୋଲି ବନ ଖଣ୍ଡ ଅଧିକାରୀ ରାଉତ କହିଥିଲେ କିନ୍ତୁ ଆଗାମୀ ଦିନରେ କିପରି ଭାବେ ଉଧାର କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ସେନେଇ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ଉଦ୍ଧାର କରାଯିବ ସେନେଇ ପ୍ରୟାସ ଜାରି ରହିଥିବା କହିଛନ୍ତି ରାଉତ।

## ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୩ ଗୋଟି ଫୌଜଦାରୀ ମାମଲାର ଫୈସଲା ହୋଇଥିବାବେଳେ ୭ଗୋଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ଫୈସଲା ହୋଇଥିଲା। ଏହି ଲୋକ ଅଦାଲତରେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ବଗାର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ରନାଥ ସିଂ, ରୋଶନ ଲାକ୍ରା, ଆଇନଜୀବୀ ମହମ୍ମଦ ହୁସେନ, କ୍ଷେମରାଜ ବାଘ, ଭୀଷ୍ମ ସୁନା, ଶ୍ୟାମ ସୁନ୍ଦର ସୁନାନୀ କୋର୍ଟ କର୍ମଚାରୀ କେଶରୀ ମନହିରା, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ଶବର, ଅମ୍ରିତା କୁଲଦୀପ, ଭରତ ଦାସ, ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ ଔଷଧି ଦିବସ ପାଳିତ

ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲୀଖୁଣ୍ଟି ବ୍ଲକ ପରଜାବାରଙ୍ଗ ପଦର ଗ୍ରାମ ପଞ୍ଚାୟତ ପରିସରରେ ଜିଲ୍ଲା ସ୍ତରୀୟ ଜନ ଔଷଧି ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡି ପି ଏମ ସୁଶାନ୍ତ କୁମାର ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ବାରଙ୍ଗ ପଦର ପଞ୍ଚାୟତରେ କାର୍ଯ୍ୟକ୍ରମ ହୋଇଥିବାରୁ ସରପଞ୍ଚ ବନ୍ଦିତା ନାୟକ ସ୍ୱାସ୍ଥ୍ୟ ବିଭାଗ ତଥା ସାଂସଦ ଓ ବିଧାୟକ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ଇନ୍ଦ୍ରାବତୀ ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱୟଂ ସମ୍ପୂର୍ଣ୍ଣ ଡାକ୍ତରଖାନା ହୋଇ ନଥିବାରୁ ଦୁଃଖ ବ୍ୟକ୍ତ କରି ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଣ୍ଡା ଜନ ଔଷଧ କମ୍ ଦାମ୍ ହୋଇଥିବାରୁ ଭଲ କାମ କରିବ ନାହିଁ ବୋଲି ଯେଉଁ ଧାରଣା ରହିଛି ସେଥିରୁ ନିବୃତ୍ତ ରହିବାକୁ କହିଥିଲେ କାରଣ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ସିକୃତି ପାଇଁ ଥିବା ଔଷଧକୁ ହିଁ ଜନ ଔଷଧି କେନ୍ଦ୍ରରେ ବିକ୍ରି ହେଉଛି। ଅଦ୍ୟାବଧି ପ୍ରାୟ ୨୧୦୦ ଔଷଧ ଜନ ଔଷଧି କେନ୍ଦ୍ର ପାଇଁ ସୀକୃତି ପାଇ ସାରିଛିି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ପିଏଚସି ଗୁଡ଼ିକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମକରଣ କଲେ ଜନ ଔଷଧି କେନ୍ଦ୍ର ପାଇଁ କାହିଁକି ଚିନ୍ତା କରାଗଲା ଆଦି ସମ୍ପର୍କରେ ଏମପି ବଳଭଦ୍ର ମାଝୀ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଅଦ୍ୟାବଧି ଜିଲ୍ଲାରେ ଚାରିଗୋଟି ଜନ ଔଷଧି କେନ୍ଦ୍ର ରହିଥିବା ଉଲ୍ଲେଖ କରିଥିଲେ। ଆହୁରି ଖୋଲିବା ପାଇଁ କେନ୍ଦ୍ର ସରକାର ଦେଉଥିବା ପ୍ରୋତ୍ସାହନ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଥିଲେ। ବିଧାୟକ ଗୌରୀ ମାଝୀ ମା' ମାନଙ୍କୁ ତେଲ, ଲୁଣ , ଚିନି, ମସଲାର ପରିମାଣ ଖାଦ୍ୟ ପ୍ରସ୍ତୁତିରେ କମାଇବା ପାଇଁ କହିବା, ଯୋଗ ପ୍ରାଣାୟମ କରିବା ସହିତ ସାମାନ୍ୟ ଅସୁସ୍ଥତାରେ ଘରୋଇ ଉପଚାର ଅନ୍ୟଥା ଜନ ଔଷଧି କେନ୍ଦ୍ରର ଔଷଧ ବ୍ୟବହାର କରିବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବି ପିଏମ ରଞ୍ଜନ ମିଶ୍ର, ଏମ ତପନ କୁମାର, ସରସ୍ୱତୀ ଦେଇ, ସନ୍ତୋଷ ସିଂ, ସମେତ ତେନ୍ତୁଲିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ କର୍ମ ଚାରୀ ଅଙ୍ଗନବାଡ଼ି କର୍ମୀ ଆଶା କର୍ମୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ମାଝୀ ଓ ବିଧାୟକ ଗୌରୀ ମାଝୀ ଖାତିଗୁଡ଼ା ସ୍ଥିତ ଦୀପକ ରାଉତଙ୍କ ଜନ ଔଷଧି କେନ୍ଦ୍ରକୁ ଯାଇ ମିଳୁଥିବା ଔଷଧ ଏବଂ ଗୁଣବତ୍ତା ବିଷୟରେ ପଚାରି ବୁଝିବା ସହ କିଛି ଔଷଧ କ୍ରୟ କରିଥିଲେ, ସ୍ୱାସ୍ଥ୍ୟ ସମସ୍ୟା ହେଲେ ଜନ ଔଷଧି କେନ୍ଦ୍ରରୁ ଔଷଧ କ୍ରୟ କରିବାକୁ ସମସ୍ତଙ୍କୁ କହିଥିଲେ।

## ଜାତୀୟ ପଞ୍ଚାୟତ ପ୍ରତିନିଧି ସମ୍ମିଳନୀରେ ଯୋଗଦେଲେ ପ୍ରିୟଙ୍କା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭାଗବତପୁର ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦିଲ୍ଲି ବିଜ୍ଞାନ ଭବନରେ ଅନୁଷ୍ଠିତ ଜାତୀୟ ପଞ୍ଚାୟତ ପ୍ରତିନିଧି ସମ୍ମିଳନୀରେ ଯୋଗଦେଇ ଫେରି ଆସିଛନ୍ତି। ରାଜ୍ୟରୁ ଏକମାତ୍ର ସରପଞ୍ଚ ଭାବେ ସେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ପଞ୍ଚାୟତରାଜ ବ୍ୟବସ୍ଥା ଉପରେ ହୋଇଥିବା କର୍ମଶାଳାରେ ତାଙ୍କ ବକ୍ତୃତା ବେଶ ପ୍ରଭାବି ଥିଲା। ନିଜ ପଞ୍ଚାୟତରେ ମହିଳାମାନଙ୍କୁ କିପରି ଲିଙ୍ଗଗତ ଭେଦଭାବରୁ ସେ ଉର୍ଦ୍ଧ୍ୱରେ ରଖିଛନ୍ତି ତାହା ଉପରେ ସେ ମତବ୍ୟକ୍ତ କରିଥିଲେ। ସେହିପରି ବାଲ୍ୟ ବିବାହକୁ ରୋକିବା ଓ ବାଲ୍ୟ ବିବାହର କୁପ୍ରଭାବ ସମ୍ପର୍କରେ ସେ କର୍ମଶାଳାରେ କହିଥିଲେ। ନିଜ ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତରେ ପରିଣତ କରିଥିବା ମଧ୍ୟ ସେ ନିଜ ବକ୍ତବ୍ୟରେ କହିଥିଲେ। ସେ ଓଡ଼ିଶା ଫେରିବା ପରେ ତାଙ୍କୁ ଭୁବନେଶ୍ୱର ରେଳଷ୍ଟେସନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ପରଜଙ୍ଗ, (ଭାସ୍କର ନ୍ୟୁଜ): ପରଜଙ୍ଗ ମହାବିଦ୍ୟାଳୟରେ ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଆନ୍ତର୍ଜାତୀୟ ମହିଳା ଦିବସକୁ ଧୁମଧାମରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କେକ୍ କାଟି ଉତ୍ସାହର ସହିତ ପରସ୍ପର ମଧ୍ୟରେ ସେଲିବ୍ରେଶନ କରିଥିଲେ। ପୂର୍ବ ବର୍ଷ ତୁଳନାରେ ନାରୀ ମାନଙ୍କ ଭୂମିକା ସୁଦୃଢ଼ ଓ ସଶକ୍ତି କରଣ ଗତି କରିଛି ବୋଲି ଅଧ୍ୟକ୍ଷା ସାହୁ ବକ୍ତବ୍ୟ ରଖିଥିଲେ। ସେହିପରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି ଆନ୍ତର୍ଜାତୀୟ ମହିଳା ଦିବସ। ପଞ୍ଚାୟତ ସରପଞ୍ଚ ରୋଜାଲିନ ସାହୁଙ୍କ ପୌରହିତ୍ୟରେ ଶତାଧିକ ମହିଳା ମାନଙ୍କୁ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ପଞ୍ଚାୟତରେ ସାରା ଶୋଭାଯାତ୍ରା କରି ମହିଳାଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାୟକ, କଣ୍ଟାପାଳ ସରପଞ୍ଚ ତିଲୋତ୍ତମା ସିଂହ, ପ୍ରୋଜେକ୍ଟ ମ୍ୟାନେଜର ପ୍ରତିଭା ମହାପାତ୍ର, ଡେପୁଟି ପ୍ରୋଜେକ୍ଟ ଅଧିକାରୀ ପ୍ରିୟରଞ୍ଜନ ସାହୁ, ଏରିଆ ସୁପରଭାଇଜର ସୁପ୍ରିୟା ସାହୁ, ଏଫ୍ଇଏସ ନର୍ମଦା ସାହୁ, ସଂଗ୍ରାମ ବାରିକ, ଏମ୍‌ବିକେ, ସିଆରପି, ଇସି ମେମ୍ବର, ସ୍ୱୟଂ ସହାୟିକା ସଭ୍ୟା ଓ ପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସମାଜରେ ମହିଳା ମାନଙ୍କୁ ସଶକ୍ତି କରଣ କରିବା ଦିଗରେ ସରକାର ପ୍ରତ୍ୟେକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ଦିଗରେ ଉପସ୍ଥିତ ମହିଳା ମାନଙ୍କୁ ପ୍ରୋଜେକ୍ଟ ମ୍ୟାନେଜର ପ୍ରତିଭା ମହାପାତ୍ର ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ଏହି ଦିବସରେ ମହିଳା ମାନଙ୍କୁ ଆକୃଷ୍ଟ କରିବା ପାଇଁ ବିମଳ କୁମାର ବିଶ୍ୱାଳଙ୍କ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ଓ ଜଙ୍ଗଲ ପରିବେଶ ସମ୍ପର୍କିତ ଉପରେ ଆକର୍ଷଣୀୟ ଯାଦୁ ଖେଳ ପ୍ରଦର୍ଶନ କରିଥିଲେ।

# କଣ୍ଟାପଡ଼ାରେ ବିଶ୍ୱ ମହିଳା ଦିବସ ପାଳିତ

ନିଆଳି, (ଭାସ୍କର ନ୍ୟୁଜ): ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସ। ଏହି ବିଶ୍ୱ ମହିଳା ଦିବସକୁ ସାରା ବିଶ୍ୱ ପାଳନ କରୁଥିବା ବେଳେ ନିଆଳି ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଥିଲା ଅଦ୍ଭୁତ ଦୃଶ୍ୟ। ନିଆଳି ନିର୍ବାଚନ ମଣ୍ଡଳୀ କଣ୍ଟାପଡା ବ୍ଲକ ଜୟଦେବ ପୀଠରେ ବ୍ଲକ ଆମ୍ବାର ଅଧ୍ୟକ୍ଷ ପ୍ରଦୀପ କୁମାର ପାତ୍ର ଓରଫ ବିଜୁ, ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଧାୟକ ଛବି ମଲିକଙ୍କୁ ମୁଖ୍ୟ ଅତିଥି କରି ପାଳନ କରିଛନ୍ତି ମହିଳା ଦିବସ କିନ୍ତୁ ନିଆଳି ବ୍ଲକ ୨୩ ଗୋଟି ପଂଚାୟତରେ ପାଳିତ ହୋଇପାରିଲାନି ବିଶ୍ୱ ମହିଳା ଦିବସ। ଏମିତିକି ମିଶନ ଶକ୍ତି ର ମା ମାନେ ଅଙ୍ଗନ ବାଡ଼ି ଆଶା କର୍ମୀ କେହି ବି ପାଳନ କଲେ ନାହିଁ। ଏହାକୁ ନେଇ ନିଆଳୀରେ ଏବେ ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ। ପ୍ରଥମତଃ ଅଙ୍ଗନବାଡ଼ି ଓ୍ୱାର୍କର ଖୋଲା ଖୋଲି ବିଧାୟକଙ୍କ ସପକ୍ଷରେ ନଥିବା ବେଳେ ଗଣମାଧ୍ୟମଙ୍କ ପ୍ରତିନଧିଙ୍କ ସହିତ ବିଧାୟକଙ୍କର ତୁ ତୁ ମେଁ ମେଁ ର ଭୟ। ଖୋଦ ବିଧାୟକଙ୍କ ଏକାନ୍ତ ଅନୁଗତ ଶଶୀକାନ୍ତ ଲେଙ୍କାଙ୍କ ନାମରେ ମାଲ ମାଲ ଅଭିଯୋଗ ଥିବାରୁ ଗିରଫ ଭୟରେ ଆସୁନାହାନ୍ତି ସଶିକାନ୍ତ। ନିଆଳି ବିଜେପିର ଗୋଷ୍ଠୀ କନ୍ଦଳ ଯୋଗୁ ଅଗଧାଡ଼ିର ନେତା ମାନେ ହାତ ଛାଡି ଦେଲେଣି ବିଧାୟକଙ୍କର। ଅନ୍ୟ ଦଳର ଆମଦାନୀ କରି ଆଣିଥିବା ନେତା ବି ସାଥ ଦେଉନାହାନ୍ତି। ଖାଲି ବିଶ୍ୱ ମହିଳା ଦିବସ ନୁହେଁ ଅନ୍ୟ ସଭା ସମିତି କରିବାକୁ ଭୟ ଲାଗିଲାଣି ବୋଲି ନିଆଳୀରେ ଚର୍ଚ୍ଚା ର ବିଷୟ ହୋଇଛି। ଏ ନେଇ ବିଧାୟକ ଛବି ମଲିକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ବିଦେଶୀ ମଦ ଦୋକାନରୁ ଲକ୍ଷାଧିକ ଟଙ୍କା ଲୁଟ୍

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଭଞ୍ଜନଗର ସହର ଉପକଣ୍ଠରେ ଥିବା, ବାଉଁଶଲୁଣ୍ଡି ନିକଟ ଏକ ବିଦେଶୀ ମଦ ଦୋକାନରୁ ବଡ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ହୋଇଥିବା ଲିଖିତ ଅଭିଯୋଗ ପ୍ରକାରେ, ଉକ୍ତ ଦୋକାନରୁ ୨ ଲକ୍ଷ ୧୮ ହଜାର ୫୦୦ ଟଙ୍କା ଲୁଟ୍ ହୋଇଛି। ଶୁକ୍ରବାର ରାତି ସାଢେ ୨ରେ ଲୁଟେରା ମାନେ ଦୋକାନରେ ପଶି ଲୁଟ୍ କରିଥିବା ସିସିଟିଭି ଫୁଟେଜରୁ ଜଣା ପଡ଼ିଛି। ଭଞ୍ଜନଗର ପୋଲିସ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# ବ୍ୟବସାୟୀଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଓ କ୍ଷତିପୂରଣ ଦାବି

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ବ୍ୟବସାୟୀ ଚକ୍ରଧର ଓଝା, ମଧୁସୂଦନ ନାୟକ, କାଶିନାଥ ବେହେରା, ବିଜୟ କୁମାର ବିଶ୍ୱାଳ, ମାଧବାନନ୍ଦ ନାୟକ, ବାବୁରାମ ଦାସ, ସୁରେଶ ଚନ୍ଦ୍ର ଗୁପ୍ତା, କିଶାନ ଗୁପ୍ତା, ରବିନ୍ଦ୍ର ନାୟକ, ସତ୍ୟଜିତ୍ କର, ସୁରୁଜିତ୍ କର ପ୍ରମୁଖ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଆସନ୍ତା ୧୦ ତାରିଖ ମଧ୍ୟରେ ଜାଗା ଖାଲି କରିବାକୁ କୁହାଯାଇଥିଲା। ପରେ ୧୧ ତାରିଖରେ ସେମାନଙ୍କର ଅଭିଯୋଗ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇବା ପରେ ଦକ୍ଷିଣ ପାର୍ଶ୍ୱର ବ୍ୟବସାୟୀମାନେ ନିରାଶ ହୋଇ ପଡ଼ିଛନ୍ତି। ଦକ୍ଷିଣ ପାର୍ଶ୍ୱର ବ୍ୟବସାୟୀମାନେ ଦୀର୍ଘ ବର୍ଷ ହେଲା ବ୍ୟବସାୟ କରି ସେମାନଙ୍କର ପରିବାର ଭରଣ ପୋଷଣ କରୁଛନ୍ତି। ଗତ ୨୦୨୧ରେ ଅଗ୍ନିକାଣ୍ଡରେ ସେମାନଙ୍କ ଦୋକାନ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା। ସେମାନଙ୍କର ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ସେମାନେ ବହୁ ଅର୍ଥ ବ୍ୟୟ କରି ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରି ଆସୁଛନ୍ତି। ସେତେବେଳେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଦୋକାନ ଗୃହ ନିର୍ମାଣ ପାଇଁ କୌଣସି ବାଧା ଦିଆଯାଇ ନଥିଲା। ଏବେ ସେମାନଙ୍କୁ ଉଚ୍ଛେଦ କରାଗଲେ ସେମାନଙ୍କର ବହୁତ କ୍ଷତି ଘଟିବ। ପ୍ରଶାସନ ପକ୍ଷରୁ ଦକ୍ଷିଣ ପାର୍ଶ୍ୱର ବ୍ୟବସାୟୀ ମାନଙ୍କୁ ପୂର୍ବରୁ କୌଣସି କ୍ଷତିପୂରଣ ମିଳି ନଥିବା ବେଳେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମଧ୍ୟ ଥଇଥାନର ବ୍ୟବସ୍ଥା କରାଯାଇ ନାହିଁ। ଏବେ ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରି ଦିଆଗଲେ ସେମାନଙ୍କର ଅଭୂତପୂର୍ବ କ୍ଷତି ଘଟିବ। ଯଦି ଉଚ୍ଛେଦ କରାଯାଏ ତା'ହେଲେ ସେମାନଙ୍କୁ ଥଇଥାନ କରାଯିବା ସହିତ କ୍ଷତିପୂରଣ ଦିଆଯିବାକୁ ଦାବି କରାଯାଇଛି।

# 'ଗ୍ରୀନ ଓଡ଼ିଶା'ର ଅର୍ଦ୍ଧ ବାର୍ଷିକ ସମ୍ମିଳନୀ




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ବିଭିନ୍ନ ପର୍ବ ଓ ଓଷାବ୍ରତ ପାଳନ ପରି 'ଗଛ ଓଷା' ପାଳନ କରିବା ପାଇଁ 'ଗ୍ରୀନଓଡ଼ିଶା'ର ଅର୍ଦ୍ଧ ବାର୍ଷିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଭଣ୍ଡାରିପୋଖରୀ ବ୍ଲକ କଇଁଶିରା ସ୍ଥିତ ବଟେଶ୍ୱର ମହାଦେବଙ୍କ ପୀଠ ପରିସରରେ ଶନିବାର 'ଗ୍ରୀନଓଡ଼ିଶା'ର ସଭାପତି ନୃସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ଗଛ ଜନ୍ମ ଠାରୁ ମୃତ୍ୟୁ ପରେ ମଧ୍ୟ ମଣିଷ ଓ ଜୀବଜଗତର ସମସ୍ତ ପ୍ରାଣୀଙ୍କର ଉପକାରରେ ଆସୁଥିବାରୁ ଗଛ ଓଷା ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସମାଜ ସେବୀ ପ୍ରଫୁଲ୍ଲ ସାମନ୍ତରାୟ, ସ୍ତମ୍ଭକାର ଜୟକୃଷ୍ଣ ପାଣିଗ୍ରାହୀ, ଡାକ୍ତର ରାଜକିଶୋର ପଣ୍ଡା, ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ, ଡ଼ଃ ସୁରେନ୍ଦ୍ର ମୋହନ ମିଶ୍ର, ସମାଜସେବୀ ସଞ୍ଜୀବ କୁମାର ପରିଡ଼ା, ଅନୁଷ୍ଠାନର ଉପସଭାପତି ଶ୍ରୀଧର ସ୍ୱାଇଁ, ବିଭୁପ୍ରସାଦ ଶତପଥୀ, ଲଳିତ ମିଶ୍ର, ଏଆଇଜି ସୁରେଶ ଜେନା, ଡାକ୍ତର ନିର୍ମଳ ରଥ, ରମେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ବାରିକ ପ୍ରମୁଖ ଗଛର ଉପକାରିତା, ପରିବେଶର ସୁରକ୍ଷା ସମ୍ପର୍କରେ ନିଜର ମତ ପ୍ରକାଶ କରି ଗ୍ରୀନ ଓଡ଼ିଶାର ଭୂମିକାକୁ ପ୍ରଶଂସା କରିଥିଲେ। 'ଗ୍ରୀନଓଡ଼ିଶା'ର ପ୍ରତିଷ୍ଠାତା ଡ଼ଃ ସୁଧୀର କୁମାର ଜେନା ଅଭିମୁଖ୍ୟ ଓ ଅତିଥି ପରିଚୟ, ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବୃକ୍ଷ ରୋପଣ ଓ ରକ୍ଷଣାବେକ୍ଷଣ ପାଇଁ କୁଞ୍ଜଲତା ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଅବକାରୀ ଓ ପୋଲିସ ପକ୍ଷରୁ ଯୁଗ୍ମ ଚଢ଼ାଉ

କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଥାନା ବଡ଼ଗାଁ ପଞ୍ଚାୟତର ଖଣ୍ଡିଆଦର ଗ୍ରାମ ନିକଟସ୍ଥ ଝରଣା କୂଳରେ ମହୁଲି ମଦ ଭାଟି ଉପରେ ଆଜି ଅବକାରୀ ଓ ପୁଲିସର ଅଚାନକ ଯୁଗ୍ମ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ମଦ ପ୍ରସ୍ତୁତକାରୀଗଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅବକାରୀ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି ଓ ପୁଲିସ ଆଇଆଇସି ଶରତ ଚନ୍ଦ୍ର ମାହାଳିକଙ୍କ ନେତୃତ୍ୱରେ ଅବକାରୀ ଓଆଇସି ରଶ୍ମିରଞ୍ଜନ ନାୟକ ଏବଂ ପୁଲିସ ଓ ଅବକାରୀ କର୍ମଚାରିଗଣ ଚଢ଼ାଉରେ ସାମିଲ ଥିଲେ। ଘଟଣାସ୍ଥଳରେ ମାଟି ତଳେ ପୋତା ଯାଇଥିବା ୬୮୦୦ ଲିଟର ପୋଚ ଏବଂ ପ୍ରସ୍ତୁତ ହୋଇଥିବା ୩୮୦୦ ଲିଟର ମହୁଲିକୁ ଜବତ ପରେ ନଷ୍ଟ କରାଯାଇଥିଲା। ଶିମିଳିପାଳ ଜଙ୍ଗଲ ସଂଲଗ୍ନ ଝରଣା କୁଳରୁ ଜବତ ମଦକୁ ଆଣିବା ସମ୍ଭବପର ନଥିବା ଯୋଗୁଁ ନଷ୍ଟ କରାଗଲା ବୋଲି ଓଆଇସି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ମକଦ୍ଦମା ନଂ ପିଆର ୨୦୬ ରୁଜୁ କରାଯାଇଛି।



# ଆମ କଳାହାଣ୍ଡି



## ନବନିର୍ମିତ ଟାଉନ୍ ଥାନା କାର୍ଯ୍ୟାଳୟକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ସଦରମହକୁମା ଭବାନୀପାଟନା ଟାଉନ୍ ଥାନାର ନବନିର୍ମିତ ଥାନା କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ନବନିର୍ମିତ ଥାନାଗୃହ ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ରାଜଧାନୀର ନୟାପଲ୍ଲୀ ଥାନା ସହିତ ରାଜ୍ୟର ଆଠଟି ଜିଲ୍ଲାରେ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନବନିର୍ମିତ ୧୪ ଗୋଟି ନୂତନ ଥାନାଗୃହର ଶୁଭ ଉଦଘାଟନ କରିଥିଲେ । ଅତ୍ୟାଧୁନିକ ଭିତ୍ତିଭୂମି ସହିତ ଉନ୍ନତ ମାନରେ ଲୋକଙ୍କ ସେବା ପାଇଁ ନିର୍ମାଣ ହୋଇଥିବା ରାଜ୍ୟର ୧୪ ଗୋଟି ନୂତନ ଥାନା ଗୃହ ଉଦଘାଟନ କରି ମୁଁ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ- ଏହାଦ୍ୱାରା ଲୋକମାନେ ଉନ୍ନତମାନର ସେବା ପାଇବେ । ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ସହିତ ସେବା ମନୋଭାବ ନେଇ ନିଜର କାର୍ଯ୍ୟ ତୁଲାଇବାରେ ଅଧିକ ଯତ୍ନବାନ ହେବେ। ଭବାନୀପାଟଣାଠାରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର,ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଡି.ଏଫ.ଓ. (ଉତ୍ତର) ଅନୁରାଗ ମିଶ୍ର, ଡି.ଏଫ.ଓ. (ଦକ୍ଷିଣ) କଳାଇବାନନ ଆର, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଉପ ଆରକ୍ଷୀ ଅଧିକ୍ଷକ ଭବାନୀପାଟଣା ଆଜଙ୍ଗକିୟା ବାବୁରାଓ ମାନେ, ପୂର୍ବତନ ସାଂସଦ କଳାହାଣ୍ଡି ଅର୍କ କେଶରୀ ଦେଓ, ବି.ଜେ.ପି. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ ପ୍ରମୁଖ ଯୋଗଦେଇ ଭବାନୀପାଟଣା ଠାରେ ବହୁଦିନର ପ୍ରତୀକ୍ଷା ପରେ ଅତ୍ୟାଧୁନିକ ଭିତ୍ତିଭୂମିରେ ଉନ୍ନତ ମାନରେ ଲୋକଙ୍କ ସେବାରେ ନୂତନ ଥାନା ଗୃହର ନିର୍ମାଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।






## ଆଇନ ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଛତ୍ରପୁର ପଞ୍ଚାୟତ ମସ୍କାପଦର ଗାଁରେ ନୂଆ ଅପରାଧ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ନୂତନ ଆପରାଧିକ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ନାଏବ ସରପଞ୍ଚ ଲଳିତ ସାହୁ, ଓ୍ୱାର୍ଡ ମେମ୍ବର ଡ୍ରିଙ୍କୁ ମାଝୀ, ଯୋଗାଣ ସହାୟକ ମିଥୁନ ମହାକୁଡ଼, ଗାଁ ଗୌନ୍ତିଆ ମାଳୀ ମାଝୀ, ରାଜନା ମାଝୀ ସମେତ ଗାଁର ମହିଳା ଓ ପୁରୁଷ ଯୋଗଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଥାନା ଏସଆଇ ଡୋଳାମଣି ବିଶି, ଏଏସଆଇ ବଳଭଦ୍ର ଗୌଡ଼, ଏଏସଆଇ ସ୍ୱର୍ଣ୍ଣଲତା ଗମାଙ୍ଗୋ ପ୍ରମୁଖ ସହଯୋଗ କରିଥିଲେ।

## ଆମପାଣି ଘାଟିରେ ଦୁର୍ଘଟଣା

# ଜଣେ ମୃତ, ୨ ଗୁରୁତର

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟିର ବିରିମୁହାଣ ଛକ ନିକଟ ବୁଲାଣି ରାସ୍ତାରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି । ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସାଥିରେ ଥିବା ଅନ୍ୟ ଦୁଇ ଯୁବକ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତ ଯୁବକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଗ୍ରାମର କୁମର ମାଝୀ(୨୨) ଓ ଗୁରୁତର ଯୁବକ ଦ୍ୱୟ ଜୟପାଟଣା ବ୍ଲକ ନାଗଫେଣୀ ଗ୍ରାମର ପବିତ୍ର ମାଝୀ(୨୦) ଏବଂ ନବରଙ୍ଗପୁର ଜିଲ୍ଲା ମୈଦଲପୁର ଢେପଗୁଡା ଗ୍ରାମର ଭଗବାନ ଜାନୀ(୧୯) ବୋଲି ସୂଚନା ମିଳିଛି । ସୂଚନା ଅନୁସାରେ, କୁମର ମାଝୀର ବଡ଼ଭାଇଙ୍କ ବିବାହ କାର୍ଯ୍ୟ ଗୁରୁବାର ସରିଥିବାବେଳେ ଏଥିରେ ଯୋଗଦେଇଥିବା ସମ୍ପର୍କୀୟ ଭଗବାନ ଜାନୀଙ୍କୁ ଛାଡ଼ିବା ପାଇଁ ଏକ ବାଇକ ଯୋଗେ କୁମର ଓ ପବିତ୍ର ଢେପଗୁଡା ଗ୍ରାମକୁ ଯାଉଥିଲେ। ଏହି ସମୟରେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ଘାଟି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ମାରି ଫେରାର ହୋଇଥିଲା। ଦୁର୍ଘଟଣା ସ୍ଥଳରେ କୁମରଙ୍କ ମୃତ୍ୟୁ ହୋଇଥିବାବେଳେ ସାଥିରେ ଥିବା ଭଗବାନ ଓ ପବିତ୍ର ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିରହିଥିଲେ। ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟ ଗୁରୁତର ଭଗବାନ ଓ ପବିତ୍ରଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ସ୍ଥାନାନ୍ତରିତ କରିଥିବା ଜଣାପଡିଛି। ଅନ୍ୟପଟେ ଆମପାଣି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ମୃତ ଯୁବକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି। ତେବେ ସନ୍ଧ୍ୟା ହେବା କାରଣରୁ ମୃତ ଯୁବକର ଶବ ବ୍ୟବଚ୍ଛେଦ ହୋଇପାରି ନଥିବାବେଳେ ଶନିବାର ସକାଳେ ଶବ ବ୍ୟବଚ୍ଛେଦ ହେବାନେଇ ଆମପାଣି ଥାନା ପକ୍ଷରୁ ସୂଚନା ଦିଆଯାଇଛି।



## ଦୁର୍ବୃତ୍ତଙ୍କ ଟାର୍ଗେଟରେ ବସୁଧା !

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଗତ କିଛି ବର୍ଷ ହେବ ଦୁର୍ବୃତ୍ତ ମାନଙ୍କ ଟାର୍ଗେଟରେ ବସୁଧା ରହିଆସୁଛି। ବିଭିନ୍ନ ସମୟରେ ବସୁଧା ଯୋଜନାରୁ ଯନ୍ତ୍ରପାତି ବିଦ୍ୟୁତ ସଂଯୋଗ ତାର ଓ ମଟର ଚୋରି ଘଟଣା ଅଞ୍ଚଳରେ ଲାଗି ରହିଛି। ଏଥିରେ ସ୍ଥାନୀୟ ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟ ଯୋଗୁଁ ଦୁର୍ବୃତ୍ତଙ୍କୁ ଠାବ କରାଯାଇପାରୁନାହିଁ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ଗତ ୧-୨ବର୍ଷ ତଳେ ବେହେରା , ଟେଣ୍ଡାପାଲି ,ସେମେଲା ଆଦି ସ୍ଥାନରୁ ଚୋରି ହୋଇଥିବା ଖବର ମିଳିଥିଲା। ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ ଯୋଗୁ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଆଲୋଚନା ହେଉଛି। ଧର୍ମଗଡ଼ ବ୍ଲକ ଜୟନ୍ତପୁର ସ୍ଥିତ ବସୁଧା ଯୋଜନାରୁ ଗତ କିଛି ତଳେ ବିଦ୍ୟୁତ ସଂଯୋଗ ତାର ଚୋରି ହୋଇଥିବା ସୂଚନା ମିଳିଛି। ଏନେଇ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୋକସରା ଥାନାରେ ଲେଖିତ ଅଭିଯୋଗ କରିଛନ୍ତି। ତେବେ ପୋଲିସ କିଭଳି ପଦକ୍ଷେପ ନେବ ସମୟ ସାପେକ୍ଷ। ଅନ୍ୟଅଟେ ଗ୍ରୀଷ୍ମପ୍ରବାହ ବଢି ରହିଥିବା ବେଳେ ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଣ ଠପ ହୋଇପଡିଥିବା ଲୋକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଲୋକେ ବିଶୁଦ୍ଧ ପାଣି ପାଇଁ ନାହିଁ ଥିବା ଅସୁବିଧା ସମ୍ମୁଖୀନ ହୋଇପଡିଛନ୍ତି। ଗାଁରେ ଅନେକ ନଳକୂପ ରହିଥିଲେ ହିଁ ବିଶୁଦ୍ଧ ପାନୀୟ ଜଳ ଭାବେ ବସୁଧା ଉପରେ ନିର୍ଭର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀଙ୍କ ଦାବି ହେଉଛି।



## ଭୈରବ ଦେବଙ୍କ ବାର୍ଷିକ ଉତ୍ସବ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ସିଉନୀଠାରେ ଭତରା ଜାତିର କୂଳ ଦେବତା ଭୈରବ ଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଛି। କଳାହାଣ୍ଡି ଜିଲ୍ଲା ଭତରା ସମାଜର ସଭାପତି କୈଳାସ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷାବିତ ତଥା ନାଟଗୁରୁ ବନମାଳୀ ମାଝୀ ମୁଖ୍ୟବକ୍ତା, ଗୋପୀଚନ ନାଏକ, କ୍ଷୀରୋଦ ଚନ୍ଦ୍ର ମାଝୀ, ନୀଳକଣ୍ଠ ମାଝୀ, ଗରୁଡଧ୍ୱଜ ମାଝୀ, ରଣସାଏ ମାଝୀ, ସୁଧୀର ପାତ୍ର, ମୀନକେତନ ଦଳପତି, ଚନ୍ଦ୍ରକାନ୍ତ ପୁଝାରୀ, ଗୋପାଳ ଚନ୍ଦ୍ର ପୁଝାରୀ, ବୃନ୍ଦାବନ ପୁଝାରୀ, ବଂଶିଧର ଚଲାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମନ୍ଦିରର ମୁଖ୍ୟ ପୂଜକ ହିମାଞ୍ଚଳ ପୁଝାରୀଙ୍କ ଘରୁ ଜୋଗାର ଆସିବା ପରେ ଭୈରବ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ନୂତନ ଭାବରେ ନିର୍ମିତ ଭୈରବ ଭବନର ଶୁଭ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରତ୍ନରାଜ ମାଝୀ ଓ ସୁଧୀର ଧଙ୍ଗଡମାଝୀ ପରିଚାଳନା କରିଥିବାବେଳେ ଭୁବନେଶ୍ୱର ଦିଶାରୀ, ପରମେଶ୍ୱର ଧଙ୍ଗଡାମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ସୁଭଦ୍ରା ଯୋଜନାର ସଚେତନତା ପଦଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ନୂତନ ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ଅର୍ଥ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିବା ବେଳେ ଏହାକୁ ନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସଂଯୋଜନାରେ ଶତାଧିକ ଅଙ୍ଗନବାଡି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ସୁଭଦ୍ରା ଯୋଜନାର ସଚେତନତା ପଦଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ଡି.ଏସ.ଡବ୍ଲ୍ୟୁଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ମହିଳାମାନଙ୍କୁ ସଚେତନ କରାଇବା ପାଇଁ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ସାଂସଦ ଲୋକସଭା ମାଳବିକା ଦେବୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଉଜିବୁନ ନିଶା ଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସିଡିପିଓ, ଡି.ଏସ.ଡବ୍ଲ୍ୟୁ.ଓ. ଙ୍କ ସମେତ ଡି.ଏସ.ଡବ୍ଲ୍ୟୁ.ଓ.,ସୁପରଭାଇଜର ଓ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ସୂଚାରୁରୂପେ ପରିଚାଳନା କରିଥିଲେ ।




## ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା

କୋକସରା,(ଭାସ୍କର ନ୍ୟୁଜ୍ ): କୋକସରା ବ୍ଲକ ସଦର ମହକୁମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା ମେଳା' ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଡିଆଇଇଟି ଫେକଲଟି ସଞ୍ଜୟ ଶବର ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଆଲୋରାଣୀ ହଳଧର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି ପାଢ଼ୀ ଓ ତୋଫାନ ମାଝୀ, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ତ୍ରିନାଥ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। କାଶିବାହାଲ ସିଆରସିସି ପ୍ରଶାନ୍ତ ଶବର ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କ୍ରମରେ ଉପସ୍ଥିତ ସମସ୍ତେ ନିପୁଣ ଓଡ଼ିଶା ଶପଥ ପାଠ କରାଇଥିଲା। ୧୧ ଗୋଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଉଭୟ ଭାଷା ଓ ସଂଖ୍ୟାଜ୍ଞାନର ଶିକ୍ଷଣ ସାମଗ୍ରୀ ସବୁ ପ୍ରଦର୍ଶିତ କରାଯାଇଥିଲା। ନୋଡାଲ ସିଆରସିସି ବୈକୁଣ୍ଠ ଜାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସିଆରସିସି କେଦାରନାଥ ନାଏକ, ସୁମନ୍ତ କୁମାର ଠାକୁର, ପ୍ରଶାନ୍ତ ଶବର, ଦିଲୀପ ସାହୁ, ଚାମ୍ପେଶ୍ୱର ନାଏକ, ଫଲ୍ଗୁନୀ ବାଣୁଆ, ଉମା ଶଙ୍କର ଶତନାମୀ ସମେତ ବିଭିନ୍ନ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# କେସିଙ୍ଗାରୁ ରାଜଧାନୀ କେବେ ଚାଲିବ ଟ୍ରେନ ?

କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗାବାସୀଙ୍କ ବହୁ ଦିନର ଦାବି ଯାହା କେସିଙ୍ଗା ପଟୁ ସିଧା ସଳଖ ରାଜଧାନୀ ଭୁବନେଶ୍ୱର ପାଇଁ ଗୋଟିଏ ଟ୍ରେନ ଚଳାଚଳ ଯାହା ଆଜି ପର୍ଯ୍ୟନ୍ତ ପୂରଣ ହୋଇନି। ଜିଲ୍ଲାର ଏକ ମାତ୍ର ବଡ଼ ରେଳ ଷ୍ଟେସନ ଯେଉଁଠି ପ୍ରତ୍ୟେକ ଟ୍ରେନର ରହଣି ସ୍ଥଳ। ସାରା ଜିଲ୍ଲା ସମେତ ପଡ଼ୋଶୀ ବଲାଙ୍ଗୀର, ନବରଙ୍ଗପୁର ଜିଲ୍ଲାର ରେଳ ଯାତ୍ରୀ ଭାରତ ର ଯେ କୌଣସି ସ୍ଥାନକୁ ଯିବା ଆସିବା କରିବାପାଇଁ କେସିଙ୍ଗା ଉପରେ ନିର୍ଭର କରିଥାନ୍ତି। ନିର୍ବାଚନର ବହୁ ପୂର୍ବରୁ ଏମିତିକି କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡା ଥିବା ସମୟରୁ ଅଞ୍ଚଳ ବାସୀ କେସିଙ୍ଗା ପଟୁ ଏକ ସିଧାସଳଖ ଟ୍ରେନ ରାଜଧାନୀ ପାଇଁ ଚଳାଇବା ପାଇଁ ଦାବି କରିଆସୁଥିଲେ ମଧ୍ୟ ଆଶ୍ୱସନାରେ ବିତିଯାଇଥିଲା ୫ ବର୍ଷ । ରେଳ ବିଭାଗ ପକ୍ଷରୁ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନଥିବାରୁ ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ କିଛି ଦିନ ତଳେ ନର୍ଲା ରେଳ ଷ୍ଟେସନ ରେ ଦୀର୍ଘ ଚାରି ବର୍ଷ ପରେ ଲୋକସଭା ସାଂସଦ ମାଳବିକା ସିଂଦେଓଙ୍କ ପ୍ରଚେଷ୍ଟାରେ ଧନବାଦ ଏଲେପି ଟ୍ରେନ ପୁଣି ରହିବା ଆରମ୍ଭ କରିଛି ଓ ସବୁଜ ପତାକା ଦେଖାଇ ସାଂସଦ ଏହାର ଶୁଭାରମ୍ଭ କରିଛନ୍ତି ଯାହା ନିହାତି ପକ୍ଷେ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।କିନ୍ତୁ ସାଂସଦ ମହୋଦୟା କେସିଙ୍ଗା ପଟୁ ରାଜଧାନୀ ପାଇଁ ସିଧାସଳଖ ଟ୍ରେନର ବ୍ୟବସ୍ଥା ଭୁଲି ଗଲେ ବୋଲି ସହରରେ ଚର୍ଚ୍ଚା ହେଉଛି। ଦୁଇ ଦିନ ତଳେ କଳାହାଣ୍ଡି ରେଳ ଯାତ୍ରୀ ସଂଘ ମଧ୍ୟ ବୈଠକ କରି କେସିଙ୍ଗାରୁ ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳା ଚଳ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଦାବି ପ୍ରଦାନ କରିଛନ୍ତି ।ଦୀର୍ଘ ପାଞ୍ଚ ସାତ ବର୍ଷ ର ଦାବିଆଜି ପର୍ଯ୍ୟନ୍ତ ପୂରଣ ହେଉନାହିଁ । ଅଞ୍ଚଳବାସୀଙ୍କ ସୁବିଧା ପାଇଁ ଟ୍ରେନ ଗୋଟିଏ ଚଳାଇବା ରେଳ ବିଭାଗ ପାଇଁ ଏତେ କଷ୍ଟ କି ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

## ଜୁନାଗଡ - ନବରଙ୍ଗପୁର ନୂଆ ରେଳ ଲାଇନ୍ ପ୍ରସଙ୍ଗ

# ବାଦପଡ଼ିଲା ଧର୍ମଗଡ; କୁହୁଳିଲା ଅସନ୍ତୋଷ

ଧର୍ମଗଡ (ଭାସ୍କର ନ୍ୟୁଜ୍): ପ୍ରସ୍ତାବିତ ଜୁନାଗଡ- ନବରଙ୍ଗ ପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ସନ୍ତକ ଥିବା ଏକ ଚିଠିର କପି ଏବେ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ବେଳେ ଏହାକୁ ନେଇ ଧର୍ମଗଡରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଗଡରେ ଯେ ରେଳ ଷ୍ଟେସନ ହେଉନାହିଁ ଏହା ଏଥିରୁ ସ୍ପଷ୍ଟ ହେଉଛି । ସୂଚନା ଯୋଗ୍ୟ ଯେ, ଧର୍ମଗଡକୁ ରେଳ ଲାଇନ ସଂଯୋଗ ପାଇଁ ଦୀର୍ଘ ଦିନରୁ ଧର୍ମଗଡବାସୀ ଦାବି କରି ଆସୁଛନ୍ତି । ଏଥି ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ପ୍ରତିବାଦ, ଦାବିପତ୍ର ଆଦି ପ୍ରଦାନ କରାଯାଇଛି ।ତେବେ ଏ ସବୁ ହେବା ପରେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ସଂସଦରେ ମଧ୍ୟ ଏହାକୁ ଉଠାଇଥିଲେ । ପରବର୍ତ୍ତୀ ସମୟରେ ଧର୍ମଗଡକୁ ରେଳ ଲାଇନ ସଂଯୋଗ ହେବ ଏବଂ ସର୍ଭେ ପାଇଁ ବିଭାଗ ପକ୍ଷରୁ ଅର୍ଥ ଅନୁମୋଦନ ହୋଇ ଥିବା ମଧ୍ୟ ସୂଚନା ଦିଆଯାଇଥିଲା ।ଯାହାକୁ ନେଇ ଲୋକେ ଖୁସି ଜାହିର କରିଥିଲେ ।ଖାଲି ଯେ ସାଂସଦଙ୍କୁ ନୁହେଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଜୁନାଗଡରୁ ଧର୍ମଗଡ ରେଳଲାଇନ ସମ୍ପ୍ରସାରଣ ପାଇଁ ଦାବିପତ୍ର ଦିଆଯାଇଥିଲା । ଏସବୁ ହେବା ପରେ ସରକାର ଜୁନାଗଡ - ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଘୋଷଣା କଲେ । ଧର୍ମଗଡବାସୀ ଭାବିଲେ ଏଥର ରେଳ ଲାଇନ ଧର୍ମଗଡ ଦେଇଯିବ ।ତେବେ ପ୍ରସ୍ତାବିତ ରେଳ ପ୍ରକଳ୍ପର ମ୍ୟାପରେ ଧର୍ମଗଡ ସହର ନ ଥିବା ବେଳେ ଧର୍ମଗଡ ରୋଡ ନାମରେ ଏକ ଷ୍ଟେସନ ହେବ ବୋଲି କୁହା ଗଲା। ତେବେ ଏହି ଷ୍ଟେସନ କେଉଁଠି ହେବ ତା ଉପରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳି ନ ଥିଲା । ଫଳରେ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା। ରେଳ ଲାଇନ ଧର୍ମଗଡ ସହର ପାଖାପାଖି ଦେଇ ଯିବା ପାଇଁ ଧର୍ମଗଡ ରେଳ ଉପଭୋକ୍ତା ସଂଘ, ସଚେତନ ନାଗରିକ ମଞ୍ଚ ପକ୍ଷ ରୁ ପୁଣି ଥରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେ ସମୟରେ ଲୋକଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଧର୍ମଗଡ ଠାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମଧ୍ୟ ଏକ ସମ୍ବର୍ଦ୍ଧନା ସଭାରେ (ଶପଥ) ପକେଇ କରି କହୁଁ ଚେ ରେଳ ଲାଇନ ଧରମଗଡ଼ ଦେଇ କରି ଯିବା' ବୋଲି କହି ଥିଲେ । ତେବେ ଏହା କେବଳ ଲୋକଙ୍କୁ ଭାଣ୍ଡେଇବା ପାଇଁ ଥିଲା ବୋଲି ସାଧାରଣ ରେ ଆଲୋଚନା ହେଉଛି । ଏବେ ଏଥି ପାଇଁ ବଜେଟ ଆଲୋଲେଶନ ମଧ୍ୟ ହୋଇସାରିଛି । ଜୁନାଗଡ - ନବରଙ୍ଗ ପୁର ୧୧୬.୨୧ କିମି ରେଳ ଲାଇନ ପାଇଁ ଜମୀ ଅଧିଗ୍ରହଣ ପାଇଁ ଟେଣ୍ଡର ଆହ୍ୱାନ ଇ- ଟେଣ୍ଡର ନୋଟିସ ନଂ- ETCECON IIVSKP ୨୦୨୪୦୪୫ ଗତ ୪/୧୨/ ୨୦୨୪ ରେ ହୋଇ ଯାଇଛି ବୋଲି ଏକ୍ସରେ ବିଭାଗୀୟ ସୂତ୍ରରୁ ସୂଚନା ଦିଆ ଯାଇଛି । ଜମି ଅଧିଗ୍ରହଣ ନୋଟିସରେ ଜୁନାଗଡ ବ୍ଲକ ଓ କୋକସରା ବ୍ଲକର ଅଧିକାଂଶ ଜମି ଅଧିଗ୍ରହଣ ହେଉଥିବା ବେଳେ ଧର୍ମଗଡ ବ୍ଲକ ର ବିରାମାଲ ଗାଁ ର କେବଳ ୧.୫୩୬ ଏକର ଜମି ଅଧିଗ୍ରହଣ କରୁଥିବା ଜଣାପଡିଥିବା ବେଳେ ଏତକ ଜମି ରେଳ ଷ୍ଟେସନ ପାଇଁ ମଧ୍ୟ ଯଥେଷ୍ଟ ହେବ ନାହିଁ। ଏଥିରୁ ଏହା ମଧ୍ୟ ଅସ୍ପଷ୍ଟ, ପ୍ରକୃତରେ ଏହି ନୂତନ ରେଳ ଲାଇନ୍ ଧର୍ମଗଡ଼ ବ୍ଲକକୁ ସଂଯୋଗ କରିବ ନା ନାହିଁ। ଯାହାକି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରୁଛି। ଧର୍ମଗଡ ରୋଡ ଷ୍ଟେସନ ଧର୍ମଗଡ ରେ ନୁହେ ଅନ୍ୟ କେଉଁଠି ହେଉ ଥିବା ଏଥିରୁ ଆପତତଃ ସ୍ପଷ୍ଟ ହେଉଛି । ଏହାକୁ ନେଇ ଏବେ ପୁଣି ଥରେ ଧର୍ମଗଡ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ସୋସିଆଲ ମିଡ଼ିଆ ଟ୍ରେଣ୍ଡରୁ ଜଣା ପଡ଼ିଛି । ଆଗାମୀ ଦିନ ରେ ଧର୍ମଗଡ କୁ ରେଳ ଲାଇନ ସଂଯୋଗ ପାଇଁ ରେଳ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ ଯୋଶୀ କହିଛନ୍ତି । ଏ ସମ୍ପର୍କ ରେ କଳାହାଣ୍ଡି ସାଂସଦଙ୍କୁ ଯୋଗା ଯୋଗ କରିବା ପାଇଁ ଚେଷ୍ଟା କରା ଯାଇଥିଲେ ହେଁ ଯୋଗା ଯୋଗ ହୋଇ ପାରିନଥିଲା ।

## ମଣ୍ଡଳ ଭିମାଙ୍କ ବିବାହ ସହ ସରିଲା ମହିମା ବାଲିଯାତ୍ରା

କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ମହିମା ଗ୍ରାମରେ ଦୀର୍ଘ ୧୮ବର୍ଷ ପରେ ମଣ୍ଡଳ ଭିମା ଦେବଙ୍କ ବାଲିଯାତ୍ରା ଗତ ଜାନୁଆରୀ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବାବେଳେ ଶୁକବାର ଭିମାଦେବ ଓ କନ୍ଧେନୀ ଦେବୀଙ୍କ ବିବାହ ସହ ବାଲିଯାତ୍ରା ସମ୍ପନ୍ନ ହୋଇଛି। ଦିର୍ଘ ଦେଢ ମାସରୁ ଉର୍ଦ୍ଧ୍ୱ ସମୟ ଧରୀ ଗାଁରେ ସ୍ଥାପିତ ବାଲିଘର ନିକଟରେ ପ୍ରତିଦିନ ସନ୍ଧ୍ୟାରେ ଗୁରୁମେ ଲକିଧର ମାଝୀ ବିଭିନ୍ନ ଦେବାଦେବୀ ମାନଙ୍କୁ ପୂଜାପାଠ କରି ଆମନ୍ତ୍ରଣ କରିଥିଲେ। ଏହି ସମୟରେ ଗ୍ରାମର କୁମାରୀ ବାଳିକା, ଯୁବକ, ମହିଳା ସମେତ ପୁରୁଷମାନଙ୍କ ଦେହରେ ବିଭିନ୍ନ ଦେବାଦେବୀ ମାନଙ୍କ କାଳିସୀ ଚଢିଥିଲା। କାଳିସୀ ଚଢିଥିବା ଯୁବକ, ଯୁବତୀ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ଗୁରୁମେ ଭିମା ଦେବ, କନ୍ଦେନୀ ଦେବୀ ଭଳି ବିଭିନ୍ନ ଦେବାଦେବୀମାନଙ୍କୁ ଚିହ୍ନଟ କରିଥିଲେ। ପ୍ରତିଦିନ ବାଲିଯାତ୍ରା ମଧ୍ୟରେ ବିଭିନ୍ନ କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ନିଶିରାତିରେ ଗାଁ ପୋଖରୀରେ ଭିମା ଦେବଙ୍କ ଖୁଣ୍ଟ (ବିଗ୍ରହ)କୁ ଲୁଚାଇ ଦିଆଯାଇଥିଲା। ଶୁକ୍ରବାର ସକାଳୁ ପାଟପୂଜା ପରେ ବାଲିଘରୁ ପାଟ ଉଠାଯାଇ ବିରାଟ ପଟୁଆରରେ ବାଳିଗଜା ଠାକୁରାଣୀ ମନ୍ଦିରକୁ ନିଆଯାଇଥିଲା। ଏହାପରେ ନିମନ୍ତ୍ରିତ ଗ୍ରାମ୍ୟ ଦେବା ଦେବୀଙ୍କ ଲାଠି କାଳିସୀ ଗ୍ରହଣରେ ପାରମ୍ପରିକ ବାଜା ବଜାଇ ବିରାଟ ଶୋଭାଯାତ୍ରାରେ ବାହାରି ଭିମା ଖୁଣ୍ଟ ଲୁଚାଇ ରଖିଥିବା ପୋଖରୀ ନିକଟରେ ପହଞ୍ଚିଥିଲେ। ପରେ ପୋଖରୀ ଭିତରେ ଦେବା ଦେବୀମାନେ ପସି ପୂର୍ବରୁ ଲୁଚାଇ ରଖିଥିବା ସେହି ଭିମା ଖୁଣ୍ଟକୁ ଖୋଜାଖୋଜି କରିଥିଲେ। ଭିମା ଖୁଣ୍ଟକୁ ଖୋଜି ପାଇବା ପରେ ପୁଣି ଗ୍ରାମ୍ୟ ମନ୍ଦିରକୁ ଫେରିଥିଲେ। ଏହାପରେ ଭିମା ଦେବତା ଓ କନ୍ଧେନୀ ଦେବୀଙ୍କ ଖୁଣ୍ଟ ସ୍ଥାପନ କରାଯାଇଥିଲା। ଏହାପରେ ମଣ୍ଡଳ ଭିମା ଓ କନ୍ଧେନୀ ଦେବୀଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେଇଥିଲା। ଏହାପରେ ବଳୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ଗାଁ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବିହନ ଛିନା କାର୍ଯ୍ୟ ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଭିମା ବାଲିଯାତ୍ରା କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ସମ୍ପାଦକ ହିମାଂଶୁ ନାଏକ, କୋଷାଧ୍ୟକ୍ଷ ଶୋଭା ମାଝୀ, ଘନଶ୍ୟାମ ନାଏକ, ଗ୍ରାମ୍ୟ ପୁଝାରୀ ରତନ ପୁଝାରୀ, ପବିତ୍ର ନାଏକ, ସୁରେଶ ପାତ୍ର, ଉମାଶଙ୍କର ନାଏକ, ରଞ୍ଜନ ସାହୁ, ନକୁଳ ନାଏକ, ମଧୁବନ ପାତ୍ର, ଗରୁଡଧ୍ୱଜ ମାଝୀ, ଦୁର୍ଯ୍ୟନ ମାଝୀ, ଈଶରାମ କୋଲଥିଆ, ନିଳାମ୍ବର ନାଏକ, ଭୁବନେଶ୍ୱର ନାଏକ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ

ରବିବାର, ୦୯ ମାର୍ଚ୍ଚ ୨୦୨୫



**ମେଷ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ମନମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ। ଶିକ୍ଷାବିଭାଗ, ଠିକାଦାରୀ, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତୀତ ଫଳ ପାଇବେ।



**ବୃଷ:** ମାନ ସମ୍ମାନ,ଧନ କ୍ଷେତ୍ରରେ ଶୁଭଫଳ ମିଳିବ। କୌଣସି ଦିଗରୁ ରୋଜଗାର ନିମନ୍ତେ ସୁଯୋଗ ମିଳିବ। ନୂତନ ପ୍ରକଳ୍ପର ସନ୍ଧାନ ମିଳିବ। ମୋଟରଯାନ ଏବଂ କଳକାରଖାନା ସମ୍ବନ୍ଧୀୟ କ୍ଷେତ୍ରରେ ରୋଜଗାରର ବାଟ ଫିଟିବ। କୌଣସି ପ୍ରକାର ପୁରୁଣା ରୋଗର ଉପଶମ ହେବ। ପିଲାମାନେ ଆଶା ଠାରୁ ଅଧିକ ଶୁଭଫଳ ପାଇବେ।



**ମିଥୁନ:** କୌଣସି ପ୍ରକାର ଯୋଜନାରେ ସଫଳ ହେବେ। ଆୟରେ ବୃଦ୍ଧିହେବ। କୌଣସି ଅତିତର ଯୋଜନାରେ ସଫଳ ହେବେ। ବ୍ୟବସାୟରେ ଉନ୍ନତି ଘଟିବ।



**କର୍କଟ:** ଟଙ୍କା ପଇସାକୁ ନେଇ ଚିନ୍ତା କମିବ ଏବଂ କୌଣସି ଜାଗାରୁ ଅର୍ଥ ଓ କର୍ମ ପ୍ରାପ୍ତିର ସୂଚନା ମିଳିବ। ନୂଆ ଭୂମି କ୍ରୟ, ଗାଡି କ୍ରୟ, ରୋଜଗାର ପନ୍ଥା, ଔଷଧ ଏବଂ ଖେଳ ସାମଗ୍ରୀ ଜନିତ ବ୍ୟବସାୟ ଆଦି କ୍ଷେତ୍ରରେ ଶୁଭଫଳ ମିଳିବ। ମାତ୍ର ହିସାବ ଠାରୁ ଅଧିକ ଖର୍ଚ୍ଚ ହେବ। ମନ ବିଚଳିତ ରହିବ।



**ସିଂହ:** ଆଜି ରିଷ୍ଟପୂର୍ଣ୍ଣ ଦିବସ ରହିବ। ତେଣୁ ମଥାରେ ରକ୍ତ ଚନ୍ଦନ ଲଗାନ୍ତୁ । ରିଷ୍ଟ ଖଣ୍ଡନ ହେବା ସହିତ ମନ ସକରାତ୍ମକ ଓ ଶାନ୍ତ ରହିବ। କୌଣସି ପ୍ରକାରେ ସୁଖଶାନ୍ତି କ୍ଷୁର୍ଣ୍ଣ ହେବ। ମନ ଦ୍ୱନ୍ଦ୍ୱ ମଧ୍ୟରେ ରହିବ। କାହା ସହିତ ମତାନ୍ତର ହେବ । ତେଣୁ ଦିନଭରି ନିରବ ରହିବେ ।



**କନ୍ୟା:** ଅଚାନକ ଖୁସିଖବର ମିଳିବ। ନୂତନ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବ। ପିଲାଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢିବ ମାତ୍ର ଚାକିରି ବ୍ୟବସାୟରେ ସତର୍କ ରହିଥିବେ ନଚେତ କ୍ଷୟକ୍ଷତି ହେବ। ମହିଳାମାନେ ଦୁର୍ବଳତା ଅନୁଭବ କରିବେ।



**ତୁଳା:** ଅଂଶୀଦାର ବ୍ୟବସାୟରେ ଲାଭବାନ ହେବେ ନାହିଁ ମାତ୍ର ଜାଗାବାଡି ଏବଂ ଗୃହନିର୍ମାଣ ବ୍ୟବସାୟରେ ଲାଭ ହେବ। ଦୂରଯାତ୍ରା ସଫଳ ରହିବ। ଅର୍ଥଚିନ୍ତା ଦୂର ହେବ ଏବଂ ମାନସିକ ଶାନ୍ତି ବଢିବ। ଯାନ୍ତ୍ରିକ ବିଭାଗ ଜନିତ ଚାକିରି ବା ଆୟର ବାଟ ମିଳିବ। ମନ ଉଗ୍ରସ୍ୱଭାବ ଭରା ରହିବ। ତେଣୁ ଦିନର ଅଧିକାଂଶ ସମୟ ନିରବ ରହିବା ଶୁଭ ।



**ବିଛା:** ମନର ଆଶା ପୂରଣ ହେବ। ଚେଷ୍ଟା କରୁଥିବା କାମଗୁଡିକରେ ସଫଳ ହେବେ। ତେଣୁ ମାନସିକ ଶାନ୍ତି ପ୍ରାପ୍ତ ହେବ। ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢିବ। ପୁରୁଣା ରୋଗରୁ ଉପଶମ ମିଳିବ। ଶତୃଭୟ ଥିଲେ ପରିବର୍ତ୍ତନ ହେବ। ପିଲାମନଙ୍କର ଭବିଷ୍ୟତର ପାଠପଢା ଏବଂ କର୍ମନିଯୁକ୍ତିକୁ ନେଇ ନିଷ୍ପତ୍ତି ନେବାରେ ମନ ବିଚଳିତ ରହିବ।



**ଧନୁ:** ପାରିବାରିକ ପରିବେଶରେ ଖୁସି ମିଳିବ। ପିଲାଙ୍କର ଚାକିରିର ସୁଯୋଗ ଆସିବ। କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ। ସରକାରୀ ସହାୟତା ମିଳିବ। ପରିବାରରେ ଦାୟିତ୍ୱ ବୃଦ୍ଧି ହେବ। ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ। ବିଷ୍ଣୁ ସହସ୍ରନାମ ଶୁଣନ୍ତୁ କଲ୍ୟାଣ ହେବ।



**ମକର:** କୌଣସି ପ୍ରକାରର ଧୋକା ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟ ବିଗିଡି ଯିବ। ଗଚ୍ଛିତ ଅର୍ଥବ୍ୟୟ ବଢିବ ଫଳରେ ମନ ଅଶାନ୍ତ ରହିବ। ସଠିକ୍ ନିଷ୍ପତ୍ତି ନେଇ ନପାରି ମନ ଦୁଃଖ ହେବ। ହଳଦି ଅକ୍ଷତ ଓ ଚନ୍ଦନ ମଥାରେ ଟିକା ଲଗାନ୍ତୁ। ଗୁରୁଜନଙ୍କର ଆଶୀର୍ବାଦ ନିଅନ୍ତୁ ।



**କୁମ୍ଭ:** ଆଜି ଦିନଟି ଶୁଭରେ ଶୁଭରେ କଟିବ। ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ। ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ ଏବଂ ଗହମ ପାରାଙ୍କୁ ଦିଅନ୍ତୁ ଅଟକିଥିବା କାମ ପୂରଣ ହେବ। ବିଦ୍ୟାର୍ଥୀମାନେ ବିଦ୍ୟାରେ ମନୋନିବେଶ କରିବେ।



**ମୀନ:** ଚାକିରି ବ୍ୟବସାୟ ଉଭୟ କ୍ଷେତ୍ରରେ ଶୁଭ ପରିବେଶ ମିଳିବ। ପିଲାମାନେ ମହିଳାମାନେ ଆଶା ଠାରୁ ଅଧିକ ଖୁସିରେ ରହିବେ। ମନମୁତାବକ ଆୟ କରିବାର ସୁଯୋଗ ସୃଷ୍ଟି ହେବ। ଶିକ୍ଷାବିଭାଗ, ଠିକାଦାରୀ, କଳକବଜା, ପୁସ୍ତକ ମୁଦ୍ରଣ, ଆର୍ଥିକ କାରାବାର, ଜାଗାବାଡି ଗୃହନିର୍ମାଣ ଆଦି କର୍ମ ସହିତ ଜଡିତ ବ୍ୟକ୍ତିବିଶେଷ ଆଶାତୀତ ଫଳ ପାଇବେ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯